


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-40 ◆SUNDAY ◆3 AUG 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୪୦ ◆ରବିବାର ◆୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ଆଖିବୁଜିଲେ ବଳଙ୍ଗା ପୀଡ଼ିତା

### ଶୋକ ବ୍ୟକ୍ତକଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା

### ପରିବାରକୁ ନ୍ୟାୟ ଦାବି କଲେ ବିରୋଧୀ

### ଦିଲ୍ଲୀ ଏମ୍ସରେ ପରିବାରକୁ ସମବେଦନା ଜଣାଇଲେ ବିଜେଡି ସଂସଦୀୟ ପ୍ରତିନିଧି ଦଳ

### ଅପରାଧୀ ଧରା ନ ପଡ଼ିଲେ ରାଜରାସ୍ତା ଘେରଉ କରିବ କଂଗ୍ରେସ: ଭକ୍ତ



■ **ଭୁବନେଶ୍ୱର/ବଳଙ୍ଗା, ୨।୮ (ସମିସ):** ନିର୍ଯାତନା ନିଆଁରେ ଆଖି ବୁଜିଲେ ରାଜ୍ୟର ଆଉ ଜଣେ ପୀଡ଼ିତା। ଦୁର୍ବୃତ୍ତଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଧୀନ ନୂଆ ଗୋପାଳପୁର ଗ୍ରାମର ନାବାଳିକା ଶନିବାର ସନ୍ଧ୍ୟା ୬ଟା ୨୨ମିନିଟ୍‌ରେ ପ୍ରାଣ ହରାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ନାରୀ ନିର୍ଯାତନାର କ୍ରୁର ଫାଶରେ ପଡ଼ି ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମାଶ୍ରୀଙ୍କ ଆତ୍ମଦାହ ପରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ରାଜ୍ୟରେ ମହିଳାଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଲଗାଇଦେଇଛି। ସବୁଠୁ ବିଡ଼ମ୍ବନାର ବିଷୟ ହେଉଛି, ୬ ମାସ ଧରି ମନ୍ତ୍ରୀ, ସାଂସଦ, ବିଧାୟକ, ପୁଲିସ, କଲେଜ କର୍ତ୍ତୃପକ୍ଷଙ୍କୁ ନ୍ୟାୟ ଭିକ୍ଷାରେ ବିଫଳ ହୋଇ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ କଲେ। ଏହି ଘଟଣାରେ ସରକାରଙ୍କ ନାରୀ ସୁରକ୍ଷା ନୀତିକୁ ନେଇ ରାଜ୍ୟବ୍ୟାପି ଆନ୍ଦୋଳନ ଚାଲିଥିବାବେଳେ ବନ୍ଧୁ ଘରକୁ ବୁଲି ଯାଉଥିବା ବଳଙ୍ଗାର ଜଣେ ନାବାଳିକାକୁ କିଛି ଦୁର୍ବୃତ୍ତ କିରାସିନି ଢାଳି ପୋଡ଼ିଦେବାକୁ ଉଦ୍ୟମ କଲେ। ଅର୍ଦ୍ଧଦଗ୍ଧ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ନାବାଳିକାକୁ ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ରାଜ୍ୟ ସରକାର ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କଲେ। ତେବେ ଆଜିକୁ ପ୍ରାୟ ୧୫ ଦିନ ଧରି ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ପୁଲିସ ଅପରାଧୀଙ୍କ ସଂପର୍କରେ କୌଣସି ▶ପୃଷ୍ଠା-୭

## ଅନ୍ଧାରରେ ତଦନ୍ତ, ଅଦୃଶ୍ୟରେ ଅପରାଧୀ

■ **ପୁରୀ, ୨।୮ (ସମିସ):** ଦୀର୍ଘ ୧୫ ଦିନ ଧରି ଜୀବନ ମରଣ ସହ ଯୁଝି ହେଉଥିବା ବଳଙ୍ଗା ପୀଡ଼ିତା ଶେଷରେ ହାରି ଯାଇଛନ୍ତି। ଶନିବାର ସନ୍ଧ୍ୟାରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ତଦନ୍ତରୁ କିଛି ନିଷ୍କର୍ଷ ବାହାରି ନ ଥିବାବେଳେ ପୀଡ଼ିତା ଆଖି ବୁଜି ଦେଇଛନ୍ତି। ଏବେ ତଦନ୍ତ କୁଆଡ଼େ ଯିବ ତାହା ଏବେ ବଡ଼ ପ୍ରଶ୍ନ? ପୀଡ଼ିତାଙ୍କଠାରୁ ୪ ଥର ବୟାନ ରେକର୍ଡ ପରେ ବି ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ୧୫ ଦିନ ମଧ୍ୟରେ ଏହି ଜଘନ୍ୟ କାଣ୍ଡ ଉପରୁ ପରଦା ହଟାଇପାରି ନାହିଁ। ଘଟଣାର ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ସକ୍ଷମ ହୋଇନାହାନ୍ତି। ଏହି ରହସ୍ୟମୟ ଘଟଣାର ସବୁଠୁ ବଳିଷ୍ଠ ପ୍ରତ୍ୟକ୍ଷଦର୍ଶୀ ନିଜେ ପୀଡ଼ିତା ହିଁ ଥିଲେ। ହେଲେ ତାଙ୍କ ବୟାନକୁ ନେଇ ନାନା ପ୍ରକାର ଚର୍ଚ୍ଚା ଆଲୋଚନା ହୋଇଛି। ପୀଡ଼ିତାଙ୍କ ବୟାନରେ ତାଳମେଳ ରହୁ ନ ଥିବା ଖବର ଲୋକମୁଖରେ ପ୍ରଚାରିତ ହୋଇଛି। ତେଣୁ କ'ଣ ପାଇଁ ଜଣେ ନାବାଳିକାକୁ ଜିଅନ୍ତା ପୋଡ଼ି ମାରିଦେବାକୁ ହୋଇଥିଲା ଉଦ୍ୟମ ତାହା ରହସ୍ୟରେ ହିଁ ରହିଯିବ ବୋଲି ଚର୍ଚ୍ଚା ହେଉଛି।

**ପୋଡ଼ିରେ କାହାରି ସମ୍ପୃକ୍ତି ନାହିଁ: ପୁଲିସ**

**ତଦନ୍ତର ଦିଗ କୁଆଡ଼େ ଯିବ ?**

ଘଟଣାକ୍ରମ ଅନୁସାରେ, ଗତ ଜୁଲାଇ ୧୯ ତାରିଖରେ ବଳଙ୍ଗାରେ ନାବାଳିକାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଯେଉଁଠି ଥିଲେ ବି ଖୋଜି ଧରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କହିଥିଲେ, ଅପରାଧୀଙ୍କୁ ଖୋଜି ବାହାର କରିବୁ, କଠୋରରୁ କଠୋରତମ ଦଣ୍ଡ ବିଧାନ କରାଯିବ।

ଘଟଣାଦିନ ବଳଙ୍ଗାର ନୂଆ ଗୋପାଳପୁରରେ ପୁରୀ ଏସ୍‌ପି ପିନାକ ମିଶ୍ର ଏବଂ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ପହଞ୍ଚି ତଦନ୍ତ କରିଥିଲେ। ୧୯ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ମନୋରଞ୍ଜନ ସାହୁଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଥିଲା। ବିଏନ୍‌ଏସ୍‌ଏସ୍ ଧାରା-୧୮୦ ଅନୁଯାୟୀ ବୟାନ ରେକର୍ଡ କରାଯାଇଥିଲା। ଏହି ସମୟରେ ପୀଡ଼ିତାଙ୍କ ପରିବାର ଲୋକେ, ଡାକ୍ତର, ବଳଙ୍ଗା ପୁଲିସ ଓ ଖଣ୍ଡଗିରି ଥାନା ପୁଲିସ ଉପସ୍ଥିତ ଥିଲା।

୨୦ ତାରିଖରେ ବଳଙ୍ଗା ପୀଡ଼ିତାଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ପାଇଁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ସେହିପରି ବଳଙ୍ଗା ନୂଆ ଗୋପାଳପୁର ଗସ୍ତ କରିଥିଲେ ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ। ଡିଜି ଘଟଣାସ୍ଥଳ ପରିଦର୍ଶନ ପରେ ପୀଡ଼ିତାଙ୍କ ପରିବାର ଲୋକଙ୍କ ସହ ▶ପୃଷ୍ଠା-୭

## ୭୫ ବର୍ଷରେ ଏନ୍‌ଡିଏରେ ପ୍ରଥମ ଓଡ଼ିଆ ଝିଅ

## ସାବାସ୍ ଶ୍ରାବଣୀ



■ **ଭୁବନେଶ୍ୱର, ୨।୮ (ଏଜେନ୍ସି):** ଶ୍ରାବଣୀ ଦାସ ପ୍ରଥମ ଓଡ଼ିଆ ବାଳିକା ଭାବେ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ସେ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀ। ସେ ସଶସ୍ତ୍ର ସୀମା ବଳ ପାଇଁ ଏସ୍‌ଏସ୍‌ବି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଡିଏଭି ପବ୍ଲିକ ସ୍କୁଲ ସମେତ ସାରା ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି।

### ଅନିଶ୍ଚିତତାରେ ମହାନଦୀ ଜଳ ବିବାଦ ସମାଧାନ

# ସଂଶୟ ବଢ଼ାଇଲା ସାଏଙ୍କ ମନ୍ତବ୍ୟ

## ଆପୋସ ସମାଧାନ ପାଇଁ ଚିଠି ଲେଖିଥିଲେ ମୋହନ

■ **ଭୁବନେଶ୍ୱର, ୨।୮ (ସମିସ):** ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ଏବେ ଅନିଶ୍ଚିତତା ଘେରକୁ ଠେଲି ହୋଇଯାଇଛି। ଏହି ଜଳବିବାଦର ଆପୋସ ସମାଧାନ ପାଇଁ ଛତିଶଗଡ଼ ସହ ଆଲୋଚନା ଜାରି ରହିଛି ବୋଲି ବାରମ୍ବାର ଦାବି କରୁଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯାଏଁ ଗଣମାଧ୍ୟମକୁ ଏନେଇ ପ୍ରତିକ୍ରିୟା ମଧ୍ୟ ପ୍ରଦାନ କରିଛନ୍ତି। ମାତ୍ର ବିଭିନ୍ନ ମହଲର ଦୃଢ଼ ଦାବି ସତ୍ତ୍ୱେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନାର ରୂପରେଖ କୌଣସି ଚିତ୍ର ସ୍ପଷ୍ଟ ହେଉନାହିଁ। ଏନେଇ ରାଜ୍ୟ ସରକାର ମଧ୍ୟ ପଦୁଟିଏ ମୁହଁ ଖୋଲୁନାହାନ୍ତି। ଯାହାକୁ ନେଇ ସାଧାରଣରେ ସଂଶୟ ବଢ଼ୁଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏକ ଚିଠିର ପ୍ରତ୍ୟୁତ୍ତରରେ ଛତିଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ଚିଠି ଏହି ସଂଶୟକୁ ଦ୍ୱିଗୁଣିତ କରିଛି। ଶ୍ରୀ ମାଝୀଙ୍କୁ ଲେଖିଥିବା ଚିଠିରେ ଶ୍ରୀ ସାଏ ଉଲ୍ଲେଖ କରିଛନ୍ତି ଯେ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ଗତ ୨୫ ତାରିଖରେ ଆପଣଙ୍କ ଚିଠିରେ ଉଲ୍ଲେଖଥିବା ପ୍ରସ୍ତାବ ମୋର ଅବଗତ ହୋଇଛି। ଏହା ବର୍ତ୍ତମାନ ବିଚାରାଧୀନ ରହିଛି ବୋଲି ଶ୍ରୀ ସାଏ କହିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଏପରି ପ୍ରତ୍ୟୁତ୍ତରକୁ



**ଓଡ଼ିଶାର ପ୍ରସ୍ତାବକୁ ବିଚାର କରୁଛୁ: ଛତିଶଗଡ଼**

**ବିଶେଷଜ୍ଞ ମହଲର ଦାବି, ଆଲୋଚନାକୁ ସାର୍ବଜନୀନ କରନ୍ତୁ ସରକାର**

**ଚିଠିରେ ଆପୋସ ସମାଧାନ ହୁଏନି: କଂଗ୍ରେସ**

**ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବିକଲେ ବିରୋଧୀ**

ନେଇ ବିଶେଷଜ୍ଞ ମହଲ ମାଳମାଳ ପ୍ରଶ୍ନ ବାଢ଼ିଛନ୍ତି। ରାଜ୍ୟ ସରକାର ବିବାଦର ସମାଧାନ ପାଇଁ ଛତିଶଗଡ଼ ସହ କେଉଁ ପ୍ରକାର ଆଲୋଚନା କରୁଛନ୍ତି, ତାହା ସ୍ପଷ୍ଟ କରନ୍ତୁ। ମହାନଦୀ ଓଡ଼ିଶାର ଜୀବନରେଖା ଅଟେ। ତେଣୁ ଓଡ଼ିଶାର ▶ପୃଷ୍ଠା-୭

## ସେପ୍ଟେମ୍ବର ୬କୁ ଘୁଞ୍ଚିଲା ଶୁଣାଣି

■ **ଭୁବନେଶ୍ୱର, ୨।୮ (ସମିସ):** ମହାନଦୀ ଜଳବିବାଦ ମାମଲାର ଶୁଣାଣି ଆସନ୍ତା ସେପ୍ଟେମ୍ବର ୬ ତାରିଖକୁ ଘୁଞ୍ଚିଛି। ଶନିବାର ଟ୍ରିବ୍ୟୁନାଲରେ ୪୪ତମ ଶୁଣାଣିରେ ଓଡ଼ିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଭୟ ସରକାରଙ୍କ ପକ୍ଷରୁ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ଏଯାବତ୍ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ରାଜ୍ୟରେ ପ୍ରଶାସନିକ ତଥା ରାଜନୈତିକ ସ୍ତରରେ ଆପୋସ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ। ଏହାକୁ ନେଇ ଟ୍ରିବ୍ୟୁନାଲ ସନ୍ତୋଷ ପ୍ରକାଶ କରିବା ସହ ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ୬ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ଗଣମାଧ୍ୟମକୁ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ଆପୋସ ସମାଧାନ ପାଇଁ ଅନେକ ଗୁଡ଼ିଏ ପଦକ୍ଷେପ ନିଆଯାଉଛି। ଟ୍ରିବ୍ୟୁନାଲ ଗତ ଆଦେଶରେ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ମାଧ୍ୟମରେ କଣ ଅଗ୍ରଗତି ହୋଇଛି ସେନେଇ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

# ପୁଣି ଝୁଲିଲା ନିଗମ, ବୋର୍ଡ ନିଯୁକ୍ତି

### ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ ପରେ ଓଡ଼ିଶା ବିଜେପି ଟିମ୍: ମନମୋହନ

■ **ଭୁବନେଶ୍ୱର, ୨।୮ (ସମିସ):** ଗୋଟିଏ ପଟେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବିଳମ୍ବିତ ହେବାରେ ଲାଗିଥିବା ବେଳେ ବିଜେପିର ରାଜ୍ୟ ସଂଗଠନ ପୁନର୍ବିନ୍ୟାସ ଏବଂ ନିଗମ ଓ ବୋର୍ଡରେ ନିଯୁକ୍ତିରେ ମଧ୍ୟ ବିଳମ୍ବ ଘଟିପାରେ। ଶନିବାର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏନେଇ ସୂଚନା ଦେଇଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍ ଘୋଷଣା ହେବ। ଏହା ଦଳର ସାମ୍ବିଧାନିକ ବ୍ୟବସ୍ଥା ଅଟେ। ତେବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ କେବେ ସରିବ, ସେନେଇ କୌଣସି ତାରିଖ ଧାର୍ଯ୍ୟ ହୋନାହିଁ। ସେହିଭଳି ନିଗମ ଓ ବୋର୍ଡ ନେଇ ଆମେ ବସିଲା ପରେ ନିଷ୍ପତ୍ତି ନେବୁ ବୋଲି ମନମୋହନ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣକୁ ନେଇ ଗତ କିଛି ମାସ ଧରି ଚର୍ଚ୍ଚା ଆଲୋଚନା ଜାରି ରହିଥିଲେ ମଧ୍ୟ ଏହା ସାକାର ରୂପ ନେଇପାରୁ ନାହିଁ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ବାର ଦିଲ୍ଲୀ ଗସ୍ତ କରି ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ବରିଷ୍ଠ ନେତୃବୃନ୍ଦଙ୍କୁ ଭେଟି ସାରିଛନ୍ତି। ଏହି ଭେଟଘାଟ ସମୟରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ନେଇ ଆଲୋଚନା ହୋଇଥିବା ଦାବି କରାଯାଇଥିଲେ ମଧ୍ୟ ଏଯାବତ୍ ସମ୍ପ୍ରସାରଣକୁ ବାସ୍ତବତାର ରୂପ ଦିଆଯାଇ ପାରୁନାହିଁ। ତେବେ ପୁନର୍ବାର ବିଜେପି ସଭାପତି ଭାବେ ▶ପୃଷ୍ଠା-୭

**ଟ୍ରକ୍ ଧକ୍କାରେ ଜଳିଗଲା ବାଇକ୍**

## ବାପା-ପୁଅ ମୃତ, ଭଣଜା ଗୁରୁତର

■ **ପୋଡ଼ାଗଡ଼, ୨।୮ (ସମିସ):** କୋରାପୁଟ-ରାୟଗଡ଼ା ୩୨୬ନଂ ଜାତୀୟ ରାଜପଥର ପୋଡ଼ାଗଡ଼ ଅନୁସୂଚିତ ଜାତି ଓ ଜନଜାତି କନ୍ୟାଶ୍ରମ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ଭଣଜା ଗୁରୁତର ଆହତ ହୋଇଛି। ମୃତକଦ୍ୱୟ ହେଲେ, କୋରାପୁଟ ଟିକରା ସାହିର କୈଳାସ ଖରା ଓ ତାଙ୍କର ଚାରି ବର୍ଷର ପୁଅ। ସେହିପରି କୈଳାସଙ୍କ ଭଣଜା ଅମନ ରେଡ୍ଡୀଙ୍କୁ ଗୁରୁତର ଅବସ୍ଥାରେ ପୋଡ଼ାଗଡ଼ ମେଡିକାଲ ଏବଂ ପରେ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଏକ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରକ୍ ଧକ୍କାରେ ବାଇକ୍‌ଟି ଘଟଣାସ୍ଥଳରେ ଜଳି ଯାଇଥିଲା।

ସୂଚନାନୁଯାୟୀ, ୪ବର୍ଷର ପୁଅ ଓ ଭଣଜା ଅମନ ସହ କୈଳାସ ଏକ ବାଇକ୍‌ରେ ଦଶମନ୍ତପୁର ବ୍ଲକ୍‌ର ଚଣାବାଡ଼ ଗ୍ରାମ ନିକଟସ୍ଥ ଏକ ମନ୍ଦିରକୁ ଯାଉଥିଲେ। ପୋଡାଗଡ଼ ଅନୁସୂଚିତ ଜାତି ଓ ଜନଜାତି କନ୍ୟାଶ୍ରମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଦ୍ରୁତ ଗତିରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବାଇକ୍‌ଟି ଜଳିଯିବା ସହ ବାପ-ପୁଅଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଅମନଙ୍କୁ ଉକ୍ତ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ରୁଦ୍ର ନାରାୟଣ ପାଢ଼ୀ ଓ ସ୍ଥାନୀୟ ଲୋକ ଉଦ୍ଧାର କରି ପ୍ରଥମେ ପୋଡ଼ାଗଡ଼ ମେଡିକାଲରେ ଭର୍ତ୍ତି କରାଇଥିଲେ। ▶ପୃଷ୍ଠା-୭

### ଗଳାବାଟ ପାଲଟିଛି ଭୁବନେଶ୍ୱର ବିମାନବନ୍ଦର

## ପୁଣି ୮ କୋଟିର ବିଦେଶୀ ଗଞ୍ଜେଇ ଜବତ

■ **ଭୁବନେଶ୍ୱର, ୨।୮ (ସମିସ):** ଭୁବନେଶ୍ୱର ବିମାନ ବନ୍ଦର ପାଲଟିଛି ନିଶା ମାଫିଆଙ୍କ ଗଳାବାଟ। ସେମାନେ ବ୍ୟାଙ୍କକ ଏବଂ ଥାଇଲାଣ୍ଡରୁ ବିଦେଶୀ ଗଞ୍ଜେଇ(ମାରିଜୁଆନା)କୁ ଭୁବନେଶ୍ୱରକୁ ଚାଲାଣ କରୁଛନ୍ତି। ଦୁଇ ଦିନ ତଳେ ବିମାନ ବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ କରାଯାଇଥିବା ବେଳେ ୩ଜଣ ଯାତ୍ରୀଙ୍କୁ ଗିରଫ କରାଯାଇଥିଲା। ହେଲେ ଆଜି ପୁଣି ବିମାନ ବନ୍ଦରରୁ ଧରାପଡ଼ିଲା ବିଦେଶୀ ଗଞ୍ଜେଇ ବା ମାରିଜୁଆନା। ଥାଇଲାଣ୍ଡରୁ ଭୁବନେଶ୍ୱର ଆସୁଥିବାବେଳେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ୮ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ ଜବତ ହୋଇଛି। ଥାଇଲାଣ୍ଡରୁ ଇଣ୍ଡିଗୋ ଫ୍ଲାଇଟରେ ଆସୁଥିବା ବେଳେ ଧରିଲା ଡିଆରଆଇ ବିଭାଗ। ଏହାକୁ ଚାଲାଣ କରୁଥିବା ଅହମ୍ମଦାବାଦର ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ସେ ପୂର୍ବରୁ ଏକାଧିକ ବାର ଏଭଳି ମାରିଜୁଆନା ଚାଲାଣ କରୁଥିବା ସେ ସ୍ୱୀକାର କରିଛନ୍ତି।




**ଅହମ୍ମଦାବାଦର ଜଣେ ଅଭିଯୁକ୍ତକୁ ଗିରଫ କଲା କଷ୍ଟମ ବିଭାଗ**

ଯାତ୍ରୀ ଜଣଙ୍କ ଚକୋଲେଟ୍ ଜରି ଭିତରେ ପ୍ୟାକ୍ କରି ବ୍ୟାଗ୍ ଭିତରେ ପୁରାଇ ଇଣ୍ଡିଗୋ ବିମାନରେ ଭୁବନେଶ୍ୱର ପହଞ୍ଚିଥିଲେ। ହେଲେ ଗୁଇନ୍ଦା ଖବର ଆଧାରରେ ଯାତ୍ରୀଙ୍କୁ କଷ୍ଟମ ବିଭାଗ ଯାଞ୍ଚ କରିଥିଲା। ଯାଞ୍ଚ ପରେ ଏକ ଚକୋଲେଟ ଜରି ଭିତରୁ ▶ପୃଷ୍ଠା-୭

**ଟ୍ରମ୍ପଙ୍କ ମୁଖା ଖୋଲିଲା ଅର୍ଥ ବିଭାଗର ତଥ୍ୟ**

# କମୁଛି ନିଯୁକ୍ତି, ବଢୁଛି ଦରଦାମ୍

■ **ୱାଶିଂଟନ, ୨।୮ (ଏଜେନ୍ସି):** ଶୁଳ୍କ ଧମକ ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଆର୍ଥିକ ଅସ୍ଥିରତା ସୃଷ୍ଟି କରିଛନ୍ତି। ସେ କାହା କଥା ଶୁଣୁ ନାହାନ୍ତି। ବିଶେଷଜ୍ଞଙ୍କ ଚେତାବନୀ ମଧ୍ୟ ମାନୁ ନାହାନ୍ତି। ଆମେରିକା ଅର୍ଥନୀତି ଏବେ ମାନ୍ଦାବସ୍ଥା ମୁହାଁ ହୋଇଛି। ବିପୁଳ ଋଣ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଙ୍କଟକୁ ବଢ଼ାଇ ଦେଇଛି। ତେଣୁ ସେ ଏଥିରୁ ବର୍ତ୍ତିବା ପାଇଁ ଅନ୍ୟ ଦେଶ ଉପରେ ଶୁଳ୍କ ବଢ଼ାଉଛନ୍ତି ବୋଲି କୁହାଯାଉଛି। ଏହାର ପ୍ରଭାବ ମଧ୍ୟ ଭାରତ ଉପରେ ପଡ଼ିବ। ଅନେକ ଭାରତୀୟ ଆମେରିକାର ଆଇଟି, ଫାର୍ମା ସହିତ ଅନ୍ୟାନ୍ୟ କ୍ଷେତ୍ରରେ କାମ କରୁଛନ୍ତି। ଭାରତୀୟ କମ୍ପାନୀ ମଧ୍ୟ ଠିକାରେ ଆମେରିକା କମ୍ପାନୀଠାରୁ କାମ ଆଣୁଛନ୍ତି। ଟ୍ରମ୍ପ ପୂର୍ବରୁ ଭାରତୀୟଙ୍କୁ ନ ନେବା ପାଇଁ ଆମେରିକୀୟ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି ସ୍ଥଳେ ଭାରତୀୟଙ୍କୁ ଚାକିରିରୁ ବିଦା କଲେ ଭାରତର ଅର୍ଥନୀତି ପ୍ରଭାବିତ ହେବ। ଭାରତୀୟ କମ୍ପାନୀଙ୍କୁ ଠିକା ନ ମିଳିଲେ ଅର୍ଥନୀତି ମନ୍ଥର ହୋଇଯିବାର ସମ୍ଭାବନା ରହିଛି।



**ନିଯୁକ୍ତି ନେଇ ଭାରତୀୟଙ୍କ ଉପରେ ପଡ଼ିବ ପ୍ରଭାବ**

**ଛଟେଇ ନିର୍ଦ୍ଦେଶ ଦେଇପାରନ୍ତି ଆମେରିକା ରାଷ୍ଟ୍ରପତି**

**ବିଶେଷଜ୍ଞଙ୍କ ଚେତାବନୀକୁ ଉପେକ୍ଷା କରୁଛନ୍ତି ଟ୍ରମ୍ପ**

**ରାଜନୈତିକ ବିବାଦ ସୃଷ୍ଟି ହେବା ଆଶଙ୍କା**

ଅନ୍ୟପକ୍ଷରେ ନିଜ ନୀତି ପାଇଁ ଟ୍ରମ୍ପ ଆମେରିକୀୟଙ୍କ ସଙ୍କଟ ବଢ଼ାଉଛନ୍ତି। ଏବେ ତାଙ୍କ ପାଇଁ ଲୋକଙ୍କ ଉପରେ ଆର୍ଥିକ ବୋଝ ବଢ଼ିବାରେ ଲାଗିଛି। ଆମେରିକାରେ ନିଯୁକ୍ତି ସୁଯୋଗ ହ୍ରାସ ପାଇ ଚାଲିଥିବାବେଳେ ଦରଦାମ ହୁ ହୁ ହୋଇ ବଢ଼ି ଚାଲିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ବିକାଶ ହାର ମନ୍ଥର ହୋଇଯାଇଛି। ଆର୍ଥିକ ସୁବର୍ଣ୍ଣ ଯୁଗ ଆଣିଥିବା ନେଇ ଟ୍ରମ୍ପ ପ୍ରଶାସନ ଦାବି କରୁଥିବାବେଳେ ତଥ୍ୟରୁ ଭିନ୍ନ ସୂଚନା ମିଳୁଛି। ସେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ମିଳେଇ ଯାଇଛି। ଶୁଳ୍କର ବୀପରିତ ପ୍ରଭାବ ଆମେରିକା ଅର୍ଥନୀତି ଉପରେ ପଡ଼ିଛି। ଚଳିତ ସପ୍ତାହରେ ଆମେରିକା ଅର୍ଥ ବିଭାଗ ଜାରି କରିଥିବା ତଥ୍ୟରୁ ଏହି ସଙ୍କେତ ମିଳିଛି।

ଟ୍ରମ୍ପ ୬ ମାସରୁ ଅଧିକ ସମୟ ହେଲା ଦାୟିତ୍ୱ ଗ୍ରହଣ କଲେଣି। ଏହି ଅବଧିରେ ତାଙ୍କ ଶୁଳ୍କ ବୃଦ୍ଧି, ନୂଆ ଟିକସ ଏବଂ ବ୍ୟୟ ବିଲ୍ ବହୁତ ବଡ଼ ପରିବର୍ତ୍ତନ ଆଣିଛି। ସେ ଆମେରିକାର ବାଣିଜ୍ୟ, ଉତ୍ପାଦନ କ୍ଷେତ୍ର, ଶକ୍ତି ଏବଂ ଟିକସ ପ୍ରଣାଳୀକୁ ନିଜ ଅନୁସାରେ ପରିବର୍ତ୍ତନ କରୁଛନ୍ତି। ଏହା ସହିତ କୌଣସି ସମ୍ଭାବ୍ୟ ବିଜୟର ଶ୍ରେୟ ନେବାକୁ ମଧ୍ୟ ପଛାଉନାହାନ୍ତି। ତେବେ ସମ୍ପ୍ରତି ଆମେରିକୀୟ ଅର୍ଥନୀତିରେ ମାନ୍ଦାବସ୍ଥାକୁ ଟାଳିବା ପାଇଁ ଟ୍ରମ୍ପଙ୍କ ଶୁଳ୍କ ରାଜନୀତିରେ ସେପରି ବୈଶ୍ୱିକ ସଫଳତା ପାଇପାରୁନାହାନ୍ତି। ଏହି ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଅନ୍ୟକୁ ଦୋଷ ଦେବାକୁ ମଧ୍ୟ ପଛାଉ ନାହାନ୍ତି। ଏ ପର୍ଯ୍ୟନ୍ତ ଟ୍ରମ୍ପ ଦେଇଥିବା ପ୍ରତିଶ୍ରୁତିର ପ୍ରଭାବ ଦେଖାଯାଇ ନାହିଁ। ତେଣୁ ଆର୍ଥିକ ନୀତି ପାଇଁ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଦୋଷ ଦେବା ନୀତି ବି ଏବେ ଫେଲ୍ ମାରିଛି। ▶ପୃଷ୍ଠା-୭

## ପଞ୍ଜାବର ମନୀଷ ନ୍ୟୁଜିଲାଣ୍ଡରେ ହେଲେ ପୁଲିସ ଅଧିକାରୀ



କପୁରଥଲା, ୨।୮ (ଏଜେନ୍ସି): ପଞ୍ଜାବର କପୁରଥଲା ଜିଲ୍ଲାର ନଡାଲା ଗାଁର ମନୀଷ ଶର୍ମା ନ୍ୟୁଜିଲାଣ୍ଡ ପୁଲିସ୍‌ରେ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କର ଏହି ସଫଳତାରେ ପୂରା ଗାଁରେ ଆନନ୍ଦର ଲହଡି ଖେଳିଯାଇଛି । ୧୦ମ ଓ ଦ୍ୱାଦଶ ପଢ଼ା ସରିବା ପରେ ମନୀଷ ୨୦୧୬ରେ ନ୍ୟୁଜିଲାଣ୍ଡ ଚାଲିଯାଇଥିଲେ । ସେଠାରେ ସେ କଠିନ ପରିଶ୍ରମ କରି ନିଜ ଅଧ୍ୟବସାୟ ବଳରେ ପୁଲିସ ଫୋର୍ସରେ ଭର୍ତ୍ତି ହୋଇଛନ୍ତି । ଦୀର୍ଘ ୩ ବର୍ଷ ଧରି ସେ ଶାରୀରିକ ଓ ମାନସିକ ପରିଶ୍ରମ କରିବା ପରେ ସେ ଏହି ସଫଳତା ପାଇଛନ୍ତି ବୋଲି ମନୀଷଙ୍କ ପିତା ଓମ୍ ପ୍ରକାଶ ଶର୍ମା କହିଛନ୍ତି । ସେ ପରିବାର ସହିତ ପୂରା ଗାଁ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ବୋଲି ସେ କହିଛନ୍ତି । ତାଙ୍କୁ ଖୁବଶୀଘ୍ର ନ୍ୟୁଜିଲାଣ୍ଡର କୌଣସି ଜିଲ୍ଲାରେ ଅଧିକାରୀ ଭାବେ ନିଯୁକ୍ତି ମିଳିବ । ମନୀଷ ନିଜ ଗାଁରେ ୧୦ମ ପର୍ଯ୍ୟନ୍ତ ପଢ଼ିଥିଲେ । ଏହାପରେ ସେ ଜଳନ୍ଧରର ଏକ ପ୍ରତିଷ୍ଠିତ ସ୍କୁଲରେ ଦ୍ୱାଦଶ ପାସ୍ କରିଥିଲେ । ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ।

## ଦୁଇଜଣ ପର୍ଣ୍ଣଷ୍ଟାରଙ୍କୁ ଉପ-ମନ୍ତ୍ରୀ ଭାବେ ନିଯୁକ୍ତି ଦେଲେ କଲମ୍ବିଆ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨।୮(ଏଜେନ୍ସି): କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ସମସ୍ତଙ୍କୁ ଚକିତ କରି ପର୍ଣ୍ଣ ଅର୍ଥାତ ଅଶ୍ଳୀଳ ସିନେମାରେ କାମ କରିଥିବା ଦୁଇଜଣଙ୍କୁ ଉପ-ମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି । ସେ ଆଲେଜାନ୍ଦ୍ରା ଓମାନା ଓ ଜୁଆନ୍ ମର୍ଲୋସ ଫ୍ଲୋରିୟାନଙ୍କୁ ସମାନତା ମନ୍ତ୍ରଣାଳୟରେ ଦାୟିତ୍ୱ ଅର୍ପଣ କରିଛନ୍ତି । ଓମାନା ଓ ଫ୍ଲୋରିୟାନ ଏବେ ସମାଜର ଦୁର୍ବଳ ବର୍ଗର ଲୋକଙ୍କ ନିକଟକୁ ସରକାରୀ ସହାୟତା ପହଞ୍ଚାଇବାକୁ ପ୍ରୟାସ କରିବେ । କିନ୍ତୁ ଏହି ଦୁଇ ପର୍ଣ୍ଣ ଷ୍ଟାରଙ୍କ ନିଯୁକ୍ତିକୁ ଉପରାଷ୍ଟ୍ରପତି ଫ୍ରାନ୍ସିଆ ମାର୍କେଜ ନାପସନ୍ଦ କରି ଅସନ୍ତୋଷ ଜାହିର କରିଛନ୍ତି । ଏହା ଦ୍ୱାରା ସରକାରଙ୍କ ଛବି ତଥା ଭାବମୂର୍ତ୍ତୀ କ୍ଷୁର୍ଣ୍ଣ ହେବ ବୋଲି ସେ କହିଛନ୍ତି । ତେବେ ଗୁସ୍ତାଭୋ ଏହି ନିଯୁକ୍ତିକୁ ଠିକ୍ ବୋଲି ଦର୍ଶାଇଛନ୍ତି । ପ୍ରଥମେ ଏହି ମନ୍ତ୍ରଣାଳୟର ଦାୟିତ୍ୱ ଉପରାଷ୍ଟ୍ରପତିଙ୍କ ନିକଟରେ ଥିଲା । ଓମାନା ସାମ୍ବାଦିକତା ଛାଡି ପର୍ଣ୍ଣ ଇଣ୍ଡଷ୍ଟ୍ରୀରେ ସକ୍ରିୟ ଥିଲେ । ସେହିପରି ଫ୍ଲୋରିୟାନ୍ ଖର୍ଚ୍ଚ ମେଣ୍ଟାଇବାକୁ ଯାଇ ପର୍ଣ୍ଣ ଇଣ୍ଡଷ୍ଟ୍ରୀରେ ଯୋଗ ଦେଇଥିଲେ ।

## ପଞ୍ଜାବ ଯୁବକଙ୍କର କମ୍ ହେଲା ବିଦେଶ ଯିବା ନିଶା

ଅମୃତସର, ୨।୮ (ଏଜେନ୍ସି): ପଞ୍ଜାବର ଯୁବକଙ୍କଠାରେ ବିଦେଶ ଯିବାର କ୍ରେଜ୍ ତଥା ନିଶା କମ୍ ହୋଇଛି । ଗତ କିଛି ବର୍ଷ ମଧ୍ୟରେ ଏହା ଦେଖିବାକୁ ମିଳିଛି । ନିର୍ବାଚନରେ ମଧ୍ୟ ଏ ନେଇ ଜୋରସୋରରେ ରାଜନୀତି ହୋଇଛି । ଏବେ ସ୍ଥିତିରେ ବଡ଼ ଧରଣର ପରିବର୍ତ୍ତନ ହୋଇଛି । କାନାଡା ଓ ଅଷ୍ଟ୍ରେଲିଆ ସମେତ ଅନ୍ୟ ଦେଶଗୁଡିକରେ କଠୋର ନୀତି ଲାଗୁ ହେବା କାରଣରୁ ପଞ୍ଜାବରେ ପାସପୋର୍ଟ ବାହାର କରିବାର ସଂଖ୍ୟା ଯଥେଷ୍ଟ କମ୍ ହୋଇଛି । ୨୦୨୪ରେ ପ୍ରତିଦିନ ପାସପୋର୍ଟ ପାଇଁ ୨୯୦୬ ଆବେଦନ କରାଯାଇଥିଲା । କିନ୍ତୁ ୨୦୨୫ ଜାନୁଆରୀ ୧ରୁ ଜୁନ୍ ୩୦ ମଧ୍ୟରେ ପ୍ରତିଦିନ ୧୯୭୮ ପାର୍ସପୋର୍ଟ ପାଇଁ ଆବେଦନ କରାଯାଇଛି । କିନ୍ତୁ ପଞ୍ଜାବର ଆପ୍ ସରକାର ଏହାକୁ ନିଜର ସଫଳତା ବୋଲି ବଖାଣୁଛି । କାରଣ ନିର୍ବାଚନ ପୂର୍ବରୁ ଆପ୍ 'ବତନ ୱାପସୀ' ଅର୍ଥାତ ସ୍ୱଦେଶ ପ୍ରତ୍ୟାବର୍ତ୍ତନର ସ୍ଲୋଗାନ ଦେଉଥିଲା । କିନ୍ତୁ ଏହାର ପ୍ରକୃତ କାରଣ ଭିନ୍ନ ବୋଲି ଜଣାଯାଇଛି । ଆମେରିକା, ଅଷ୍ଟ୍ରେଲିଆ, କାନାଡା ନିଜର ଭିସା ଓ ଇମିଗ୍ରେସନ ନିୟମ କଡ଼ା କରିବା ଫଳରେ ବିଦେଶ ଯିବାକୁ ସ୍ୱପ୍ନ ଦେଖୁଥିବା ଯୁବକଙ୍କୁ ଏବେ ରାଜ୍ୟରେ ରହିବାକୁ ପଡୁଛି । ଗତ ୧୦ ବର୍ଷରେ ପାସପୋର୍ଟ ବାହାର କରିବା ସଂଖ୍ୟାରେ ଯଥେଷ୍ଟ ଅବନତି ହୋଇଛି ।

## ଜମ୍ମୁ-କଶ୍ମୀରରେ ଏନ୍‌କାଉଣ୍ଟର, ୨ ଆତଙ୍କୀ ମୃତ

ଶ୍ରୀନଗର, ୨।୮(ଏଜେନ୍ସି): ଜମ୍ମୁ- କଶ୍ମୀର କୁଲଗାମର ଅଖଲ ଜଙ୍ଗଲରେ ଶନିବାର ଦୁଇଜଣ ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଦ୍ୱାରା ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି । ଦୁଇଜଣଙ୍କ ମୃତଦେହ ଜବତ କରାଯାଇଛି । ଏମାନଙ୍କ ମଧ୍ୟରୁ ଜଣେ ହେଉଛି ପୁଲୱାମାର ହାରିସ ନଜିର ଦାର । ତେବେ ଦ୍ୱିତୀୟ ଆତଙ୍କୀ ପରିଚୟ ମିଳିପାରିନାହିଁ । ହାରିସ୍ ସକାଳେ ନିହତ ହୋଇଥିଲା । ସେହିପରି ଅନ୍ୟଜଣକ ଦ୍ୱିପହରରେ ମୃତ ବୋଲି ଜଣାପଡ଼ିଥିଲା । ସ୍ପେଶାଲ ଅପରେସନ ଗ୍ରୁପ୍, ଜମ୍ମୁ- କଶ୍ମୀର ପୁଲିସ, ସେନା ଓ ସିଆରପିଏଫ୍ ମିଳିତ ଭାବେ ଏହି 'ଅପରେସନ ଅଖଲ'କୁ ସଫଳ କରାଯାଇଛନ୍ତି । ହାରିସ ସି- ବର୍ଗର ଆତଙ୍କବାଦୀ ଥିଲା । ପହଲଗାମ ଆକ୍ରମଣ ପରେ ଗୋଇନ୍ଦା ବିଭାଗ ଏପ୍ରିଲ ୨୬ ତାରିଖରେ ଆତଙ୍କବାଦୀଙ୍କର ଏକ ତାଲିକା ଜାରି କରିଥିଲା । ଏଥିରେ ଉଲ୍ଲେଖ ଥିବା ୧୪ ଜଣ ସ୍ଥାନୀୟ ଆତଙ୍କବାଦୀଙ୍କ ମଧ୍ୟରେ ହାରିସର ନାମ ଥିଲା । ଏହି ଦୁଇ ଆତଙ୍କବାଦୀଙ୍କଠାରୁ ଏକେ-୪୭ ରାଇଫଲ, ମ୍ୟାଗାଜିନ, ଗ୍ରେନେଡ୍ ଓ ଗୋଳା ବାରୁଦ ଜବତ କରାଯାଇଛି । ଶୁକ୍ରବାର ରାତିରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା । ସର୍ଚ୍ଚ ଅପରେସନ ବେଳେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ । ଜଙ୍ଗଲରେ ଏବେ ମଧ୍ୟ କେତେଜଣ ଆତଙ୍କବାଦୀ ଲୁଚି ରହିଛନ୍ତି ଓ ଦୁଇପଟୁ ଗୁଳି ବିନିମୟ ଚାଲିଛି । ୧୪ ସ୍ଥାନୀୟ ଆତଙ୍କବାଦୀଙ୍କ ମଧ୍ୟରୁ ୭ ଜଣ ସୁରକ୍ଷାକର୍ମୀଙ୍କ ଦ୍ୱାରା ନିହତ ହୋଇଥିବା ବେଳେ ବାକି ୭ ଜଣଙ୍କ ଖୋଜା ଜାରି ରହିଛି ।

## ଗୋଟିଏ ସପ୍ତାହ ପୂର୍ବରୁ ବନ୍ଦ ହେଲା ଅମରନାଥ ଯାତ୍ରା

ଶ୍ରୀନଗର, ୨।୮(ଏଜେନ୍ସି): ଅମରନାଥ ଯାତ୍ରାକୁ ବନ୍ଦ କରାଯାଇଛି । ଏହି ପବିତ୍ର ଯାତ୍ରା ଅଗଷ୍ଟ ୯ ପର୍ଯ୍ୟନ୍ତ ଚାଲିବାର ଥିଲା । କିନ୍ତୁ ପ୍ରବଳ ବର୍ଷା କାରଣରୁ ରାସ୍ତା ଖରାପ୍ ହେବାରୁ ଏହାକୁ ଅଗଷ୍ଟ ୩ରେ ହିଁ ବନ୍ଦ କରାଯାଇଛି । ଅମରନାଥ ଯାତ୍ର ଜୁଲାଇ ୩ ତାରିଖରୁ ଆରମ୍ଭ ହୋଇଥିଲା ଓ ଅଗଷ୍ଟ ୯ରେ ରାଖୀ ପୂର୍ଣ୍ଣିମା ଦିନ ବନ୍ଦ ହେବାର କାର୍ଯ୍ୟକ୍ରମ ଥିଲା । ଚଳିତବର୍ଷ ୪ ଲକ୍ଷ ୧୦ ହଜାର ଶ୍ରଦ୍ଧାଳୁ ଅମରନାଥ ଦର୍ଶନ କରି ସାରିଛନ୍ତି । କିନ୍ତୁ ଗତବର୍ଷ ୫ ଲକ୍ଷ ୧୦ ହଜାର ଶ୍ରଦ୍ଧାଳୁ ଦର୍ଶନ କରିଥିଲେ । ପ୍ରବଳ ବର୍ଷା ହେବା କାରଣରୁ ଯାତ୍ରା ମାର୍ଗ ତଥା ରାସ୍ତା ଖରାପ ହୋଇଯାଇଛି ବୋଲି କଶ୍ମୀର ଡିଭିଜନାଲ କମିଶନର ବିଜୟ କୁମାର ବିଧୁଡି କହିଛନ୍ତି । ବାଲଟାଲ ଓ ପହଲଗାମ ରାସ୍ତା ଅତି ଖରାପ ହୋଇଥିବା ବେଳେ ଏହି ଦୁଇଟି ରାସ୍ତାର ମରାମତି କରାଯିବ । ଏଥିପାଇଁ ଯାତ୍ରାକୁ ଆଗୁଆ ଶେଷ କରିବାକୁ ହେଲା । ରାସ୍ତା ଉପରେ ମେସିନ ଓ କର୍ମୀଙ୍କ କ୍ରମାଗତ ଉପସ୍ଥିତି ଯାତ୍ରାରେ ଅନ୍ତରାୟ ସୃଷ୍ଟି କରିଥିଲା ବୋଲି ସେ କହିଛନ୍ତି । ଗତ ୨୦୨୪ର ଯାତ୍ରା ୫୨ ଦିନର ଥିଲା । ସେହିପରି ୨୦୨୩ରେ ୬୨, ୨୦୨୨ରେ ୪୩, ୨୦୧୯ ରେ ଯାତ୍ରା ୪୬ ଦିନ ପର୍ଯ୍ୟନ୍ତ ଚାଲିଥିଲା ।

## ସରକାରୀ ଘର ଛାଡ଼ିଲେ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ

ନୂଆଦିଲ୍ଲୀ, ୨।୮(ଏଜେନ୍ସି): ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ୍ ରାଜଧାନୀ ଦିଲ୍ଲୀସ୍ଥିତ ତାଙ୍କ ସରକରୀ ବାସଭବନ ଆନୁଷ୍ଠାନିକ ଭାବେ ଖାଲି କରିଛନ୍ତି । ସେ ୨୦୨୪ ନଭେମ୍ବର ୮ ରେ ଭାରତର ୫୦ତମ ମୁଖ୍ୟ ବିଚାରପତି ଭାବେ ଅବସର ଗ୍ରହଣ କରିଥିଲେ । ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ବାସଭବନରେ ରହିଥିବାରୁ ବିବାଦ ସୃଷ୍ଟି ହୋଇଥିଲା । ଜଷ୍ଟିସ ଚନ୍ଦ୍ରଚୂଡ ପତ୍ନୀ କଳ୍ପନା ଓ ଦୁଇ ଝିଅ ପ୍ରିୟଙ୍କା ଏବଂ ମାହୀ କ୍ରିଷ୍ଣା ମେନନ ମାର୍ଗସ୍ଥିତ ବାସଭବନରେ ରହିଆସୁଥିଲେ । ଆମେ ଜିନିଷ ପତ୍ର ବାନ୍ଧି ସାରିଛୁ ଓ କିଛି ଜିନିଷ ପୂର୍ବରୁ ନୂଆ ଘରକୁ ସ୍ଥାନାନ୍ତର କରିଛୁ ବୋଲି ସେ କହିଛନ୍ତି । ଦୁଇ ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାର ଦୁହେଁ ହ୍ୱିଲ ଚେୟାରରେ ରହୁଛନ୍ତି । ସେଥିପାଇଁ ଘର ଛାଡିବାରେ ସମସ୍ୟା ଥିଲା ବୋଲି ସେ କହିଥିଲେ । ଘର ମିଳିବା ପର୍ଯ୍ୟନ୍ତ ସରକାରୀ ବାସଭବନ ଛାଡିବାରେ ସମସ୍ୟା ଥିଲା ବୋଲି ସେ କହିଛନ୍ତି ।

## କେରଳ ନନ୍‌ଙ୍କୁ ମିଳିଲା ଜାମିନ

ରାୟପୁର, ୨।୮(ଏଜେନ୍ସି): ଛତିଶଗଡ଼ରେ ଗିରଫ ହୋଇଥିବା କେରଳର ନନ୍‌ଙ୍କୁ ଜାମିନ ମିଳିଛି । ବିଲାଶପୁରର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ନନ୍‌ଙ୍କ ସମେତ ୩ଜଣଙ୍କୁ ଜାମିନ ଦେଇଛନ୍ତି । ଜବରଦସ୍ତି ଧର୍ମାନ୍ତରଣ ଓ ମାନବ ଚାଲାଣ ଅଭିଯୋଗରେ ତାଙ୍କୁ ଛତିଶଗଡ଼ ପୁଲିସ ଗିରଫ କରିଥିଲା । ଜିଆରପି ଥାନାରେ ବଜରଙ୍ଗ ଦଳ ଏହି ୩ ଜଣଙ୍କ ନାମରେ ଏଫ୍‌ଆଇଆର୍ ରୁଜୁ କରିଥିଲେ । ଗତ ୯ ଦିନ ହେବ ଏହି ୩ଜଣ ମିସନାରୀ ଦୁର୍ଗ ଜେଲରେ ବନ୍ଦ ଥିଲେ । ବିଲାଶପୁରର ଏନ୍‌ଆଇଏ କୋର୍ଟ ୫୦-୫୦ ହଜାର ଟଙ୍କା ମୁଚାଲିକାରେ ଜାମିନ ଦେଇଛନ୍ତି । କେରଳର କ୍ୟାଥଲିକ ନନ୍ ପ୍ରୀତି ମେରୀ ଓ ବନ୍ଦନା ଫ୍ରାନସିସ୍‌ଙ୍କ ସମେତ ସୁକମନ ମାଣ୍ଡବୀଙ୍କୁ ଜୁଲାଇ ୨୫ରେ ଦୁର୍ଗ ରେଳ ଷ୍ଟେସନରେ ଗିରଫ କରାଯାଥିଲା । ଏହି ୩ ଅଭିଯୁକ୍ତଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି ।

# ବଢ଼ିଲା ଆମେରିକା-ରୁଷ କଳି

### ସୁପରପାୱାର ମଧ୍ୟରେ ପରମାଣୁ ଯୁଦ୍ଧ ଧମକ
### ଆମେରିକା ପଠାଇଲା ପରମାଣୁ ସବମେରିନ୍
### ରୁଷ କହିଲା, ମୁକାବିଲା ପାଇଁ ଆମେ ପ୍ରସ୍ତୁତ



ୱାଶିଂଟନ/ମସ୍କୋ, ୨।୮ (ଏଜେନ୍ସି): ଦୁଇ ସୁପରପାୱାର ଆମେରିକା ଏବଂ ରୁଷ ପରମାଣୁ ଯୁଦ୍ଧ ପାଇଁ ମୁହାଁମୁହିଁ ହୋଇଛନ୍ତି । ସମୁଦ୍ରରେ ରୁଷ ସୀମା ନିକଟରେ ପରମାଣୁ ସବମେରିନ ମୁତୟନ ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେବାପରେ ରୁଷ ଏହାର ମୁକାବିଲା ଲାଗି ପ୍ରସ୍ତୁତ ଥିବା ଜଣାଇଛନ୍ତି । ବିଶ୍ୱ ନୋବେଲ ଶାନ୍ତି ପୁରସ୍କାର ଲାଗି ଦାବି ଜଣାଉଥିବା ଟ୍ରମ୍ପଙ୍କ ଏଭଳି ପଦକ୍ଷେପ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି ।

ରୁଷର ପୂର୍ବତନ ରାଷ୍ଟ୍ରପତି ତଥା ରୁଷ ନିରାପତ୍ତା ପରିଷଦର ଉପାଧ୍ୟକ୍ଷ ଡିମେଟ୍ରି ମେଦଭେଦେଭ୍‌ଙ୍କ ଏକ ମନ୍ତବ୍ୟକୁ ନେଇ ଏଭଳି ଉତ୍ତେଜନା ଦେଖାଦେଇଛି । ରୁଷଠାରୁ ତେଲ ଓ ଅସ୍ତ୍ର କିଣୁଥିବା ଭାରତ ସମେତ କେତେକ ଦେଶମାନଙ୍କ ଉପରେ ୨୫ ପ୍ରତିଶତ ଶୁଳ୍କ କଟକଣା ଲଗାଇବା ଲାଗି ଟ୍ରମ୍ପଙ୍କ ଘୋଷଣା ପରେ କ୍ଷୁବ୍ଧ ହୋଇ ଧମକ ଦେଇଥିଲେ ଡିମେଟ୍ରି ମେଦଭେଦେଭ୍ । ସେ କହିଥିଲେ ଯେ ରୁଷ କିମ୍ବା ଏହାର ନେତାମାନଙ୍କ ଉପରେ ଆକ୍ରମଣ ହେଲେ ପରମାଣୁ ଆକ୍ରମଣ କରିବାକୁ ପଛାଇବ ନାହିଁ ରୁଷ । ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଡିମେଟ୍ରି ମେଦଭେଦେଭ୍‌ଙ୍କୁ ସମାଲୋଚନା କରିଥିଲେ ଟ୍ରମ୍ପ । ସେ କହିଥିଲେ ଯେ ଡିମେଟ୍ରି ମେଦଭେଦେଭ୍ ପିଲାଳିଆମି ଏବଂ ଉତ୍ତେଜନାମୂକ ମନ୍ତବ୍ୟ ଦେଉଛନ୍ତି । ତାଙ୍କର ଏଭଳି ମନ୍ତବ୍ୟର ଜବାବ ଦେବାକୁ ଯାଇ ଆମେରିକାର ଦୁଇଟି ପରମାଣୁ ସବମେରିନକୁ ରୁଷ ସୀମା ନିକଟ ସମୁଦ୍ରକୁ ପଠାଇବା ଲାଗି ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ ।

ଟ୍ରମ୍ପଙ୍କ ଏଭଳି ଘୋଷଣା ପରେ ରୁଷ ପକ୍ଷରୁ କୁହାଯାଇଛି ଯେ ଆମେରିକାର ପରମାଣୁ ଧମକର ମୁକାବିଲା ଲାଗି ଆମେ ପ୍ରସ୍ତୁତ ଅଛୁ । ସମୁଦ୍ର ଯୁଦ୍ଧରେ ଆମେରିକା ତୁଳନାରେ ରୁଷର ଅଧିକ ଆଧିପତ୍ୟ ରହିଛି ବୋଲି ରୁଷର ଜଣେ ସରକାରୀ ମୁଖପାତ୍ର କହିଛନ୍ତି । ସେ କହିଛନ୍ତି ଯେ ଆମେରିକାର ଯେତେ ପରମାଣୁ ସବମେରିନ୍ ରହିଛି, ତାଠାରୁ ଢେର ଅଧିକ ସଂଖ୍ୟାରେ ରୁଷ ପାଖରେ ରହିଛି । ତେଣୁ ଆମେରିକାର ଏଭଳି ଧମକ ରୁଷ ପାଇଁ ବିଶେଷ ଗୁରୁତ୍ୱ ବହନ କରୁନାହିଁ । ତେବେ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଭିମୁଖ୍ୟର କଡ଼ା ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱହୀନ ମନ୍ତବ୍ୟ ନେଇ ଅଯଥାରେ ଉତ୍ତେଜନା ବଢ଼ାଉଛନ୍ତି ।

ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଟ୍ରମ୍ପ ରୁଷ୍ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ଲାଗି ଉଦ୍ୟମ କରି ଆସୁଛନ୍ତି । କିନ୍ତୁ ଏଥିରେ ବିଶେଷ ସଫଳତା ମିଳୁନଥିବାରୁ ସେ କ୍ଷୁବ୍ଧ ହୋଇ ରୁଷକୁ ଏକଘରିକିଆ କରିବାକୁ ଉଦ୍ୟମ ଚଳାଇଛନ୍ତି । ତେଣୁ ରୁଷ ସହିତ ସଂପର୍କ ଛିନ୍ନ କରିବା ଲାଗି ବିଭିନ୍ନ ଦେଶ ଉପରେ ଚାପ ପକାଉଛନ୍ତି । ରୁଷରୁ ତେଲ ଓ ଅସ୍ତ୍ର କିଣୁଥିବା ଦେଶମାନଙ୍କ ଉପରେ ଟ୍ରମ୍ପ ବାଣିଜ୍ୟ କଟକଣା ଘୋଷଣା କରିଛନ୍ତି । ଏହିକ୍ରମରେ ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ସେ ଘୋଷଣା କରିଥିବାରୁ ରୁଷ କ୍ଷୁବ୍ଧ ହୋଇ ଏଭଳି ଧମକ ଦେଇଥିଲା ।

## ଦୁଷ୍କର୍ମ ମାମଲାରେ ପ୍ରଜ୍ୱଳ ରେବନ୍ନାଙ୍କୁ ଆଜୀବନ



ମହୀଶୂର, ୨।୮(ଏଜେନ୍ସି): ଜଣେ ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡାଙ୍କ ନାତି ତଥା ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ତାଙ୍କୁ ୧୧.୫୦ ଲକ୍ଷ ଟଙ୍କାର ଜରିମାନା ମଧ୍ୟ କରାଯାଇଛି । ପୀଡିତାଙ୍କୁ ୧୧.୨୫ ଲକ୍ଷ ଟଙ୍କା ଦେବାକୁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି କୋର୍ଟ ରେଭନ୍ନାଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବଳେ ଆଜି ଦଣ୍ଡାଦେଶ ଶୁଣାଇଛନ୍ତି ।

ଉଲ୍ଲେଖଥାଉ କି, ରେଭନ୍ନାଙ୍କ ପରିବାରର ଫାର୍ମ ହାଉସ୍‌ରେ କାମ କରୁଥିବା ଜଣେ ୪୭ ବର୍ଷୀୟ ମହିଳା ଗତବର୍ଷ ଏପ୍ରିଲ୍‌ରେ ତାଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ । ୨୦୨୧ରେ ରେଭନ୍ନା ତାଙ୍କୁ ବହୁଥର ଦୁଷ୍କର୍ମ କରିଥିଲେ ଓ ଘଟଣାକୁ କାହା ଆଗରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ । ନହେଲେ ଅଶ୍ଳୀଳ ଚିତ୍ର ଲିକ୍ କରିବାକୁ ଧମକ ଦେଇଥିଲେ । ତାଙ୍କ ବିରୋଧରେ ପାଖାପାଖି ୨୦୦ ଅଶ୍ଳୀଳ ଭିଡିଓ ଓ ୧୨୩ଟି ଅନ୍ୟ ପ୍ରମାଣ କୋର୍ଟରେ ଉପସ୍ଥାପନା କରାଯାଇଥିଲା । ଜୁଲାଇ ୧୮ ରେ ଏହି ମାମଲାରେ କୋର୍ଟ ଶୁଣାଣି ପୂରା କରିଥିଲେ । ରେଭନ୍ନାଙ୍କ ବିରୋଧରେ ବିଭିନ୍ନ ଧାରାରେ ଅଭିଯୋଗ କରାଯାଇଥିଲା ।

ତାଙ୍କ ବିରୋଧରେ ମୋଟ୍ ଉପରେ ୪ଟି ଦୁଷ୍କର୍ମ ମାମଲା ରହିଛି । କିନ୍ତୁ ସେ ପ୍ରଥମଥର ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ୨୦୨୪ ମେ ୩୧ରେ ଜର୍ମାନୀରୁ ପ୍ରତ୍ୟାବର୍ତ୍ତନ କରିବା ପରେ ହିଁ ତାଙ୍କୁ ଗିରଫ କରାଯାଇଥିଲା । ଦେଶ ଛାଡି ୩୫ ଦିନ ସେ ବିଦେଶରେ ରହିଥିଲେ । ସେତେବେଳେ ସେ କର୍ଣ୍ଣାଟକ ହାସନ ସିଟ୍‌ରେ ସାଂସଦ ଥିଲେ । ତାଙ୍କ ବିରୋଧରେ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଯୌନ ଉତ୍ପୀଡନ ଦେଇଥିବାର ଅଭିଯୋଗ ରହିଛି । ଦୁଷ୍କର୍ମ ଓ ଯୌନ ଉତ୍ପୀଡନ ସମେତ ତାଙ୍କ ବିରୋଧରେ ବ୍ଲାକମେଲିଂ ଓ ଧମକ ଦେବା ନେଇ ୪ଟି ମାମଲା ରୁଜୁ କରାଯାଇଛି । ୨୦୨୪ ଏପ୍ରିଲ ୨୪ରେ ହାସନରେ ଏକ ଷ୍ଟାଡିୟମର ରନିଂ ଟ୍ରାକ ଉପରେ ଶହେରୁ ଅଧିକ ପେନ୍ ଡ୍ରାଇଭ ମିଳିଥିଲା ଓ ଏଥିରେ ପ୍ରଜ୍ୱଳଙ୍କର ୨,୯୭୦ ସେକ୍ସ କ୍ଲିପ୍ ଥିଲା । ସେବେଠାରୁ ଏହି ମାମଲା ଚର୍ଚ୍ଚା ପରିସରକୁ ଆସିଥିଲା ।

## ଜମି କିଣାବିକା ମାମଲାରେ ରବର୍ଟ ଭଦ୍ରାଙ୍କୁ ନୋଟିସ

ଗୁରୁଗ୍ରାମ, ୨।୮(ଏଜେନ୍ସି): ହରିୟାଣାର ଗୁରୁଗ୍ରାମ୍‌ର ଶିକୋହପୁରରେ ଜମି କିଣା ବିକା ଓ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କ ସମେତ ଅନ୍ୟ ଆରୋପିଙ୍କୁ ଦିଲ୍ଲୀର ରାଓଜ ଆଭେନ୍ୟୁ କୋର୍ଟ ନୋଟିସ ଜାରି କରିଛି । ଆଗାମୀ ଶୁଣାଣି ପୂର୍ବରୁ ହିଁ ଅଭିଯୁକ୍ତମାନଙ୍କୁ କୋର୍ଟରେ ନିଜର ପକ୍ଷ ରଖିବାକୁ ଏହି ନୋଟିସ ଜାରି କରାଯାଇଛି । ଆଗାମୀ ଶୁଣାଣି ଅଗଷ୍ଟ ୨୮ ତାରିଖରେ ହେବ । ଶନିବାର ଏହି ମାମଲାର ଶୁଣାଣି ହେବା ପରେ ବିଚାରପତି ସୁସାନ୍ତ ଚଙ୍ଗୋତ୍ରା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ପକ୍ଷ ଶୁଣିବା ପରେ ଅଭିଯୁକ୍ତମାନଙ୍କ ପାଖକୁ ଏହି ନୋଟିସ ପଠାଇଛନ୍ତି । ଇଡି କିଛି ଦିନତଳେ ଭଦ୍ରାଙ୍କ ବିରୋଧରେ କୋର୍ଟରେ ଆରୋପ ପତ୍ର ଦାଏର କରିଛି । ଭଦ୍ରା ୭ କୋଟି ଟଙ୍କାରେ ଜମି କ୍ରୟ କରି ୫୮ କୋଟି ଟଙ୍କାରେ ବିକ୍ରି କରିଥିବାର ଅଭିଯୋଗ ହୋଇଥିଲା ।

## ଭୋଟର ତାଲିକାରେ ମୋର, ପତ୍ନୀଙ୍କ ନାମ ନାହିଁ: ତେଜସ୍ୱୀ

ପାଟନା, ୨।୮(ଏଜେନ୍ସି): ବିହାରରେ ବିବାଦୀୟ ଭୋଟର ତାଲିକା ସଂଶୋଧନ ନେଇ ନିର୍ବାଚନ କମିସନ ବଡ଼ ଧରଣର ବିରୋଧର ସମ୍ମୁଖୀନ ହୋଇଥିବା ବେଳେ ଆରଜେଡି ନେତା ତଥା ବିହାର ବିଧାନସଭାରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଆଜି ଏକ ଗୁରୁତର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ ତାଙ୍କର ଓ ତାଙ୍କ ପତ୍ନୀଙ୍କ ନାମ ସଂଶୋଧିତ ଭୋଟର ତାଲିକାରେ ନାହିଁ । କିନ୍ତୁ ତାଙ୍କର ଏହି ଅଭିଯୋଗକୁ ପ୍ରମାଣ ସହିତ ଖଣ୍ଡନ କରିଛନ୍ତି ନିର୍ବାଚନ କମିସନ ।

ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀ କହିଛନ୍ତି ଯେ ତାଙ୍କ ନାମକୁ କମିସନ ଭୋଟର ତାଲିକାରୁ କାଟି ଦେଇଛନ୍ତି । କଭିଳି ଭାବେ ନିର୍ବାଚନ ଲଢିବି ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ ଯାହା ଲାଗୁଛି ତାଙ୍କୁ ଏବେ ନାଗରିକତ୍ୱ ହରାଇବାକୁ ପଡ଼ିବ ଏବଂ ସେ ବାସହୀନ ହୋଇପଡ଼ିବେ । ତାଙ୍କ ଘରକୁ ବୁଥ ଅଧିକାରୀ ଆସିଥିଲେ ଏବଂ ସେ ଫର୍ମ ପୂରଣ କରିଥିଲେ । ବୁଥ୍ ଅଧିକାରୀ ତାଙ୍କ ଠାରୁ ଫର୍ମ ନେଇଥିବାର ଫଟୋ ମଧ୍ୟ ତାଙ୍କ ପାଖରେ ରହିଛି । ତେବେ ସେ ଫର୍ମ ପୂରଣ କରିଥିବାରୁ ଏହାର ରସିଦ ଦେଇ ନାହାନ୍ତି ଅଧିକାରୀ । ତେଣୁ ଏହା ପଛରେ କିଛି ଷଡ଼ଯନ୍ତ୍ର ରହିଛି ବୋଲି ସେ ଅଭିଯୋଗ କରିଛନ୍ତି ।

ତେବେ ତାଙ୍କର ଏହି ଅଭିଯୋଗକୁ ଖାରଜ କରିଛନ୍ତି ନିର୍ବାଚନ କମିସନ । କମିସନ ପକ୍ଷରୁ କୁହାଯାଇଛି ଯେ ଦୀଘା ବିଧାନସଭା କ୍ଷେତ୍ରରେ ବୁଥ ନଂ ୨୦୪ରେ ତେଜସ୍ୱୀ ଓ ତାଙ୍କ ପତ୍ନୀ ରାଜଶ୍ରୀଙ୍କ ନାମ ରହିଛି । ପାଟନା ଜିଲ୍ଲାପାଳ ଏସ୍‌ଏନ୍ ତ୍ୟାଗରାଜନ ତାଲିକା ଜାରି କରି ତେଜସ୍ୱୀ ଓ ତାଙ୍କ ପତ୍ନୀଙ୍କ ନାମ ଥିବା ସ୍ପଷ୍ଟ କରିଛନ୍ତି । ମତଦାନ କେନ୍ଦ୍ର



ସଂଖ୍ୟା ୨୦୪, ବିହାର ପଶୁ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପୁସ୍ତକାଳୟ ଭବନ, କ୍ରମିକ ସଂଖ୍ୟା ୪୧୬ରେ ତେଜସ୍ୱୀଙ୍କ ନାମ ରହିଛି ବୋଲି ସେ କହିଛନ୍ତି ।

## ଶିବୁ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ

ନୂଆଦିଲ୍ଲୀ, ୨।୮(ଏଜେନ୍ସି): ଝାଡ଼ଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ଅଧ୍ୟକ୍ଷ ଶିବୁ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହୋଇଛି । ତାଙ୍କୁ ରାଜଧାନୀ ଦିଲ୍ଲୀର ଶ୍ରୀ ଗଙ୍ଗାରାମ ହସ୍ପିଟାଲରେ ମାସେ ପୂର୍ବରୁ ଭର୍ତ୍ତି କରାଯାଇଥିଲା । କିଡନୀ ସମ୍ପର୍କିତ ସମସ୍ୟା ପାଇଁ ତାଙ୍କୁ ଜୁନ୍ ଶେଷ ସପ୍ତାହରେ ଭର୍ତ୍ତି କରାଯାଇଥିଲା । ସେ ଏବେ ଭେଣ୍ଟିଲେଟର ସପୋର୍ଟରେ ରହିଛନ୍ତି । ୮୧ ବର୍ଷୀୟ ସୋରେନ ଏହି ହସ୍ପିଟାଲ୍‌ରେ ଦୀର୍ଘଦିନ ଧରି ଚିକିତ୍ସିତ ହୋଇ ଆସୁଛନ୍ତି । ଗତ ଜୁନ୍ ୨୪ ତାରିଖରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ତାଙ୍କ ପୁତ୍ର ହେମନ୍ତ ସୋରେନ ତାଙ୍କୁ ହସ୍ପିଟାଲରେ ଭେଟିଥିଲେ । ସେ ଗତ ୩୮ ବର୍ଷ ହେବ ଜେଏମ୍‌ଏମ୍‌ର ପ୍ରମୁଖ ନେତା ରହିଆସିଛନ୍ତି । ୧୯୭୭ରେ ସେ ପ୍ରଥମଥର ପାଇଁ ନିର୍ବାଚନ ଲଢିଥିଲେ ଓ ପରାସ୍ତ ହୋଇଥିଲେ । କିନ୍ତୁ ୧୯୮୦ରୁ ସେ କ୍ରମାଗତ ଭାବେ ସାଂସଦ ରହିଆସିଛନ୍ତି । ବିହାରଠାରୁ ଅଲଗା ହେବା ପରେ ସେ ୩ଥର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ୨୦୦୫, ୨୦୦୮ ଓ ୨୦୦୯ରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ମଧ୍ୟ କେବେବି କାର୍ଯ୍ୟକାଳ ପୂରା କରିନଥିଲେ ।

## ୭ ମାସରେ ୧୭୦୦ ଭାରତୀୟଙ୍କୁ ବାହାର କରିଛି ଆମେରିକା

ନୂଆଦିଲ୍ଲୀ, ୨।୮(ଏଜେନ୍ସି): ଚଳିତ ୨୦୨୫ ବର୍ଷର ପ୍ରଥମ ୭ ମାସରେ ଆମେରିକା ୧୭୦୦ ଭାରତୀୟଙ୍କୁ ଡିପୋର୍ଟ ଅର୍ଥାତ ନିଜ ଦେଶରୁ ବାହାର କରିଛି । ଏମାନଙ୍କ ମଧ୍ୟରେ ୧୫୬୨ ପୁରୁଷ ଓ ୧୪୧ ମହିଳା ସାମିଲ ରହିଛନ୍ତି । ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କିର୍ତ୍ତି ବର୍ଦ୍ଧନ ସିଂ ଏହି ସୂଚନା ଦେଇଛନ୍ତି । ଡିଏମ୍‌କେ ସାଂସଦ କାନିମୋଝୀ ଏହି ପ୍ରଶ୍ନ ପଚାରିଥିଲେ । ଗତ ୫ ବର୍ଷ ମଧ୍ୟରେ ଅର୍ଥାତ ୨୦୨୦ରୁ ଏପର୍ଯ୍ୟନ୍ତ ଆମେରିକାରୁ ମୋଟ୍ ୫୫୪୧ ଭାରତୀୟଙ୍କୁ ଡିପୋର୍ଟ କରାଯାଇଛି ବୋଲି ସେ କହିଛନ୍ତି । ଅନ୍ୟପଟେ ଏହି ୫ ବର୍ଷ ମଧ୍ୟରେ ବ୍ରିଟେନ ୩୧୧ ଜଣ ଭାରତୀୟଙ୍କୁ ଡିପୋର୍ଟ

**ଗତ ୫ ବର୍ଷରେ ୫୫୪୧ଙ୍କୁ ଡିପୋର୍ଟ କରାଯାଇଛି**

କରିଛି । ସେହିପରି ୨୦୨୫ରେ ୧୩୧ ଭରାତୀୟଙ୍କୁ ବ୍ରିଟେନରୁ ଡିପୋର୍ଟ କରାଯାଇଛି । ଏହି ସଂଖ୍ୟାରେ ଅନ୍ତର ଆସିପାରେ ବୋଲି ସେ କହିଛନ୍ତି । କାରଣ କେତେଜଣ ଭାରତୀୟଙ୍କ ପାଖରେ ବୈଧ ଦସ୍ତାବିଜ ଥିଲେ ମଧ୍ୟ ବ୍ରିଟେନ ସେମାନଙ୍କୁ ଡିପୋର୍ଟ କରିଛି । ବିଭିନ୍ନ ଦେଶରୁ ଭାରତୀୟ ଡିପୋର୍ଟ କରାଯିବା ଅବସରରେ ସେମାନଙ୍କ ସହ ଯେପରି ଅମାନବୀୟ ବ୍ୟବହାର ନ କରାଯାଏ, ସେଥିପାଇଁ ଏହି ଦେଶଗୁଡିକ ସହ ଭାରତ ସମ୍ପର୍କ ରକ୍ଷା କରିଆସୁଛି । ଉଲ୍ଲେଖଥାଉ କି, ଭାରତୀୟଙ୍କ ହାତ ଓ ଗୋଡରେ ଚେନ୍ ବାନ୍ଧି ଆମେରିକା ଡିପୋର୍ଟ କରିଥିଲା ଓ ଏ ନେଇ ସେତେବେଳେ କେନ୍ଦ୍ର ସରକାର ପ୍ରବଳ ସମାଲୋଚନାର ସମ୍ମୁଖୀନ ହୋଇଥିଲେ ।



■ ଟ୍ରକ୍ ଧକ୍କାରେ ଜଳିଗଲା ବାଇକ୍

# ବାପା-ପୁଅ ମୃତ, ଭଣଜା ଗୁରୁତର

ପୋଡ଼ାଗଡ଼,୨।୮(ସମିସ): କୋରାପୁଟ-ରାୟଗଡ଼ା ୩୨୬ନଂ ଜାତୀୟ ରାଜପଥର ପୋଡ଼ାଗଡ଼ ଅନୁସୂଚିତ ଜାତି ଓ ଜନଜାତି କନ୍ୟାଶ୍ରମ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ଭଣଜା ଗୁରୁତର ଆହତ ହୋଇଛି। ମୃତକଦ୍ୱୟ ହେଲେ, କୋରାପୁଟ ଟିକରା ସାହିର କୈଳାସ ଖରା ଓ ତାଙ୍କର ଚାରି ବର୍ଷର ପୁଅ। ସେହିପରି କୈଳାସଙ୍କ ଭଣଜା ଅମନ ରେଡ୍ଡୀଙ୍କୁ ଗୁରୁତର ଅବସ୍ଥାରେ ପୋଡ଼ାଗଡ଼ ମେଡିକାଲ ଏବଂ ପରେ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଏକ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରକ୍ ଧକ୍କାରେ ବାଇକ୍‌ଟି ଘଟଣାସ୍ଥଳରେ ଜଳି ଯାଇଥିଲା।

ସୂଚନାନୁଯାୟୀ, ୪ବର୍ଷର ପୁଅ ଓ ଭଣଜା ଅମନ ସହ କୈଳାସ ଏକ ବାଇକ୍‌ରେ ଦଶମନ୍ତପୁର ବ୍ଲକ୍‌ର ଚଣାବାଡ଼ ଗ୍ରାମ ନିକଟସ୍ଥ ଏକ ମନ୍ଦିରକୁ ଯାଉଥିଲେ। ପୋଡାଗଡ଼ ଅନୁସୂଚିତ ଜାତି ଓ ଜନଜାତି କନ୍ୟାଶ୍ରମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଦ୍ରୁତ ଗତିରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବାଇକ୍‌ଟି ଜଳିଯିବା ସହ ବାପ-ପୁଅଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଅମନଙ୍କୁ ଉକ୍ତ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ରୁଦ୍ର ନାରାୟଣ ପାଢ଼ୀ ଓ ସ୍ଥାନୀୟ ଲୋକ ଉଦ୍ଧାର କରି ପ୍ରଥମେ ପୋଡ଼ାଗଡ଼ ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ପୁଲିସ୍ କୈଳାସଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଇବା ସହ ଏନେଇ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ଅଧିକ ତଦନ୍ତ ଚଳାଉଥିବା କୋରାପୁଟ ସଦର ଥାନା ଅଧିକାରୀ ରୁନୁ ମାଝୀ କହିଛନ୍ତି।

# ଶିମିଳିପାଳରୁ ୫ ଶିକାରୀ ଗିରଫ; ୩ଟି ଦେଶୀ ବନ୍ଧୁକ ଜବତ



ବାରିପଦା, ୨।୮(ସମିସ): ଶିମିଳିପାଳ ଜାତୀୟଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଖଞ୍ଜାଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ୫ଜଣ ଶିକାରୀ ଧରାପଡ଼ିଛନ୍ତି। ସେମାନେ ହେଲେ, କାହ୍ନୁ ଜାମଦା ସିଂ(୩୦), ପ୍ରଦୀପ ସିଂ(୩୧), ସୋମନାଥ ସିଂ(୩୫), ଗୌର ସିଂ(୨୪) ଓ ଦେବେନ୍ଦ୍ର ସିଂ(୨୦)। କ୍ୟାମେରା ସହାୟତାରେ ଏହି ୫ଜଣ ଶିକାରୀଙ୍କୁ ସେମାନଙ୍କ ଘରୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ୩ଟି ଦେଶୀ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ସୂଚନାଯୋଗ୍ୟ, ଶିକାରୀମାନେ ମାରଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳରେ ପଶିଥିଲେ। ସେମାନଙ୍କ ଫଟୋ ଏଆଇ କ୍ୟାମେରାରେ କଏଦ ହୋଇଥିଲା। ଏହାକୁ ଆଧାର କରି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ୍ କର୍ମଚାରୀମାନେ ମିଳିତ ଭାବେ ଶିକାରୀଙ୍କ ଘରେ ଚଢ଼ଉ କରିଥିଲେ। ପରେ ଗିରଫ ଶିକାରୀମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମଧ୍ୟାହ୍ନ ଭୋଜନରେ ଝିଟିପିଟି

## ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ



ଟିଟିଲାଗଡ଼,୨।୮(ସମିସ): ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡ଼ିଯିବାରୁ ୭୦ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍‌ର ତେତେଲଖୁଣ୍ଟି ଗାଁ ବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସେମାନଙ୍କୁ ଟିଟିଲାଗଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁସାରେ, ଶନିବାର ତେତେଲଖୁଣ୍ଟି ଗାଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା। ପ୍ରାୟ ୭୦ରୁ ୭୫ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବଣ୍ଟାସାରିବା ପରେ ଖାଦ୍ୟରେ ଝିଟିପିଟି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ସମୟ ମଧ୍ୟରେ ଅନେକ ଛାତ୍ରଛାତ୍ରୀ ଖାଦ୍ୟ ଖାଇ ସାରିଥିଲେ। ପରେ କିଛି ଛାତ୍ରଛାତ୍ରୀଙ୍କ ପେଟ ବଥା ହେବା ସହ ମୁଣ୍ଡ ବୁଲାଇଥିଲା। ସେଥିମଧ୍ୟରୁ କିଛି ଛାତ୍ରଛାତ୍ରୀ ବାନ୍ତି କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଟିଟିଲାଗଡ଼ ହସପିଟାଲରେ ଭର୍ତ୍ତି କରାଇଥିଲେ। ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଭର୍ତ୍ତି କରାଯାଇଥିଲା।

ଅପରପକ୍ଷେ, ସ୍କୁଲର ଶିକ୍ଷକ ଓ ପାଚିକାଙ୍କ ଅବହେଳା ଯୋଗୁଁ ଏଭଳି ଛାତ୍ରଛାତ୍ରୀ କଷ୍ଟ ପାଇଥିବା ଅଭିଭାବକ ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନଥିବାରୁ ଛାତ୍ରଛାତ୍ରୀ ଅନେକ ସମୟରେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଟିଟିଲାଗଡ଼ ଏସ୍‌ଡିଏମଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଟିଟିଲାଗଡ ହସପିଟାଲ ଆସିଲେଣି ଓ ସମସ୍ତଙ୍କ ଅବସ୍ଥା ଠିକ୍ ଅଛି ଓ ତାଙ୍କ ଚିକିତ୍ସା ଚାଲିଛି।

ଶିକ୍ଷାଦାନ ପାଇଁ ନାହାନ୍ତି ଅଧ୍ୟାପକ

# ଡେପୁଟେସନ୍‌ରେ ମାଲମାଲ

■ ଅଧ୍ୟାପକଙ୍କୁ କିରାଣି ସଜାଇଛି ଉଚ୍ଚଶିକ୍ଷା ବିଭାଗ
■ ହାଜିରା ଦେଇ ଦରମା ନେଉଛନ୍ତି ୩୩ ଅଧ୍ୟାପକ
■ ପ୍ରଭାବଶାଳୀଙ୍କ ସମ୍ପର୍କୀୟଙ୍କୁ ଥଇଥାନ ପାଇଁ ପ୍ରତିଯୋଗିତା!

ଭୁବନେଶ୍ୱର,୨।୮(ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ନାହାନ୍ତି ପର୍ଯ୍ୟାପ୍ତ ଅଧ୍ୟାପକ। ବିଶ୍ୱବିଦ୍ୟାଳୟରେ ପ୍ରାୟ ୬୨ ପ୍ରତିଶତରୁ ଅଧିକ ଅଧ୍ୟାପକ ପଦ ଖାଲି ପଡ଼ିଛି। ସେହିପରି ସରକାରୀ ମହାବିଦ୍ୟାଳୟ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ମଧ୍ୟ ୫୦ ପ୍ରତିଶତରୁ ଅଧିକ ପଦ ଖାଲି ରହିଛି। ଅଧ୍ୟାପକ ଅଭାବରୁ ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଗୁଣାତ୍ମକ ମାନ ହ୍ରାସ ପାଉଛି। ଏସବୁ ପଦରେ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ମଧ୍ୟ ନେଉନାହାନ୍ତି। ଅପରପକ୍ଷରେ ନିଯୁକ୍ତ ଅଧ୍ୟାପକଙ୍କ ମଧ୍ୟରୁ ବହୁ ଅଧ୍ୟାପକଙ୍କୁ ଡେପୁଟେସନ୍‌ରେ ବିଭାଗକୁ ବଦଳି କରାଯାଉଛି। ଶିକ୍ଷାଦାନ ବଦଳରେ ସେମାନଙ୍କୁ କିରାଣୀ କାର୍ଯ୍ୟ କରାଯାଉଛି। ଯାହା ଗୁଣାତ୍ମକ ଶିକ୍ଷାଦାନ ନେଇ ସରକାରଙ୍କ ପ୍ରତିବଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ରାଜଧାନୀର ପ୍ରତିଷ୍ଠିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ସର୍ବାଧିକ ୪ଜଣ ଅଧ୍ୟାପକ ଡେପୁଟେସନ୍‌ରେ ଅଛନ୍ତି। ମାନବଶାସ୍ତ୍ର (ଆନ୍ଥ୍ରୋପଲୋଜି) ବିଭାଗର ସମ୍ପ୍ରିତି ପଣ୍ଡା, ରସାୟନ ବିଜ୍ଞାନ ଅଧ୍ୟାପକ ସରୋଜ ପ୍ରଧାନ, କମ୍ପ୍ୟୁଟର୍ ସାଇନ୍ସ ବିଭାଗର ଅଧ୍ୟାପକ ପାଣ୍ଡବ ପ୍ରଧାନ ଓ ଓଡ଼ିଆ ଅଧ୍ୟାପକ ଶୁଭ୍ରାଂଶୁ ବେହେରା ଡେପୁଟେସନ୍‌ରେ ଯାଇ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଅଛନ୍ତି। ଅନୁରୂପ ଭାବେ କଟକସ୍ଥିତ ଶୈଳବାଳା ମହିଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଡ. ସ୍ମରଣିକା ଦାସ ଓ ଗଣିତ ଅଧ୍ୟାପିକା ପ୍ରଭାତ ମଞ୍ଜରୀ ମହାନ୍ତି, ରାଜଧାନୀ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ହୃଷୀକେଶ ନାୟକ ଏବଂ ବାରିପଦା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ଅଧ୍ୟାପିକା ରୁପସା ମହାପାତ୍ର ଡେପୁଟେସନ୍‌ରେ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଅଛନ୍ତି। ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୮ଜଣ ଅଧ୍ୟାପକ/ଅଧ୍ୟାପିକା ଡେପୁଟେସନ୍‌ରେ ଥିବା ବେଳେ ବିଏଡ୍ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୫ଜଣ ଅଧ୍ୟାପକ ବିଭାଗରେ କାର୍ଯ୍ୟରତ ଅଛନ୍ତି।

ଏମାନଙ୍କ ମଧ୍ୟରୁ ଅନେକଙ୍କୁ କୌଣସି ନିର୍ଦ୍ଦିଷ୍ଟ ଦାୟିତ୍ୱ ମିଳି ନଥିବା ବେଳେ କେବଳ ହାଜିରା ଦେଇ ଫେରୁଛନ୍ତି। ଆଉ କିଛି ଅଧ୍ୟାପକ କିରାଣୀ କାମ କରୁଛନ୍ତି। ଆସିଷ୍ଟାଣ୍ଟ ପ୍ରଫେସର୍ ଷ୍ଟେଜ୍-୧, ଷ୍ଟେଜ୍-୨ ଓ ଷ୍ଟେଜ୍-୩ ରାଙ୍କର ଅଧ୍ୟାପକମାନେ ଯଦି କିରାଣି କାମ କରିବେ, ତାହେଲେ ଶିକ୍ଷାଦାନ କିଏ କରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି, ୮ହଜାର ଗ୍ରେଡ୍-ପେ’ ପାଉଥିବା ପ୍ରାୟ ୩୩ଜଣ ଅଧ୍ୟାପକ ଶିକ୍ଷାଦାନ ନକରି ମୋଟା ଅଙ୍କର ଦରମା ନେଉଛନ୍ତି। ଏସବୁ କାହା ସ୍ୱାର୍ଥରେ ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ସରକାରଙ୍କ ଏପରି ଦାୟିତ୍ୱହୀନ କାର୍ଯ୍ୟ ପାଇଁ ଶୈକ୍ଷିକ ମାନ କ୍ରମାଗତ ହ୍ରାସ ପାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି।

ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଉଚ୍ଚଶିକ୍ଷା ବିଭାଗ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ପ୍ରଭାବଶାଳୀଙ୍କ ସମ୍ପର୍କୀୟଙ୍କୁ ବିଭାଗକୁ ଡେପୁଟେସନ୍‌ରେ ଆଣିବାକୁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ବିଭାଗରେ ଏତେ ଅଧିକାରୀ ବସିବା ପାଇଁ ଜାଗା ମଧ୍ୟ ନାହିଁ। ଗୋଟିଏ ପ୍ରକୋଷ୍ଠରେ ୪ରୁ ୬ଜଣ ଅଧିକାରୀ କାର୍ଯ୍ୟ କରୁଛନ୍ତି। ଉଚ୍ଚଶିକ୍ଷା ବିଭାଗରେ ଆରମ୍ଭ ହୋଇଥିବା ଏହି ଡେପୁଟେସନ୍ ପରମ୍ପରା ଆଗକୁ ରାଜ୍ୟର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି।

# ବିଲ ମଝିରେ ନିଜ ଦେହରେ ନିଆଁ ଲଗାଇଦେଲେ

## ମହିଳା ମୃତ; ପୁରୁଷ ଗୁରୁତର

ଶୁକ୍ଳି/ଖୁଣ୍ଟି,୨।୮(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ୍ ଖୁଣ୍ଟି ଅଞ୍ଚଳରେ ଶନିବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଖୁଣ୍ଟି ମହାବିଦ୍ୟାଳୟ ସମ୍ମୁଖ ଏକ ବିଲ ମଧ୍ୟରେ ଜଣେ ମହିଳା ଓ ପୁରୁଷ ନିଜ ଉପରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଏଥିରେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ପୁରୁଷଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳାଜଣଙ୍କ ହେଲେ, ସ୍ଥାନୀୟ ପାତାସାହିର ଭାରତୀ ପାତ୍ର। ଗୁରୁତର ହୋଇଥିବା ରାଇରଙ୍ଗପୁରର ହରିଶଙ୍କର ଆଚାର୍ଯ୍ୟଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ସ୍ଥାନାନ୍ତର କରାଯାଇଛି। ହରିଶଙ୍କର ବିବାହିତ ଓ ଖୁଣ୍ଟି ପଣସି ଗ୍ରାମରେ ତାଙ୍କ ଶ୍ୱଶୁର ଘର। ମୃତ ମହିଳାଙ୍କ ଶଶୁର ଘର ଯାଜପୁର ଅଞ୍ଚଳରେ। ସେ ଭଲ ପାଇ ସେତେବେଳେ ବିବାହ କରିଥିଲେ। ତାଙ୍କ ଝିଅକୁ ଧରି ସେ ବାପଘର ଖୁଣ୍ଟିରେ ଦୀର୍ଘ ଦିନ ଧରି ରହୁଥିଲେ। ହେଲେ, କେଉଁ କାରଣରୁ ଦୁହେଁ ଆତ୍ମାହୁତି ପାଇଁ ନିଷ୍ପତ୍ତି ନେଲେ ତାହାର କାରଣ ଜଣାପଡ଼ିନାହିଁ। ପରକୀୟା ପ୍ରୀତି ପାଇଁ ଏଭଳି ପରିସ୍ଥିତି ଘଟିଥିବା ଆଲୋଚନା ହେଉଛି। ରରୁଆଁ ପୁଲିସର ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ସୂଚନାନୁସାରେ, ଶନିବାର ସକାଳ ସାଢ଼େ ୮ଟା ବେଳେ ଏକ ବିଲ ମଝିରେ ଉଭୟ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉଭୟ ଜଳିଯାଉଥିବା ଦେଖି ନିକଟରେ ଥିବା ମହିଳାଙ୍କ ଭାଇ ଓ ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଶୁକ୍ଳି ମେଡିକାଲରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଭାରତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ହୁତୁହୁତୁ ହୋଇ ଜଳିଗଲା ଶାଢ଼ି ଦୋକାନ

ଉଦଳା, ୨।୮(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ଏକ ଲୁଗା ଦୋକାନରେ ନିଆଁ ଲାଗିଯିବାରୁ ପ୍ରାୟ ୭୦ ଲକ୍ଷ ଟଙ୍କାର ଶାଢ଼ି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉଦଳା ସହରର ରଥ ଛକ ନିକଟରେ ଥିବା ନ୍ୟୁ-ଶାଢ଼ିମହଲ ଦୋକାନରେ ଗତକାଲି ରାତିରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ହେଲେ ସଟର୍ ଭିତରୁ ଧୂଆଁ ବାହାରିବାରୁ ରାତି ଜଗୁଆଳି ଏହା ଦେଖି ତୁରନ୍ତ ଦୋକାନ ମାଲିକଙ୍କୁ ଫୋନ ଯୋଗେ ଜଣାଇଥିଲା। ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଉଦଳା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୩ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ଦୋକାନରେ ଥିବା ବହୁ ମୂଲ୍ୟବାନ ଶାଢ଼ି, ପାଟଶାଢ଼ି ସମେତ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରା ଶାଢ଼ି, ପୋଷାକ ସମେତ ବହୁ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ତେବେ ଏହି ଅଗ୍ନିକାଣ୍ଡ ସର୍ଟସର୍କିଟ୍‌ରୁ ହୋଇଥିବା ସନ୍ଦେହ କରାଯାଉଛି। ଏନେଇ ଦୋକାନ ମାଲିକ ଲକ୍ଷ୍ମୀନାରାୟଣ ପରିଡ଼ାଙ୍କୁ ପଚାରିବାରୁ ରାତିରେ ଦୋକାନ ବନ୍ଦ କରି ଘରୁ ପଳାଇଥିଲା। ମାତ୍ର ନିଆଁ କିପରି ଲାଗିଲା, ତାହା ଜାଣି ନଥିବା ସେ କହିଛନ୍ତି।

୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ



ଗର୍ଜିଲା ପୁଲିସ୍ ବନ୍ଧୁକ

# ଏନ୍‌କାଉଣ୍ଟର୍‌ରେ ଦୁର୍ଦ୍ଦାନ୍ତ ସୁନୀଲ ଗୁରୁତର

■ ସୁନୀଲ ନାମରେ ରହିଛି ୨୦ରୁ ଅଧିକ ମାମଲା
■ ଘଟଣାସ୍ଥଳରୁ ସୁନୀଲର ସହଯୋଗୀ ଫେରାର୍
■ ମାଉଜର୍, ମାଗାଜିନ, ୩ଟି ଅଫୁଟା ଗୁଳି ଜବତ

ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା,୨।୮(ସମିସ): ହତ୍ୟା, ଲୁଟ, ଦାଦାବଟି ଆଦାୟ ଓ ବନ୍ଧୁକ ମୁନରେ ହତ୍ୟା ଧମକ ଦେବା ଭଳି ୨୦ରୁ ଅଧିକ ସଙ୍ଗୀନ ମାମଲାରେ ସମ୍ପୃକ୍ତ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ନାହକ ଓରଫ୍ ମଲ୍ଲକୁ ଶନିବାର ବ୍ରହ୍ମପୁର ପୁଲିସ୍ ଏନକାଉଣ୍ଟର୍ କରିଛି। ସୁନୀଲର ବାମ ଗୋଡ଼ରେ ଗୋଟିଏ ଗୁଳି ବାଜିଛି। ତାକୁ ଚିକିତ୍ସା ଲାଗି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ୍ ତା’ ପାଖରୁ ନଗଦ ୨୧ହଜାର ଟଙ୍କା, ଗୋଟିଏ ମାଉଜର, ୩ଟି ଗୁଳି ଏବଂ ଘଟଣାସ୍ଥଳରୁ ଦୁଇଟି ଖୋକା ଜବତ କରିଛି। ତେବେ ଘଟଣାସ୍ଥଳରୁ ସୁନୀଲର ସହଯୋଗୀମାନେ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।






ଗତ କିଛି ମାସ ଧରି ଗୋପାଳପୁର, ନିମଖଣ୍ଡି, ଗୋଲନ୍ଥରା ଓ ବ୍ରହ୍ମପୁର ସହରରେ ଏକାଧିକ ଛିନତାଇ ଓ ଲୁଟ ଭଳି ଘଟଣା ଘଟିଥିବା ବେଳେ ଏକାଧିକ ଘଟଣାରେ ବନ୍ଧୁକ ବ୍ୟବହାର ହୋଇଛି। ଅଭିଯୋଗ ଆଧାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ବଛାବଛା ପୁଲିସ ଅଧିକାରୀଙ୍କୁ ନେଇ ୩ଟି ସ୍ୱତନ୍ତ୍ର ଟିମ ଗଠନ କରିଥିଲେ। ଗଠିତ ଟିମ୍‌ରେ ସଦର ଏସ୍‌ଡିପିଓ ଏସଏସ ପରିଡ଼ା, ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ, ଇନ୍ସପେକ୍ଟର୍ କୃଷ୍ଣ ସାହା, ସବ୍‌ଇନ୍ସପେକ୍ଟର୍ ସିଲୁ ଧଳ, ଅଭିଷେକ ପାଣ୍ଡବ, ଗଗନ ବେହେରା, ଜ୍ଞାନ ବେହେରା ଓ ଏଏସ୍‌ଆଇ ଆର.ସି. ଚୌଧୁରୀଙ୍କ ସମେତ ମୋଟ ୧୨ଜଣ ଅଧିକାରୀ ରହିଛନ୍ତି। ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିଭିନ୍ନ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ତଦନ୍ତ ବେଳେ ନିକଟରେ ଘଟିଥିବା ବିଭିନ୍ନ ଲୁଟ୍ ଘଟଣାରେ ସୁନୀଲର ହାତ ଥିବା ପୁଲିସ୍ ଜାଣିବାକୁ ପାଇଥଲା। ସୁନୀଲ ଓ ତା’ର ସହଯୋଗୀ ପିତାତଳି ନିକଟରେ ଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ପହଞ୍ଚି ସୁନୀଲକୁ କାବୁ କରିବାକୁ ଚେଷ୍ଟା କରିଥିଲା। ଏହା ଦେଖି ସୁନୀଲ ପୁଲିସ୍ ଉପରକୁ ଗୁଳି କରିଥିଲା। ଗୋଟିଏ ଗୁଳି ପୁଲିସ୍ ଗାଡ଼ିରେ ବାଜିଥିବା ବେଳେ ପୁଲିସ୍ କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ପୁଲିସ୍ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ସୁନୀଲର ବାମ ଗୋଡ଼ରେ ଗୁଳି ବାଜିଥିଲା। ପରେ ପୁଲିସ୍ ଆହତ ସୁନୀଲକୁ କାବୁ କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଥିଲା। ଅପରପକ୍ଷେ, ଏହା ଦେଖି ସୁନୀଲର ସହଯୋଗୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସପି ଦୃଢୋକ୍ତି ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ସୁନୀଲ ନାମରେ ପୂର୍ବରୁ ଦୁଇଟି ହତ୍ୟା, ୬ଟି ଲୁଟ, ଦାଦାବଟି ଆଦାୟ, ବନ୍ଧୁକ ମୁନରେ ହତ୍ୟା ଧମକ ଦେବା ଭଳି ୨୦ରୁ ଊର୍ଦ୍ଧ୍ୱ ସଙ୍ଗୀନ ମାମଲା ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲାରେ ରହିଥିବା ଜଣାପଡ଼ିଛି। ୬ବର୍ଷ ତଳେ ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ହୋଇଥିବା ୧୨ଟି ଲୁଟ୍ ଘଟଣା ଏବଂ ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ୯ଜଣିଆ ଏକ ଅପରାଧୀ ଗ୍ୟାଙ୍ଗକୁ ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ କବିସୂର୍ଯ୍ୟନଗର ଆଇ.ବି ରୋଡ୍‌ର ସୁନୀଲ ମହାନ୍ତି ଓରଫ୍ ସୁନୀଲ ନାହକ ଓରଫ୍ ମଲ୍ଲ ସାମିଲ ଥିଲା। ଗିରଫ ବେଳେ ତା’ଠାରୁ ବହୁ ଗୁଳିଗୋଳା ଓ ମାରଣାସ୍ତ୍ର ଜବତ ହୋଇଥିଲା।

# ଟ୍ରକ୍‌କୁ ପଛରୁ ପିଟିଲା ଟ୍ରାଭେଲର୍; ୭ ଯବାନ ଗୁରୁତର

ଅନୁଗୋଳ,୨।୮(ସମିସ): ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ମୁଣ୍ଡାସାହିଠାରେ ଏକ ଦୁର୍ଘଟଣା ଘଟି୧୦ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ୨ୟ ବାଟାଲିୟନର ୧୪ଜଣ ଯବାନଙ୍କୁ ନେଇ ଏକ ଟ୍ରାଭେଲର ଗାଡ଼ି ଝାରସୁଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ମୁଣ୍ଡାସାହିଠାରେ ଜାତୀୟ ରାଜପଥ ଉପରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ଟ୍ରାଭେଲର୍ ଧକ୍କା ହୋଇଥିଲା। ଫଳରେ ସେଥିରେ ଥିବା ଯବାନମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଗୁରୁତର ୭ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସାମାନ୍ୟ ଆହତ ହୋଇଥିବା ୩ ଜଣଙ୍କ ସମେତ ୫ ଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।



# ପୋଖରୀରେ ବୁଡ଼ି ୨ ନାବାଳକ ମୃତ

ମୋହନା, ୨।୮(ସମିସ): ଶୌଚ ପାଇଁ ଯାଇ ପୋଖରୀରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ଘଟଣା ଘଟିଛି, ଗଜପତି ଜିଲ୍ଲା ଅଡ଼ବା ଥାନା ବିରିକୋଟ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗଣ୍ଡା ଗ୍ରାମରେ। ଶନିବାର ସନ୍ଧ୍ୟାରେ ଗ୍ରାମର ଅଜୟ ନାୟକଙ୍କ ନାବାଳକ ପୁଅ ଆଦିତ୍ୟ ନାୟକ(୧୨) ଏବଂ ଆକାଶ ନାୟକଙ୍କ ପୁଅ ଆୟେଜା ନାୟକ ଗ୍ରାମ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ୨ ନାବାଳକଙ୍କୁ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ପରିବାରବର୍ଗ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ନେଇ ମେଡିକାଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେବାବେଳେ ପରିବାରବର୍ଗ କିନ୍ତୁ ମୃତଦେହ ନେଇ ନିଜ ଗ୍ରାମକୁ ଚାଲିଯାଇଥିଲେ। ଏନେଇ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡାଙ୍କ ସହ ଯୋଗାଯୋଗ କରାଯିବାରେ ଘଟଣା ନେଇ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି କହିଛନ୍ତି।

ମହାନଦୀ ଜଳ ବିବାଦ

# ସମାଧାନ ପାଇଁ ଟ୍ରିପଲ୍ ଇଞ୍ଜିନ ବିଜେପି ସରକାରର ଆନ୍ତରିକତା ନାହିଁ: ବିଜେଡି

■ ଆପୋସ ଆଲୋଚନା ପାଇଁ କେଉଁ କେଉଁ ଦିଗରେ ଆଲୋଚନା ହେବ, ତାହା ସ୍ପଷ୍ଟ ହେଉ
■ ଆଲୋଚନାର ବିଷୟ ରାଜ୍ୟ ସ୍ୱାର୍ଥର ପରିପନ୍ଥୀ ନହେଉ

ଭୁବନେଶ୍ୱର,୨।୮(ସମିସ): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଆପୋସ ଆଲୋଚନାକୁ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଦେଇଥିବା ମନ୍ତବ୍ୟକୁ ନେଇ ପ୍ରତିକ୍ରିୟା ରଖିଛି ବିଜେଡି। ଆପୋସ ଆଲୋଚନା ପାଇଁ କେଉଁ କେଉଁ ଦିଗରେ ଆଲୋଚନା ହେବ, ତାହା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ। ଅଣ-ମୌସୁମୀ ସମୟରେ ଆବଶ୍ୟକ ପରିମାଣର ଜଳ ଓଡ଼ିଶାକୁ ମିଳିବା ନିହାତି ଆବଶ୍ୟକ। ଆଲୋଚନାର ବିଷୟ ରାଜ୍ୟ ସ୍ୱାର୍ଥର ପରିପନ୍ଥୀ ନହେଉ ବୋଲି ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି, ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀର ଉପର ମୁଣ୍ଡରେ ଅନେକଗୁଡ଼ିଏ ବ୍ୟାରେଜ ନିର୍ମାଣ କରିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ସରକାରଙ୍କ ଦ୍ୱାରା ପ୍ରତିବାଦ କରାଯାଇଥିଲା। ହେଲେ ସେତେବେଳର ଛତିଶଗଡ଼ର ରମଣ ସିଂଙ୍କ ନେତୃତ୍ୱାଧୀନ ବିଜେପି ସରକାର ଏହାକୁ କର୍ଣ୍ଣପାତ କରିନଥିଲେ। ପରେ ୨୦୧୬ ମସିହାରେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଉମା ଭାରତୀଙ୍କ ମଧ୍ୟସ୍ଥତାରେ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂ ଓ ଉଭୟ ରାଜ୍ୟର ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଓ ଛତିଶଗଡ଼ ସରକାରଙ୍କ ସହଯୋଗ ନମିଳିବାରୁ, ଏହି ଜଳ ବିବାଦର ସମାଧାନ ଦିଗରେ ବିଶେଷ ଅଗ୍ରଗତି ହୋଇନଥିଲା। ଏହାପରେ ଓଡ଼ିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ସେବେଠାରୁ ଏହି ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି।

ଶ୍ରୀ ମିଶ୍ର ଆହୁରି କହିଥିଲେ, ଏବେ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଥିବାରୁ ଆପୋଷ ଆଲୋଚନା ମାଧ୍ୟମରେ ଏହି ଜଳ ବିବାଦର ସମାଧାନ ସମ୍ଭବ ହେବ ବୋଲି ପୁଣିଥରେ ଏହାର ଆଲୋଚନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତ ୨୪ତାରିଖରେ ଏହି ପ୍ରସ୍ତାବିତ ଆପୋଷ ଆଲୋଚନାରେ କେଉଁ କେଉଁ ବିନ୍ଦୁରେ ଏହି ବିବାଦର ସମାଧାନ ପାଇଁ ଆଲୋଚନା କରାଯାଉଛି, ତାହା ରାଜ୍ୟର ସ୍ୱାର୍ଥର ପରିପନ୍ଥୀ ନୁହେଁ ତ ବୋଲି ପ୍ରଶ୍ନ କରିଥିଲେ। ଅପରପକ୍ଷେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଜୁଲାଇ ୨୫ ତାରିଖରେ ଆପୋଷ ଆଲୋଚନା ପାଇଁ ଲେଖାଯାଇଥିବା ଚିଠିର ଉତ୍ତର ଆଜି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦେଇଛନ୍ତି।

ଏହି ଚିଠିରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ କେବଳ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଚିଠି ତାଙ୍କର ହସ୍ତଗତ ହୋଇଛି ଓ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆପୋଷ ଆଲୋଚନା ପ୍ରସ୍ତାବ ବିଚାରାଧୀନ ରହିଛି ବୋଲି ସେ ଲେଖିଛନ୍ତି। କିନ୍ତୁ, ଏହି ଆପୋସ ଆଲୋଚନା ପ୍ରସ୍ତାବକୁ ସେ ସ୍ୱୀକାର କରୁଛନ୍ତି କି ନାହିଁ, ସେନେଇ ସେ କୌଣସି ସ୍ପଷ୍ଟୋକ୍ତି କରିନାହାନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ। ତେଣୁ ଏ ବିଷୟରେ ପ୍ରଥମେ ସ୍ପଷ୍ଟୋକ୍ତି ଆସିବା ଦରକାର। ଏହାଛଡ଼ା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ବିବାଦର ସମାଧାନ ପାଇଁ କେଉଁ କେଉଁ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି, ତାହା ମଧ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟ ହେବା ଦରକାର ବୋଲି ଶ୍ରୀ ମିଶ୍ର କହିଥିଲେ।

# ଏନ୍‌ଆଇଏ ଏସ୍‌ପି ହେଲେ ସାଗରିକା ନାଥ



ଭୁବନେଶ୍ୱର ଏନ୍‌ଆଇଏ ଅଫିସରେ ହୋଇପାରନ୍ତି ନିଯୁକ୍ତି

ଭୁବନେଶ୍ୱର,୨।୮(ସମିସ): ୨୦୧୬ ଓଡ଼ିଶା କ୍ୟାଡର ଆଇପିଏସ୍ ସାଗରିକା ନାଥଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏର ଏସ୍‌ପି ଭାବେ ନିଯୁକ୍ତି ମିଳିଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏନ୍‌ଆଇଏରେ ଏସ୍‌ପି ଭାବେ ସାଗରିକା ନାଥଙ୍କୁ ନିଯୁକ୍ତି ଦିଆଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ଭାରତୀୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାର ମୁଖ୍ୟ ସଚିବଙ୍କୁ ୨୦୨୫ ଜୁଲାଇ ୩୧ରେ ଚିଠି ଲେଖାଯାଇଛି। ତାଙ୍କୁ ଓଡ଼ିଶା ଏନଆଇଏ ଦାୟିତ୍ୱ ମିଳିପାରେ ବୋଲି କୁହାଯାଉଛି। ଉଲ୍ଲେଖନୀୟ ଯେ ରାଜ୍ୟରେ ଟ୍ରାଫିକ ନିୟମ ପାଳନ ନେଇ ଏବଂ କଡ଼ାକଡ଼ି ନିୟମ ଲାଗୁ ନେଇ ବେଶ ଚର୍ଚ୍ଚାରେ ଥିଲେ ସାଗରିକା ନାଥ। ୩୭ ବର୍ଷୀୟା ସାଗରିକ ନାଥ ହେଉଛନ୍ତି ୨୦୧୬ ବ୍ୟାଚର ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର। କେନ୍ଦ୍ରୀୟ ଡେପୁଟେସନରେ ଯାଉଥିବା ସାଗରିକାଙ୍କୁ ଏନଆଇଏର ଏସପି ଭାବେ ନିଯୁକ୍ତ ଦିଆଯାଇଛି। ସେ ଏବେ ଖୋର୍ଦ୍ଧା ଏସପି ଭାବେ କାର୍ଯ୍ୟରତ। ଏହା ପୂର୍ବରୁ ସେ ବାଲେଶ୍ୱର ଏବଂ ସୁନ୍ଦରଗଡ଼ରେ ଏସ୍‌ପି ଭାବେ କାମ କରିଥିଲେ। ଭୁବନେଶ୍ୱର କମିସନରେଟ୍ ପୁଲିସରେ ଥିବା ବେଳେ ଚାଳକଙ୍କ ପ୍ରତି ନିଜର ଉତ୍ତମ ବ୍ୟବହାର ଓ ଟ୍ରାଫିକ୍ ନିୟକ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚର୍ଚ୍ଚାରେ ଥିଲେ ସାଗରିକା। ତାଙ୍କୁ ଏନଆଇଏ ଭୁବନେଶ୍ୱର ଏସ୍‌ପି ଅଫିସରେ ନିଯୁକ୍ତି ମିଳିପାରେ ବୋଲି କୁହାଯାଉଛି। ଏନେଇ ସାଗରିକା ନାଥ କହିଛନ୍ତି ଯେ ତାଙ୍କୁ ପ୍ରଥମେ ଦିଲ୍ଲୀରେ ଯୋଗଦେବାକୁ ପଡ଼ିବ। ପରେ ତାଙ୍କ ଏନ୍‌ଆଇଏ ଡିଜି ଯେଉଁଠି ନିଯୁକ୍ତି ଦେବେ ତାହା ସେ ଗ୍ରହଣ କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ସାଗରିକାଙ୍କ ମୂଳ ଘର ହେଉଛି ଢେଙ୍କାନାଳ ଜିଲ୍ଲାରେ। ତାଙ୍କ ବାପା ପ୍ରଦୀପ କୁମାର ନାଥ ନାଲକୋରେ ଡିଜିଏମ୍ ଥିଲେ। ଦାଦା ସୁଶାନ୍ତ ନାଥ ମଧ୍ୟ ଓଡ଼ିଶା କ୍ୟାଡର୍ ଆଇପିଏସ୍। ସେ କୋରାପୁଟ ଜିଲ୍ଲାର ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ୍ ସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ। ବିଶାଖାପାଟଣାରେ ଯୁକ୍ତଦୁଇ ପଢ଼ିବା ପରେ ଭୁବନେଶ୍ୱରସ୍ଥିତ ସିଇଟିରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଡିଗ୍ରି ହାସଲ କରିଥିଲେ। ୟୁପିଏସ୍‌ସି ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦୧୬ ମସିହାରେ ଭାରତୀୟ ପୁଲିସ ସେବାରେ ଯୋଗଦେଇଥିଲେ ସାଗରିକା।

## ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା ପଣ୍ଡ

# ୬ କୁଖ୍ୟାତ ଅପରାଧୀ ଗିରଫ; ମାରଣାସ୍ତ୍ର ଜବତ

ରାଉରକେଲା, ୨/୮ (ସମିସ)

ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ କୌଣସି ଏକ ପେଟ୍ରୋଲ ପମ୍ପ ସମେତ କିଛି ଦୋକାନରେ ଡକାୟତି ଯୋଜନା କରୁଥିବାବେଳେ ପୁଲିସ ଚଢ଼ଉ କରି ଘଟଣା ସ୍ଥଳରୁ ୬ ଜଣ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଜନତାନିବାସ ଗଳିପଛ ପାର୍ଶ୍ୱରେ ଥିବା ଇଦଗା ପଡ଼ିଆ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକାଠି ହୋଇ ବସି କୌଣସି ଏକ ବଡ଼ଧରଣର ଡକାୟତି ଯୋଜନା କରୁଥିବା ପୁଲିସକୁ ସୂଚନା ମିଳିଥିଲା। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବିଭସ୍ୱ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ୟୁ.କେ. ଅହିର ନିଜ ଟିମ୍ ସହ ସେଠାରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ପୁଲିସ



୬ ଜଣ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରିଥିଲା। ସେମାନେ ହେଲେ ମହତାବ ରୋଡ ଗଞ୍ଜାମ ବସ୍ତିର ରାହୁଲ ରାମ (୨୪), ଗୋପବନ୍ଧୁପାଲି ବସ୍ତିର କରନ୍ କେରକେଟା (୨୬), ସୁରଜ୍ ମଣ୍ଡଳ (୨୪), ଏମ୍‌ଡି ଗୁଲାବ (୨୪), ରେଲୱେ କଲୋନୀ ଇନ୍ଦିରା ନଗର ବସ୍ତିର ବଜରଙ୍ଗ ପାସୱାନ (୨୬) ଓ ପୁରୁଣାଷ୍ଟେସନ ଗଣେଶ ଛକର ଟକଲୁ କୁମାର (୨୦) ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ୩ଟି ରଡ଼, ଗୋଟିଏ ଭୁଜାଲି ଓ ୨ଟି ଛୁରି ଜବତ କରାଯାଇଛି। ଅଧିକ ପଚରାଉଚରା ପରେ ସ୍ଥାନୀୟ ଦୋକାନ, ଘର ଓ ପେଟ୍ରୋଲ ପମ୍ପ ଠାରେ ଡକାୟତି ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଗିରଫ ରାହୁଲ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୭ଟି, କରନ ନାଁରେ ୧୦ଟି, ବଜରଙ୍ଗ ନାଁରେ ୫ଟି, ସୁରଜ୍ ନାଁରେ ୩ଟି ଓ ଗୁଲାବ ନାଁରେ ୮ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ି ଥିବା ବେଳେ ଟକଲୁର ଅପରାଧିକ ମାମଲା ବିଷୟରେ ଅଧିକ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ ଯେ, ଗତ ୩୧ ଜୁଲାଇରେ ରେଲୱେ କଲୋନୀ ବଡ଼ ପାର୍କ ଠାରେ ଡକାୟତି ଯୋଜନାବେଳେ ପୁଲିସ ଚଢ଼ଉ କରି ୫ ଜଣ କୁଖ୍ୟାତ ଅପରାଧିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଗୌରୀ ନର୍ସିଂ ସ୍କୁଲରେ ବନ ମହୋତ୍ସବ

**ବଣାଇ, ୨/୮ (ସମିସ) :** ବଣାଇଁ ବ୍ଲକ କେନ୍ଦ୍ରିକଳା ପଞ୍ଚାୟତ ଅଧୀନ ଉପରପଡ଼ାସ୍ଥିତ ଗୌରୀ ନର୍ସିଂ ସ୍କୁଲ ପରିସରରେ ବନ ମହୋତ୍ସବ ପାଳନ ହୋଇଛି। ନିର୍ଦ୍ଦେଶକ ରାଜୁ ପୃଷେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବଣାଇଁ ସହକାରୀ ବନ ସଂରକ୍ଷକ ନଳିନୀ କାନ୍ତ ବେହେରା ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିସାନ, ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ଗୌରୀ ଆଇଟିଆଇ, ସେଣ୍ଟ ଜାଭିୟର୍ସ ଓ ଗୌରୀ ନର୍ସିଂ ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା।

## ଆର୍‌ଏସ୍‌ପିରେ ଆପ୍ରେଣ୍ଟିସ ତାଲିମ ସୁଯୋଗ

**ରାଉରକେଲା, ୨/୮ (ସମିସ):** ମହାରତ୍ନ କମ୍ପାନୀ ସେଲ୍‌ର ଅନ୍ୟତମ ୟୁନିଟ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି), ଆପ୍ରେଣ୍ଟିସ ଆକ୍ଟ ୧୯୬୧/୧୯୭୩ ଅନୁଯାୟୀ ଏକ ବର୍ଷ ନିମନ୍ତେ ଆପ୍ରେଣ୍ଟିସ ତାଲିମ ନେବା ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଆବେଦନ ଆମନ୍ତ୍ରଣ କରାଯାଇଛି। ଆଇଟିଆଇ ଯୋଗ୍ୟତା ସହିତ ଟ୍ରେଡ୍ ଆପ୍ରେଣ୍ଟିସ ଅଧୀନରେ ୪୪୦ ପ୍ରାର୍ଥୀ, ଡିପ୍ଲୋମା ଯୋଗ୍ୟତା ସହିତ ୨୭୧ ଟେକ୍‌ନିସିଆନ୍ ଆପ୍ରେଣ୍ଟିସ ଏବଂ ବି.ଟେକ୍ ଯୋଗ୍ୟତା ସହିତ ୧୦୫ ସ୍ନାତକ ଆପ୍ରେଣ୍ଟିସଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ମନୋନୀତ ଆପ୍ରେଣ୍ଟିସମାନେ ଆପ୍ରେଣ୍ଟିସ ଆଇନ, ୧୯୬୧ ଏବଂ ଆପ୍ରେଣ୍ଟିସ ନିୟମ, ୧୯୯୨ (ସମୟ ସମୟରେ ସଂଶୋଧିତ) ଅନୁଯାୟୀ ମାସିକ ଷ୍ଟାଇପେଣ୍ଡ ପାଇବେ। ଯୋଗ୍ୟ ପ୍ରାର୍ଥୀଙ୍କ ବୟସ ୨୦୨୫ ଅଗଷ୍ଟ ୩୧ ତାରିଖ ସୁଦ୍ଧା ସର୍ବନିମ୍ନ ୧୮ ବର୍ଷ ଏବଂ ସର୍ବାଧିକ ୨୮ ବର୍ଷ ହୋଇଥିବା ଆବଶ୍ୟକ। ଆବେଦନ ଦାଖଲର ଶେଷତାରିଖ ୩୧ ଅଗଷ୍ଟ ରହିଛି। ତେବେ ସୁନ୍ଦରଗଡ଼ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କୁହାଯାଇଛି। ଖାଲି ପଦପୂରଣ ନ ହେଲେ କେବଳ ଓଡ଼ିଶାର ଅନ୍ୟ ଜିଲ୍ଲା ଏବଂ ଅନ୍ୟାନ୍ୟ ରାଜ୍ୟର ଆବେଦନଗୁଡ଼ିକୁ ବିଚାର କରାଯିବ। ଉଲ୍ଲେଖନୀୟ ଯେ ଆରଏସପି ଆପ୍ରେଣ୍ଟିସ ପରେ ସ୍ଥାୟୀ ନିଯୁକ୍ତିର ଗ୍ୟାରେଣ୍ଟି ଦିଏ ନାହିଁ। ଅଧିକ ସୂଚନା ଏବଂ ଅପଡେଟ୍ ପାଇଁ, ପ୍ରାର୍ଥୀମାନଙ୍କୁ ନିୟମିତ ଭାବରେ ସମ୍ପୃକ୍ତ ଆପ୍ରେଣ୍ଟିସ ପୋର୍ଟାଲ୍ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

## ଏକତ୍ରର ଏକକ ଅଭିନୟ ଉତ୍ସବ 'ନାଟକ ସମାଜର ଦର୍ପଣ'



**ରାଉରକେଲା, ୨/୮ (ସମିସ):** ରାଉରକେଲାର ୨୬ଟି ନାଟ୍ୟ ଅନୁଷ୍ଠାନକୁ ନେଇ ଗଠିତ ଏକତ୍ର ରାଉରକେଲା ଦ୍ୱିଦିବସୀୟ ଏକକ ଅଭିନୟ ଉତ୍ସବ ସ୍ଥାନୀୟ ସିଭିକ ସେଣ୍ଟର୍ ଠାରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଓ ଏନଏସଡିର ଅଭିନେତା ତଥା ନିର୍ଦ୍ଦେଶକ ଜଗନ୍ନାଥ ସେଠ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାଏକ ଅନନ୍ୟ କାର୍ଯ୍ୟକ୍ରମ ବୋଲି ମତ ରଖିଥିଲେ। ଏହି ଅବସରରେ ଏକତ୍ରର ଉପଦେଷ୍ଟା ଡ. କୃପାସିନ୍ଧୁ ନାୟକ ସ୍ୱାଗତ ଭାଷଣ ଦେଇଥିଲା ବେଳେ ପ୍ରଫେସର ସମର ମୁଦୁଲି ମଞ୍ଚାସୀନ ଥିଲେ। ଏହି ଅବସରରେ ୩୦ ବର୍ଷରୁ କମ୍ ବୟସ୍କ ଅଭିନେତା ଅଭିନେତ୍ରୀ କୋଏଲ, ଶଙ୍ଖ, ସରସ୍ୱତୀ ଭାବେ ୩ ଭାଗରେ ବିଭକ୍ତ ହୋଇ ଏକକ ଅଭିନୟ କରିଥିଲେ। କୋଏଲ ବିଭାଗରେ ପ୍ରୀତମ କୁମାର ରଣା, ସାଇ ସିଦ୍ଧାର୍ଥ ଦାସ, ଶାଶ୍ୱତୀ ମହନ୍ତ, ଦେବଲୀନା କୁଣ୍ଡୁ, ଓମକାର ଜେନା, ଦେବସ୍ମିତା ପଟ୍ଟନାୟକ, ଅମୀଶା ମିଶ୍ର, ଶ୍ରୀକାନ୍ତ ନନ୍ଦ, ବିଶ୍ୱଜିତ ମହାପାତ୍ର, ଶୁଭସ୍ମିତା ମହାନ୍ତି, ସୋନାଲି ମହାରଣା, ସୌମ୍ୟଜିତ ଭାରତୀ, ତନୁସୌମ୍ୟ ହୋତା, ଶଙ୍ଖ ଗ୍ରୁପରେ ସୁଜଳ ମହାନନ୍ଦ, ଅପର୍ଣ୍ଣା ପଣ୍ଡା, ସୌରଭ ମହାନନ୍ଦ, ଓମ୍ ନିଖିଲ ସାହୁ, ଗୁନଗୁନ ମହାପାତ୍ର, ଶ୍ରେୟାଶ୍ରୀ ମହାନ୍ତି, ରକ୍ଷିତୋଷ ମହାନ୍ତି, ଦେବିଶିଷ ହୋତା, ପ୍ରିୟାଂଶୁ ନାୟକ, ହରପ୍ରିୟା ମହାରଣା, ଶିବାନୀ ମହାନ୍ତି, ଇନ୍ଦ୍ରଜିତ ରାଉଳ, ସୁଶ୍ରୀପ୍ରିୟା ମିଶ୍ର, ଶୃତିଶ୍ରୀ ଜେନା ଓ ସରସ୍ୱତୀ ଗ୍ରୁପରେ କୁଇନ ଦାସ, ଅଭିଜିତ ସାହୁ, ସାଗୁନ ବାରିକ, ସୁଲିପ୍ତା ଜେନା, ଅଞ୍ଜଳି କୁମାରୀ ସିଂହ, ରୋହିତ ଜଗଦଲ, ସ୍ମାରକ ଅନୁରାଗ ବାରିକ, ପ୍ରିୟଙ୍କା ପଲେଇ, ସୌରଭ ମିଶ୍ର, ଚିନ୍ମୟ ତ୍ରିପାଠୀ, ସୌରାଜ ଉପାଧ୍ୟାୟ ପ୍ରମୁଖ ଏକକ ଅଭିନୟ କରିଥିଲେ। ବିଚାରକ ଭାବେ ଏଲ୍‌ଏନ୍ ପଟ୍ଟନାୟକ, ଡ. ସଞ୍ଜୟ ହାତୀ, ପ୍ରଶାନ୍ତ କୁମାର ପତି ଦାୟିତ୍ୱ ତୁଲାଇଥିଲେ। ଏକତ୍ରର ସଭାପତି ରାଜୀବ ପାଣି, ଉପସଭାପତି ଆଲୋକ ବୋଷ, ରମେଶ ମହାନ୍ତି, ବିଲୋଚନ ପାତ୍ର ଓ ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ସାଂସ୍କୃତିକ ସମ୍ପାଦକ ପ୍ରବୀର କୁମାର ଜେନା, ପ୍ରଜ୍ଞାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କନକଲତା ଦାସ, କଲ୍ୟାଣୀ ଦାସ, ବବି ମହାଲିକ, ପ୍ରିତୀ ବାରିକ, ପ୍ରସନ୍ନ ମହାନ୍ତି, ସୁଦେଶ ନାୟକ, ଦିଲ୍ଲିପ ମହାନ୍ତି, ପ୍ରଳୟ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଭାରତଭୂଷଣ ମହାନ୍ତି, ଅଭୟ କୁମାର ଦାସ, ଶର୍ମିଷ୍ଠା କବି ଶତପଥୀ ଉପସ୍ଥିତ ଥିଲେ।

## ଗୁରୁ ବ୍ୟାସଦେବଙ୍କ ଜୟନ୍ତୀ ପାଳିତ

**ରାଉରକେଲା, ୨/୮ (ସମିସ):** ଏନ୍‌ଆଇଟି ରାଉରକେଲା ପରିସରସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ 'ଭାରତୀୟ ଗୁରୁ ପରମ୍ପରାରେ ବ୍ୟାସ ଦେବ' ଶୀର୍ଷକ ବ୍ୟାସ ଦେବ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରାଙ୍କ ଆବାହକତ୍ୱ ଓ ମାଧବନଗର ଶାଖାର ସଭାପତି ଶିକ୍ଷାବିତ



ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ତାରିଣୀ ଚରଣ ସାହୁ ମୁଖ୍ୟ ଅତିଥି, ଅଜୟ କୁମାର ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ନିରୁପମା ଦାଶ ପତିଙ୍କର ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଅଜୟ ରାଉତ, ଛବିରାଣୀ ପ୍ରଧାନ, ପ୍ରମିଳା ଡୁଙ୍ଗଡୁଙ୍ଗ, ମିନତୀ ଖମାରୀ, ପୂଜାସ୍ୱାଇଁ, ହରିହର କାମିଲା, ସୁଜାତା ମିଶ୍ର, ସୁଶାନ୍ତ ରାୟ, ସୁରେଖା ନାୟକ, ବନିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ଶ୍ରେୟସୀ ସାହୁ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶିକ୍ଷକ ସରୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପିଏମ୍ କିଶାନର ୨୦ତମ କିସ୍ତି ପାଇଲେ ଚାଷୀ

**ରାଉରକେଲା, ୨/୮ (ସମିସ):** ସୁନ୍ଦରଗଡ଼ସ୍ଥିତ ସଂସ୍କୃତିଭବନଠାରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧିର ୨୦ ତମ କିସ୍ତି ବିତରଣ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା। ଉତ୍ତରପ୍ରଦେଶରର ବାରଣାସୀଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୯ କୋଟି ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀମାନଙ୍କୁ ପି.ଏମ୍. କିଶାନର ୨୦ ତମ କିସ୍ତି ଡିବିଟି ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରିଥିଲେ। ଜିଲ୍ଲା ସଂସ୍କୃତିଭବନ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାରମନ୍ତ୍ରୀ ତଥା ସାଂସଦ ଜୁଏଲ ଓରାମ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ବିଧାନ ସଭାର ଉପ ବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରଘୁନାଥପାଲିର ବିଧାୟକ ଦୁର୍ଗାଚରଣ ତନ୍ତୀ, ଜିଲ୍ଲା ପରିଷଦ ଅଧକ୍ଷା କୁନ୍ତି ପ୍ରଧାନ, ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର ଯୋଗ ଦେଇଥିଲେ। ସେହିଭଳି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇଏଏସ ଶିକ୍ଷାନବିଶ



ଫାବୀ ରସିଦ ସଦୟ ଉପସ୍ଥିତ ରହିଥିଲେ। ସେହିଭଳି କେନ୍ଦ୍ର ସରକାର ତଥା ଓଡ଼ିଶା ସରକାରଙ୍କ ଦ୍ୱାରା ଚାଷୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଯୋଜନା ଗୁଡ଼ିକରେ ଅନ୍ତର୍ଭୁକ୍ତ ହୋଇ ତାହାକୁ କୃଷି କ୍ଷେତ୍ରରେ ଉପଯୋଗ କରିବାକୁ ଅତିଥିମାନେ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଆଜି ପି ଏମ କିଶାନ ଅନ୍ତର୍ଗତ ସୁନ୍ଦରଗଡ଼ ଜିଲ୍ଲାର ୧, ୩୫, ୩୯୫ ଜଣ ଚାଷୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରାୟ ୨୭ କୋଟି ଟଙ୍କା ସହାୟତା ରାଶି ହସ୍ତାନ୍ତର ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼ର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପରିଚାଳନା କରିଥିଲେ।

## ଆଜବେଷ୍ଟସ୍ କାଟି ଦୋକାନରୁ ଚୋରି

**ବଣାଇଁ, ୨/୮ (ସମିସ):** ବଣାଇଁ ଥାନା ଅଧୀନ ଦରେଇକଳା ଛକ ନିକଟରେ ଥିବା ଗୋଟିଏ ଦୋକାନରୁ ଶୁକ୍ରବାର ରାତିରେ ମୂଲ୍ୟବାନ ସାମଗ୍ରୀ ସହ ଟଙ୍କା ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଦୋକାନର ଟିଣ ଆଜବେଷ୍ଟସ୍‌କୁ କାଟି ଭିତରେ ପଶିଥିବା ଜଣାପଡ଼ିଛି। ଦରେଇକଳା ଗ୍ରାମର ହୃଷିକେଶ ସୂତାର(୫୫)ଙ୍କ ଦରେଇକଳା ଛକ ନିକଟରେ ଏକ ରାସନ୍ ଦୋକାନ ରହିଛି। ସବୁଦିନ ଭଳି ଗତକାଲି ମଧ୍ୟ ରାତି ୯.୩୦ ରେ ଦୋକାନ ବନ୍ଦ୍ କରି ଘରକୁ ଯାଇଥିଲେ। ଆଜି ସକାଳ ୭ ଟାବେଳେ ଆସି ଦୋକାନ ଖୋଲିବା ବେଳକୁ ଆଜବେଷ୍ଟସ କଟା ହୋଇଥିବା ବେଳେ ଦୋକାନରୁ ଅନେକ ସାମଗ୍ରୀ ଓ ଟଙ୍କା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ହୃଷିକେଶ ବଣାଇଁ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଦୀର୍ଘଦିନ ହେବ ବଣାଇଁ ଅଞ୍ଚଳରେ ଚୋରି ଡକାୟତି ବୃଦ୍ଧି ଘଟୁଥିବାରୁ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

## ସରସ୍ୱତୀ ଶିଶୁମନ୍ଦିରେ ଜ୍ଞାନବିଜ୍ଞାନ ମେଳା



**ରାଉରକେଲା, ୨/୮ (ସମିସ):** ସ୍ଥାନୀୟ ପାନପୋଷ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଉକ୍ତ ବିଜ୍ଞାନମେଳାରେ ଡେଭଲପମେଣ୍ଟ ସରକାର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିଶ୍ୱଜିତ ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝୀ, ସଭାପତି ଭବାନୀଶଙ୍କର ଚାନ୍ଦେଲ, କୋଷାଧକ୍ଷ ବସନ୍ତ କୁମାର ତନ୍ତୀ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଉଷାରାଣୀ ମିଶ୍ର ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବର୍ଷ ୨୦୨୫-୨୬ର ଜ୍ଞାନବିଜ୍ଞାନ ମେଳାରେ ପ୍ରଶ୍ନମଞ୍ଚ, ପ୍ରୟୋଗ, ମୂର୍ତ୍ତିକଳା ପତ୍ରଗଠନ, ଗଳ୍ପକଥନ, ପ୍ରବନ୍ଧଲିଖନ ଓ ପ୍ରକଳ୍ପରେ ଶିଶୁବାଟିକା ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବମୋଟ ୨୧୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ମ୍ୟୁନିସିପାଲ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ସୁନୀତା ରାଣୀ ପ୍ରଧାନ ଡେଭଲପମେଣ୍ଟ ଏରିଆ ହାଇସ୍କୁଲର ବିଜ୍ଞାନଶିକ୍ଷକ ବିଶ୍ୱଜିତ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ପ୍ରତିଭାଗୀ ଶିଶୁ ଭାଇଭଉଣୀମାନଙ୍କର ମୂଲ୍ୟାଙ୍କନ କରିଥିଲେ। ମଧୁସିକ୍ତା ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବସୁଧୈବ କୁଟୁମ୍ବକମ୍ ତରଫରୁ ଚାରାରୋପଣ

**ରାଉରକେଲା, ୨/୮ (ସମିସ):** ବୃକ୍ଷ ବିନା ସୁନ୍ଦର ପୃଥିବୀ ପରିକଳ୍ପନା ଅବଶ୍ୟମ୍ଭାବୀ ବୋଲି ସହରର ଜଣାଶୁଣା ସାମାଜିକ ସାଂସ୍କୃତିକ ଅନୁଷ୍ଠାନ 'ବସୁଧୈବ କୁଟୁମ୍ବକମ୍' ତରଫରୁ ସ୍ଥାନୀୟ ବାସନ୍ତି କଲୋନୀ ସ୍ଥିତ ସରକାରୀ ହାଇସ୍କୁଲ ଠାରେ ଆୟୋଜିତ ବନମହୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବସୁଧୈବ କୁଟୁମ୍ବକମ୍' ଅନୁଷ୍ଠାନର ସଭାପତି କବୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ରାଉରକେଲା ମୁନିସିପାଲ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧାପିକା ବିଜୟଲକ୍ଷ୍ମୀ ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ବୃକ୍ଷ ହିଁ ଜୀବନ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶ ଯୋଗଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ କହିଲେ ମଣିଷର ପ୍ରତିଟି ମୁହୂର୍ତ୍ତରେ, ଜୀବନଚର୍ଯ୍ୟା ଏବଂ ଦୈନନ୍ଦିନର ବ୍ୟବହାରିକ କାର୍ଯ୍ୟରେ ବୃକ୍ଷର ଆବଶ୍ୟକତା ପଡ଼ିଥାଏ। 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଲେ ଇଶ୍ୱରଙ୍କ ଦ୍ୱାରା ସୃଷ୍ଟି ଏହି ସୁନ୍ଦର ସବୁଜିମା ପୃଥିବୀ ଆଜି ଶ୍ରୀହୀନ ହୋଇ ଧ୍ୱଂସାଭିମୂଖୀ। ଯାହାକି ମଣିଷ ସମାଜ ପାଇଁ ଏକ ବିରାଟ ସତର୍କ ଘଣ୍ଟିବୋଲି ସେ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ବିଶ୍ୱାଳ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅନୀଲ ଦାଶ ସଂଯୋଜନା କରିବା ସହ ହରିହର ଶତପଥୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବସନ୍ତ ହଂସ, ଅପର୍ଣ୍ଣା ସାହୁ, ମମତା ସାମଲ, ରୂପକ ପାତ୍ର, ସଚ୍ଚିକାନ୍ତ ବିଶ୍ୱାଳ ଓ ସୂର୍ଯ୍ୟକାନ୍ତ ପଣ୍ଡା ଉପସ୍ଥିତ ଥିଲେ।




## ବନ ବିଭାଗ ପକ୍ଷରୁ ୭୬ତମ ବନମହୋତ୍ସବ

# ୮୯୫.୧୩ ହେକ୍ଟର ଜମିରେ ୫, ୬୧, ୫୫୦ ଚାରାରୋପଣ ଲକ୍ଷ୍ୟ





ରାଉରକେଲା, ୨/୮ (ସମିସ)

ସ୍ଥାନୀୟ ହନୁମାନ ବାଟିକା ନିକଟସ୍ଥ ରାଉରକେଲା ଇସ୍ପାତ କାରଖାନାର ବିସ୍ତୃତ ପଡ଼ିଆରେ ଆଜି ରାଉରକେଲା ବନ ବିଭାଗ ପକ୍ଷରୁ ୭୬ ତମ ବନମହୋତ୍ସବ - ୨୦୨୫ ପାଳନ କରାଯାଇଥିଲା। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଆତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ, ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ରାମାସାମୀ ପି., ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ଯୋଗ ଦେଇଥିଲେ। ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ 'ମା ପାଇଁ ଗଛ ଟିଏ' ଯୋଜନାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ କହିଲେ ଯେ ଚଳିତବର୍ଷ ଭାରତରେ ୭ କୋଟିରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। 'ମା ପାଇଁ ଗଛ ଟିଏ' ପାଇଁ ଗଛ ଟିଏ ଯୋଜନାରେ ସମସ୍ତଙ୍କୁ ଗୋଟିଏ ଗୋଟିଏ ଗଛ ଲଗାଇ ସୁନ୍ଦରଗଡ଼ ଜିଲ୍ଲାକୁ ଏକ ସୁନ୍ଦର ସବୁଜିମାରେ ପରିଣତ କରିବା ପାଇଁ ସେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଡିଏଫଓ ଶ୍ରୀ ସେଠୀ ସୂଚନା ଦେଇ କହିଲେ ଚଳିତବର୍ଷ ରାଉରକେଲା ବନଖଣ୍ଡକୁ ସରକାରଙ୍କ ତରଫରୁ ୧୦, ୩୦, ୦୦୦ ଚାରା ବଣ୍ଟନ ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ଏଥି ପାଇଁ ରାଉରକେଲାରେ ୨ ଗୋଟି ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର କରାଯାଇଛି ଏବଂ ରାଉରକେଲା ବନଖଣ୍ଡର ସମସ୍ତ ବନାଞ୍ଚଳରେ ମଧ୍ୟ ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର ଖୋଲା ଯାଇଛି। ତତ୍‌ସହିତ ରାଉରକେଲା ବନଖଣ୍ଡର ସମସ୍ତ ବନାଞ୍ଚଳର ସ୍ଥାୟୀ ଏବଂ ଅସ୍ଥାୟୀ ନର୍ସରୀରେ ମଧ୍ୟ ଚାରାବିତରଣ କରାଯାଉଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ୮୯୫.୧୩ ହେକ୍ଟର ପରିସୀମାରେ ରାଉରକେଲା ବନଖଣ୍ଡ ଦ୍ୱାରା ୫, ୬୧, ୫୫୦ ଗୋଟି ବୃକ୍ଷରୋପଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପାନପୋଷ ବନାଞ୍ଚଳ ଅଧିକାରୀ ଜ୍ଞାନେନ୍ଦ୍ର ଲିମା ଆୟୋଜନ କରିଥିଲେ। ସହକାରୀ ବନସଂରକ୍ଷକ, ରାଉରକେଲା ବନଖଣ୍ଡ ରାଉରକେଲା ବନଖଣ୍ଡର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ, ବନରକ୍ଷୀ ସହଯୋଗ କରିଥିଲେ। ଏହି ଅବସରରେ ରାଉରକେଲା ବନମଣ୍ଡଳ, ଅନ୍ୟାନ୍ୟ ଅତିଥି ବୃନ୍ଦ ସମେତ ରାଉରକେଲା ଅଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

## ବାଇକ୍‌କୁ ପଛରୁ ପିଟିଲା ବାଇକ୍; ୨ ଗୁରୁତର

ଦେବଗଡ଼/କୁଣ୍ଢେଇଗୋଲା,୨।୮ (ସମିସ): ରିଆମାଳ ବ୍ଲକ୍ ଅନ୍ତର୍ଗତ ଚିଙ୍ଗୁଡ଼ିଝରଣ ଗ୍ରାମ ଦେଇ ଯାଇଥିବା ୫୩ ନମ୍ବର୍ ଜାତୀୟ ରାଜପଥରେ ଏକ ବାଇକ୍‌କୁ ପଛରୁ ଅନ୍ୟ ଏକ ବାଇକ୍ ପିଟିବା ଫଳରେ ଦୁଇ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଟିଙ୍କବୀର ଗ୍ରାମର ମନୋରଞ୍ଜନ ସାହୁ ରବିବାର ନିଜ ପିତାଙ୍କ ଶୁଦ୍ଧିକ୍ରିୟା ପାଇଁ ବୁଢ଼ାପାଲ ଆଦର୍ଶ ବିଦ୍ୟାଳୟକୁ ନିଜ ଝିଅ ସ୍ନେହା ସାହୁକୁ ଆଣିବାକୁ ଯାଇ ବାଇକ୍‌ରେ ନିଜ ଘରକୁ ଫେରୁଥିଲେ। ସେହି ସମୟରେ ବୁରୁବୁଡ଼ା ଗ୍ରାମର ମୁକେଶ ପ୍ରଧାନ ଓ ଲିକୁ କିସାନ ହୋଣ୍ଡା ବାଇକ୍‌ରେ ଚିଙ୍ଗୁଡ଼ିଝରଣ ଛକଠାରେ ମନୋରଞ୍ଜନ ସାହୁଙ୍କ ବାଇକ୍ କୁ ପଛରୁ ଧକ୍କା ଦେଇଥିଲା। ଫଳରେ ମନୋରଞ୍ଜନର ଡାହାଣ ହାତ ଭାଙ୍ଗିଥିବା ଯାଇଥିବାବେଳେ ସ୍ନେହା ଏକ ପୋଲ ତଳକୁ ଛିଟିକି ପଡ଼ି ଯାଇଥିଲେ। ଉଭୟ ମୁକେଶ ଓ ଲିକୁ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏକ କାରରେ ୪ ବାଇକ ଆରୋହୀଙ୍କୁ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ମନୋରଞ୍ଜନ ଓ ମୁକେଶର ଅବସ୍ଥା ଗୁରୁତର ଥିବାରୁ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକଙ୍କ ବିକ୍ଷୋଭ

ଇବଥର୍ମାଲ,୨।୮ (ସମିସ)



ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟସମିତି ଝାରସୁଗୁଡ଼ା ଜିଲ୍ଲା ଶାଖା ସଂଘର ଡାକରା କ୍ରମେ ଲଖନପୁର ବ୍ଲକ୍ ଶିକ୍ଷକମାନେ ସ୍ଥାନୀୟ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଲଖନପୁର ବ୍ଲକ୍ ଓଷ୍ଟା ସମ୍ପାଦକ ନନ୍ଦଲାଲ ସାହୁଙ୍କ ନେତୃତ୍ୱରେ ଶିକ୍ଷକମାନେ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଓ ମହାବିଦ୍ୟାଳୟ ଗୁଡିକରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସସୀମା ୬୦ ରୁ ୬୨ କୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଗ୍ରେଡ୍‌ପେରେ ଥିବା ଅସଙ୍ଗତି ଦୂର କରିବା, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ସରକାରୀ କରଣ ଓ ଶିକ୍ଷକ ନିଯୁକ୍ତି, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନ୍ୟାସନାଲ୍ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ସ୍କିମର ପୁନଃ ପ୍ରଚଳନ ଆଦି ୬ଟି ଦାବି ସମ୍ବଳିତ ଦାବିପତ୍ର ବିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶାସନ ସଚିବ ସ୍କୁଲ ଓ ଗଣଶିକ୍ଷା ବିଭାଗଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଲଖନପୁର ବିଇଓ ରାଜେନ୍ଦ୍ର ସାହୁ ଶିକ୍ଷକମାନଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଜିଲ୍ଲା ଓଷ୍ଟା ଉପସଭାପତି ବିପଦ ଭଞ୍ଜନ ପଣ୍ଡା, ଇସି ମେମ୍ବର କେଶବ ସାଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

## ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ଉପଭୋକ୍ତା ହନ୍ତସନ୍ତ

ପଦ୍ମପୁର,୨।୮ (ସମିସ): ପଦ୍ମପୁର ଉପଖଣ୍ଡରେ ବିଦ୍ୟୁତ୍ ବିଭାଗର ଅଘୋଷିତ ବିଦ୍ୟୁତ କାଟ୍ ଉପଭୋକ୍ତାଙ୍କୁ ହନ୍ତସନ୍ତ କରୁଛି। ବର୍ତ୍ତମାନ ବିଜୁଳି ଶକ୍ତିର ପ୍ରତ୍ୟେକ କାର୍ଯ୍ୟରେ ଆବଶ୍ୟକତା ରହିଛି। ବିଜୁଳି ବିନା ଚଳିବା ମୁସ୍କିଲ ହୋଇଛି। ଏପରି ସ୍ଥଳେ ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର ଜନମାରଣ ନୀତି ଆପଣାଇଛି। ବିଦ୍ୟୁତ୍ ବିଭାଗର ମନମୁଖୀ କାମ ଯୋଗୁଁ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକମାନେ ବହୁ ଦିନ ଧରି ବିଜୁଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟ୍ ଫଳରେ ସାଧାରଣ ଲୋକେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ବିଦ୍ୟୁତ୍ ବିଭାଗ ବିତରଣର ସ୍ଥିରତା ପ୍ରତି ଦୃଷ୍ଟି ନ ଦେଇ କେବଳ ନିଜର ରାଜସ୍ୱ ବୃଦ୍ଧିରେ ଲାଗି ରହୁଛନ୍ତି ବୋଲି ଉପଭୋକ୍ତା ଅଭିଯୋଗ କରିଛନ୍ତି। ତୁରନ୍ତ ବିଦ୍ୟୁତ୍ ସମସ୍ୟା ସମାଧାନ ନ କଲେ ଆଗାମୀ ଦିନରେ ବିଦ୍ୟୁତ୍ ଅଫିସ ଘେରିବାକୁ ଉପଭୋକ୍ତାମାନେ ଚେତାବନୀ ଦେଇଛନ୍ତି।

## ଗୌରୀ ଶଙ୍କର ମନ୍ଦିରରେ 'ଶ୍ରାବଣୀ ଉପାକର୍ମ' ପୂଜା

ବରଗଡ଼,୨।୮ (ସମିସ): ବରଗଡ଼ ଗୌରୀ ଶଙ୍କର ମନ୍ଦିରଠାରେ 'ଶ୍ରାବଣୀ ଉପାକର୍ମ' ପୂଜା ଅନୁଷ୍ଠିତ ହୋଇଛି। ଶ୍ରାବଣ ମାସ ଆରମ୍ଭ ଦିନଠାରୁ ଗତ ଦଶ ବର୍ଷ ଧରି ଏହି ପୂଜା ଅନୁଷ୍ଠିତ ହୋଇଆସୁଛି। ଉକ୍ତ କ୍ରମରେ ଚଳିତ ବର୍ଷ ପୂଜା ଅବସରରେ ପ୍ରଥମେ କଳସ ଅଧିବାସ, ସୂର୍ଯ୍ୟ ପୂଜା, ଗୋ ପୂଜା, ଗୌରୀ ଶଙ୍କର ବାବାଙ୍କ ଷୋଡଶ ଉପଚାର ପୂଜା, ରୁଦ୍ରାଭିଷେକ, ମହାମୃତ୍ୟୁଞ୍ଜୟ ଜପ, ଆରତୀ, ପୁଷ୍ପାଞ୍ଜଳି ପ୍ରଭୃତି ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ସଞ୍ଜୟ ମେହେର ଓ



ତାଙ୍କ ଧର୍ମପତ୍ନୀ ସସ୍ମିତା ମେହେର ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ କିଶୋର ଚନ୍ଦ୍ର ଦାଶ, ପ୍ରତ୍ୟୁଷ ପାଣ୍ଡେ, ରାଜେନ୍ଦ୍ର ତ୍ରିପାଠୀ, ପ୍ରମୋଦ ଦାଶ, ଶିଭମ ଦାଶ, ପ୍ରବୀଣ ଦାଶ, କୃପାଚାର୍ଜ ମିଶ୍ର ପିଣ୍ଟୁ ମହାପାତ୍ର, ମନୋଜ ପଣ୍ଡା, ହୀରା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂଜା ପରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନ ସେବନ କରିଥିଲେ। ଆସନ୍ତା ୯ ତାରିଖ ଦିନ ଏହି ପୂଜାର ପୂର୍ଣ୍ଣାହୁତି ହେବ।

## ଶ୍ୱଶୁରର ଟାଙ୍ଗିଆ ଚୋଟରେ ଜ୍ୱାଇଁ ଗୁରୁତର

ଦେବଗଡ଼,୨।୮ (ସମିସ): ଦେବଗଡ଼ ଥାନା ଅନ୍ତର୍ଗତ ସୁନାପସୀ ଗ୍ରାମରେ ଶନିବାର ଶ୍ୱଶୁରର ଟାଙ୍ଗିଆ ଚୋଟରେ ଜ୍ୱାଇଁ ଗୁରୁତର ହୋଇଥିବା ବେଳେ ଅନ୍ୟପକ୍ଷରେ ଗୁରୁତର ଯୁବକର ସ୍ତ୍ରୀଙ୍କ ଏତଲା ଆଧାରରେ ଦେବଗଡ଼ ଥାନା ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଶ୍ୱଶୁର ଗଣନାଥ ଧଳଙ୍କୁ ଥାନାରେ ଅଟକ ରଖିଛି।



ମିଳିଥିବା ସୂଚନା ଅନୁଯାୟୀ, ବସାଲଇ ପଞ୍ଚାୟତ ଅନ୍ତର୍ଗତ ସୁନାପସୀ ଗ୍ରାମର ଗଣନାଥ ଧଳଙ୍କ ଝିଅ କରିସ୍ମା ଧଳ (୧୯) ପରିବାର ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ସେହି ଗ୍ରାମର ଗଙ୍ଗାଧର ସାହୁ (୨୯) ନାମକ ଯୁବକଙ୍କୁ ବିବାହ କରିଥିଲେ। ତେବେ ସେହି ଦିନଠାରୁ ଉଭୟ ପରିବାର ମଧ୍ୟରେ ଉତ୍ତେଜନା ଲାଗିରହିଥିଲା। ଏହାକୁ ନେଇ ଜ୍ୱାଇଁଙ୍କୁ ପସନ୍ଦ କରୁ ନ ଥିବା ଶ୍ୱଶୁର ବାରମ୍ବାର ଝିଅ କରିସ୍ମା ଓ ଜ୍ୱାଇଁ ଗଙ୍ଗାଧରଙ୍କୁ ଜୀବନରେ ମାରିବାକୁ ଧମକ ଦେଇ ଆସୁଥିଲେ। ଆଜି ଗଙ୍ଗାଧର କୌଣସି କାମରେ ନଳବନ୍ଧ ଗ୍ରାମରୁ ଫେରୁଥିବା ସମୟରେ

**ଶ୍ୱଶୁର ଥାନାରେ ଅଟକ**

ଗଣନାଥ ଏକ ଟାଙ୍ଗିଆ ଧରି ରାସ୍ତାରେ ଛପି ଥିଲା। ଗଙ୍ଗାଧରଙ୍କୁ ଦେଖିବା ପରେ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏଥିରେ ଗଙ୍ଗାଧର ଗୁରୁତର ହୋଇଥିଲେ। ଏନେଇ ଗଙ୍ଗାଧରଙ୍କ ପତ୍ନୀ ତଥା ଗଣନାଥଙ୍କ ଝିଅ ବାପାଙ୍କ ବିରୁଦ୍ଧରେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଦେବଗଡ଼ ଥାନା ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏଥିସହ ଅଭିଯୁକ୍ତ ଶ୍ୱଶୁରକୁ ଥାନାରେ ଅଟକ ରଖିଛି।

## ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ଦେବଗଡ଼,୨।୮ (ସମିସ): ଦେବଗଡ ଜିଲ୍ଲାର ବିଭିନ୍ନ ପ୍ୟାକ୍ସରେ ସାରର ଘୋର ଅଭାବ ଦେଖାଦେଇଛି। ଯାହା ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଆଜି ଜିଲ୍ଲା କଂଗ୍ରେସ ସଂଯୋଜକ ସେମ ହେମ୍ବ୍ରମଙ୍କ

**ସାର ଯୋଗାଣ ଦାବି**



ନେତୃତ୍ୱରେ ରେବତୀ ମୋହନ ପଟ୍ଟନାୟକ, ଶ୍ରୀତମ ସାହୁ, ରମେଶ ଚନ୍ଦ୍ର ପାତ୍ର ଆକାଶ ଦାଶ, ସୁଶୀଲ ଗୁଡିଆଙ୍କ ସମେତ ବହୁ କଂଗ୍ରେସ କର୍ମୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ତୁରନ୍ତ ଜିଲ୍ଲାର ସମସ୍ତ ପ୍ୟାକ୍ସରେ ସାର ଯୋଗାଣ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ପୂର୍ବରୁ ମଧ୍ୟ ଏନେଇ କଂଗ୍ରେସ ପକ୍ଷରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ଏହାପରେ ବି କୃଷି ବିଭାଗ ଚାଷୀଙ୍କୁ ସାର ଯୋଗାଇ ଦେବାରେ ବିଫଳ ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ରବିବାର ସୁଦ୍ଧା ଚାଷୀମାନଙ୍କୁ ସାର ନ ଯୋଗାଇଲେ ସୋମବାର ଠାରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ କଂଗ୍ରେସ ତାଲା ପକାଇବ ବୋଲି ଆଜି ଜିଲ୍ଲା ସଂଯୋଜକ ଶ୍ରୀ ହେମ୍ବ୍ରାମ ଚେତାବନୀ ଦେଇଛନ୍ତି।

## ମିଲ୍‌ର ଚାଉଳ ଉଠାଇବାକୁ ମିଲର୍ସଙ୍କ ଦାବି

ବରଗଡ଼,୨।୮ (ସମିସ): ବରଗଡ଼ ଗଣପତି ହୋଟେଲରେ ବରଗଡ଼ ଜିଲ୍ଲା ମିଲର୍ସ ଆସୋସିଏସନ ତରଫରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମିଲ୍‌ରେ ପଡିରହିଥିବା ଚାଉଳକୁ ତୁରନ୍ତ ଉଠାଇବାକୁ ମିଲର୍ସ ଆସୋସିଏସନ ଦାବି କରିଛନ୍ତି। ଧାନ କିଣାବିକା ସରିଲା ପରେ ମଧ୍ୟ କେତେକ ମଣ୍ଡିମାନଙ୍କରେ ଧାନ ଗଦା ହୋଇରହିଛି। ଏପଟେ ମିଲ୍‌ରୁ ଚାଉଳ ଉଠି ପାରି ନାହିଁ। ବର୍ତ୍ତମାନ ସୁଦ୍ଧା ଖରିଫ ଓ ରବି ସମୟରେ କେବଳ ୩୯ ପ୍ରତିଶତ ଚାଉଳ ଉଠାଯାଇଥିବାବେଳେ ୬୧ ପ୍ରତିଶତ ଚାଉଳ ମିଲ୍‌ରେ ପଡି ରହିଥିବା ମିଲର୍ସମାନେ କହିଛନ୍ତି। ସେହିପରି ଚଳିତ ରବି ଧାନ ଗୁଡିକ ଚାଉଳ ନ ଉଠିବା ଯୋଗୁଁ ବିନା ପ୍ରୋସେସିଂରେ ପଡିରହିଛି। ତେବେ ବେଶୀ ଦିନ ପଡି ରହିଲେ ତାହା ମଧ୍ୟ ଖରାପ ହେବାର ଆଶଙ୍କା ରହିଛି। ତେଣୁ ଖୁବ୍‌ଶୀଘ୍ର ଚାଉଳ ଉଠାଇବାକୁ ବରଗଡ଼ ମିଲର୍ସ ଆସୋସିଏସନ୍ ସରକାରଙ୍କୁ ଗୁହାରି କରିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ଜିଲ୍ଲାର ୧୨୦ଟି ମିଲ୍‌ର ମାଲିକ ଯୋଗଦେଇଥିଲେ। ମିଲ୍ ମାଲିକମାନେ ସବୁବେଳେ ସରକାରଙ୍କୁ ସହଯୋଗ କରି ଆସୁଛନ୍ତି। ମିଲର୍ସମାନଙ୍କର ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ରହିଛି। ଏପରି ପରିସ୍ଥିତିରେ ଆଉ ସହଯୋଗ କରିବା ଅବସ୍ଥାରେ ମିଲର୍ସମାନେ ନଥିବା କହିଛନ୍ତି। ସମସ୍ତ ମିଲ୍ ଗୁଡିକରେ ଚାଉଳ ଭର୍ତ୍ତି ହୋଇ ରହିଛି। ଆଗାମୀ ଦିନରେ ତାହାକୁ ଖାଲି କରା ନ ଗଲେ, ଧାନ କିଣିକି କୋଉଠି ରଖିବୁ ବୋଲି ମିଲର୍ସମାନେ ପ୍ରଶ୍ନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ନୀତେଶ ବଂଶଲ୍, ଗିରଧର ଅଗ୍ରୱାଲ, ଚନ୍ଦନ ଅଗ୍ରୱାଲ, ଦିନେଶ ପାଣିଗ୍ରାହୀଙ୍କ ସମେତ ବହୁ ମିଲ୍ ମାଲିକ ଉପସ୍ଥିତ ଥିଲେ। ଶେଷରେ ବାସୁଦେବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ରିଜର୍ଭ ପୁଲିସ ପକ୍ଷରୁ 'ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨।୮ (ସମିସ): ଝାରସୁଗୁଡ଼ା ରିଜର୍ଭ ପୁଲିସ ପକ୍ଷରୁ ଶନିବାର 'ମା'ପାଇଁ ଗଛଟିଏ ତଥା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡା ରିଜର୍ଭ ପୁଲିସ କାର୍ଯ୍ୟାଳୟ ଠାରୁ ଜେଲ ଛକ ପର୍ଯ୍ୟନ୍ତ ରାସ୍ତା ଦୁଇ ପାଶ୍ୱର୍ରେ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଚାରାରୋପଣ କରିଥିଲେ। ଝାରସୁଗୁଡା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ, ଏସ୍‌ପି ସ୍ମିଥ ପି. ପରମାର, ଏସ୍‌ଡିପିଓ ଉମାଶଙ୍କର ସିଂ ପ୍ରମୁଖଙ୍କ ସମେତ ଜିଲ୍ଲା ପୁଲିସର ବହୁ ଅଧିକାରୀ ଓ ପୁଲିସ କର୍ମୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ।



## ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଝାରସୁଗୁଡା,୨।୮ (ସମିସ): ଝାରସୁଗୁଡା ଜିଲ୍ଲା ପତଞ୍ଜଳୀ ଯୋଗ ସମିତି ଭାରତ ସ୍ୱାଭୀମାନ ଟ୍ରଷ୍ଟ ବ୍ରଜରାଜନଗର ଶାଖା ପକ୍ଷରୁ ଆୟୋଜିତ ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବ୍ରଜରାଜନଗର ଅଞ୍ଚଳର ଯୁବକଯୁବତୀମାନଙ୍କୁ ନେଇ ଏହି ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଗତ ବର୍ଷ ମାର୍ଚ୍ଚ ମାସରୁ ଚଳିତ ବର୍ଷ ଏପ୍ରିଲ ମାସ ପର୍ଯ୍ୟନ୍ତ ୬୦ ଜଣଙ୍କୁ ସହକାରୀ ଯୋଗ ଶିକ୍ଷକ ତାଲିମ ପ୍ରଦାନ ଦିଆଯାଇଥିଲା। ଶନିବାର ବ୍ରଜରାଜନଗର ସ୍ଥାନୀୟ ବୁଢିଆ କଲୋନୀ ଜଗନ୍ନାଥ ମନ୍ଦିର ପରିସରରେ ପ୍ରଶିକ୍ଷଣ ନେଇଥିବା ଆସିଷ୍ଟାଣ୍ଟ ଯୋଗ ପ୍ରଶିକ୍ଷଣକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରମାଣ ପତ୍ର ପ୍ରଦାନ ସଭାରେ ପତଞ୍ଜଳୀ ଯୋଗ ସମିତି ଭାରତ ସ୍ୱାଭୀମାନର ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର, ରାଜ୍ୟ ମହିଳା ପ୍ରଭାରୀ ଗିରିଜା ଦେବୀ, ଜିଲ୍ଲା ପ୍ରଭାରୀ ବବନ ସିଂହ, ପ୍ରଶାନ୍ତ ପ୍ରଧାନ, ଜିଲ୍ଲା ମହିଳା ପ୍ରଭାରୀ ସୁଷମା ମହାପାତ୍ର, ଜିଲ୍ଲା ଯୁବା ପ୍ରଭାରୀ ଯୁବରାଜ ସାହୁ, ଜିଲ୍ଲା ମିଡ଼ିଆ ପ୍ରଭାରୀ ରଞ୍ଜନ ସିଂ ଓ ଜିଲ୍ଲା କୋଷାଧକ୍ଷ ଓମ୍ ପ୍ରକାଶ ସିଂହ ଉପସ୍ଥିତ ରହି ପ୍ରମାଣ ପତ୍ର ପ୍ରଦାନ କରିଥିଲେ। କନକ ପୂଜାରୀ, ଅଭୟ ଜାଜୁ, ବର୍ଷା ସା, ମୁସ୍କାନ୍ ଗୁପ୍ତା, ପ୍ରଶାନ୍ତ ପାଲଟା ସିଂହ, ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଲୋକମାନଙ୍କୁ ନିରୋଗ ରହିବା ଲାଗି ଘରଘର ଯାଇ ଯୋଗ ଶିକ୍ଷା ଦେବା ପାଇଁ ଆସିଷ୍ଟାଣ୍ଟ ଯୋଗ ଶିକ୍ଷକମାନେ ଶପଥ ଗ୍ରହଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

ଇବଥର୍ମାଲ,୨।୮ (ସମିସ): ବନ୍ଧବାହାଲର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ତଥା କବି ଚକ୍ରଧର ବାରିକ ମୁଖ୍ୟଅତିଥି ଓ ସ୍ଥାନୀୟ କୋଷାଧକ୍ଷ ଯଶୋବନ୍ତ ପାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଶିଶୁ, ବାଲ ଓ କିଶୋର ପ୍ରଭୃତି ୩ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ବିଜ୍ଞାନ ପ୍ରଶ୍ନମଞ୍ଚ, ପ୍ରୟୋଗ, ପତ୍ରବାଚନ, ବିଜ୍ଞାନ ପ୍ରକଳ୍ପ, ସଂସ୍କୃତିବୋଧ ପରିଯୋଜନା, ମୃତ୍ତିକଳା, ନିବନ୍ଧ, ସଙ୍ଗୀତ ପ୍ରତିଯୋଗିତାରେ ସର୍ବମୋଟ ୧୧୭ ଜଣ ଶିଶୁ ଭାଗନେଇଥିଲେ। ଏଥିରେ ୩୩ ଜଣ ଶିଶୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହି ଛାତ୍ରଛାତ୍ରୀ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ବ୍ରଜରାଜନଗର ସଂକୁଳସ୍ତରୀୟ ବିଜ୍ଞାନମେଳାରେ ଭାଗନେବେ। ଏହି ମେଳାରେ ବିଚାରକ ଭାବରେ କୁମ୍ଭାରବନ୍ଧର ଶିକ୍ଷୟିତ୍ରୀ ବୈଜୟନ୍ତୀ ପ୍ରଧାନ, ଗୁଡିଆଲାରୁ ପରମାନନ୍ଦ ବାରିକ, ସରଣ୍ଡାମାଳରୁ ଶିବଶଙ୍କର ମେହେର, ସୁଶାନ୍ତ ପ୍ରଧାନ, ଦଲଗାଁରୁ ଅଶୋକ ପାଢ଼ୀ,



ଭବାନୀଶଙ୍କର ରଣା, ପିପିଲିକାନିରୁ ସୁନୀତା ଧୁରୁଆ, ଶ୍ରଦ୍ଧାଞ୍ଜଳି ମହାନନ୍ଦ, ଖଡାମର ଲୋପାମୁଦ୍ରା ମହାନ୍ତ ଓ ଅବସରପ୍ରାପ୍ତ ଶିକ୍ଷକ ଉମେଶ ଚନ୍ଦ୍ର ବାରିକ, ସ୍ଥାନୀୟ ବିଦ୍ୱତ ପରିଷଦର ସଦସ୍ୟ ରବିନ୍ଦ୍ର ଗିରି, ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମାତୃଭାରତୀର ସଦସ୍ୟା ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବରେ ସଂକୁଳ ପ୍ରମୁଖ ଯୋଗେଶ ପ୍ରଧାନ, ପରିଚାଳନା କମିଟିର ଆଦିତ୍ୟ ସିଂହ ଦେଓ, ମଞ୍ଜୁଲତା ଭୂମିଜ, ପୁଷ୍ପାଞ୍ଜଳି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁମା ପଙ୍କଜୀନି ସା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ଗୁରୁମା ସୁମିତା ପାଢ଼ୀ ବୃତ୍ତ କଥନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅରୁଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅଭିନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଓ ଅନ୍ୟାନ୍ୟ ସମ୍ମାନିତ ଅତିଥିଗଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ବରିଷ୍ଠ ଗୁରୁଜୀ ରାକେଶ ପଣ୍ଡା, ଗୁରୁମା ଆଲୋକମୟୀ ଦାସ, ପାଣ୍ଡବ ଗୁରୁଜୀ, କିର୍ତ୍ତୀ ପାତ୍ର ଓ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ପିଏମ୍‌ଏୱାଇର କାର୍ଯ୍ୟାଦେଶ ବଣ୍ଟନ ସମାରୋହ



ଝାରସୁଗୁଡା,୨।୮ (ସମିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ) (ସହରୀ)- ୨.୦ର କାର୍ଯ୍ୟାଦେଶ ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଏମ୍‌ଏୱାଇ ଯୋଜନା ଅନ୍ତର୍ଗତ ୧୫୮ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ବେଳେ ମଧୁବାବୁ ପେନସନ ଯୋଜନାରେ ୪୫ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ୍ୟ ହିତାଧିକାରୀ ଚୟନ କରିବା ପାଇଁ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ କହିବା ସହ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦେଇଛନ୍ତି। ସହରରେ ରାସ୍ତା ତଥା ଡ୍ରେନର ଉନ୍ନତି କରଣ, ବିଶେଷ କରି ଝଣ୍ଡାଚୌକରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ଡ୍ରେନ ନିର୍ମାଣ, ଝାରସୁଗୁଡା ସହର ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତି ଓ ସ୍ୱତନ୍ତ୍ର ଭେଣ୍ଡିଙ୍ଗ ଜୋନ୍ ନିର୍ମାଣ ପାଇଁ କାର୍ଯ୍ୟ କରାଯିବ ବୋଲି ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ, ସାଂସଦ ଏବଂ ବିଧାୟକ ସମ୍ବଲପୁରୀ ଦିନ୍ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣ, ପୌରାଧକ୍ଷା ରାନୀ ହାତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଶୁଂ ରୁତ୍ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପୌରପାଳିକା ଉପାଧକ୍ଷ ବେଣୁଗୋପାଳ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଝାରସୁଗୁଡା ପୌରପାଳିକାର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ସମସ୍ତ ପାରିଷଦ ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ।

# ପିଏମ୍ କିଷାନ ସମ୍ମାନ ନିଧି ବଣ୍ଟନ କାର୍ଯ୍ୟକ୍ରମ

ଝାରସୁଗୁଡା,୨।୮ (ସମିସ): ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବାରଣାସୀରୁ ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟର ଅଡିଟରୀୟମ ହଲଠାରେ ପିଏମ୍ କିଷାନ ସମ୍ମାନ ନିଧି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଏହି ଯୋଜନାରେ ଜିଲ୍ଲାର ୩୪ ହଜାର ଚାଷୀ ଉପକୃତ ହୋଇଛନ୍ତି। ଜିଲ୍ଲା କୃଷି ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ, ରାଜସ୍ୱମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଜିଲ୍ଲାର ୩୪ ହଜାର ୪ ଶହ ୯୮ ଜଣ ଚାଷୀଙ୍କ ବ୍ୟାଙ୍କ ଅକାଉଣ୍ଟରେ ପ୍ରଧାନମନ୍ତ୍ରୀ ପିଏମ୍ କିଷାନ ଯୋଜନା ଟଙ୍କା ସିଧା ସଳଖ ଜମା ହୋଇଛି ବୋଲି ସୂଚାଇଥିଲେ। ବର୍ତ୍ତମାନ ଝାରସୁଗୁଡ଼ା ଜିଲ୍ଲାରେ କିପରି ଚାଷୀମାନେ କୃଷି ବିଭାଗ ତରଫରୁ ସମସ୍ତ ପ୍ରକାର ସୁବିଧା ପାଇବେ ଏବଂ ଆଗାମୀ ଦିନରେ ସରକାରଙ୍କ ସବୁ ଯୋଜନା କୃଷକମାନଙ୍କ ପାଖକୁ ପହଞ୍ଚିବ, ଏହି ଚେଷ୍ଟା କୃଷି ବିଭାଗ ତରଫରୁ ଜାରି ରହିବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଝାରସୁଗୁଡା, ଲଇକେରା, କିର୍ମିରା, ଲଖନପୁର ଅଞ୍ଚଳର ପ୍ରାୟ ୩ ଶହ ଚାଷୀ ଯୋଗଦେଇଥିବା ବେଳେ କୃଷି ବିଭାଗ, ଉଦ୍ୟାନ କୃଷି ସମବାୟ ବିଭାଗ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅଗ୍ରଣୀ ଚାଷୀମାନେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ ବିଭିନ୍ନ କୃଷକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସବସିଡି ଅର୍ଥ ପ୍ରଦାନ କରାଯାଇଥିଲା।

**ଦେବଗଡ଼:** ଆଜି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିସାନ୍‌ର ୨୦ ତମ କିସ୍ତି ଲୋକାର୍ପଣର ସିଧା ପ୍ରସାରଣ ସହ ପିଏମ୍ କିସାନ୍ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜନ କରାଯାଇଥିଲା। ଉକ୍ତ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥିଭାବେ ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ର ଶେଖର ଭୁକ୍ତା, ପୌରପରିଷଦ ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ କୁମାର ଭୋଜ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ମାନସୀ ଭୋଜ ଯୋଗଦେଇଥିଲେ। ପିଏମ୍ କିସାନ ସମ୍ମାନ ନିଧି ଯୋଜନାରେ ଦେବଗଡ଼ ଜିଲ୍ଲାରୁ ୩୮୮୪୮ ଜଣ ଚାଷୀଙ୍କୁ ଡିବିଟି ମାଧ୍ୟମରେ ୨୦୦୦ ଟଙ୍କା ହିସାବରେ ପିଏମ୍ କିସାନ୍ ସମ୍ମାନନିଧି ସହାୟତା ପ୍ରାପ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୦୦ ଜଣ ହିତାଧିକାରୀ କୃଷକ, ଉଦ୍ୟାନ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଓ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କେତେ ଦିନର



କବିତା ବାରିକ



ବଡ଼ ବିଚିତ୍ର ଏ ଜୀବନ। କେତେ ଅନୁଭୂତି, କେତେ ଘଟଣା ! କେତେ ସ୍ୱପ୍ନ ଆଉ କେତେ କେତେ ହତାଶା! କେତେବେଳେ ସ୍ୱପ୍ନ ଭାଙ୍ଗିଯାଏ ତ, କେତେବେଳେ ସ୍ୱପ୍ନ ବାସ୍ତବତାର ଦୋଳିରେ ବସି ଗୁମୁରୁଥାଏ। ତାରି ଭିତରେ ଅପରାହ୍ଣର ଛାଇ ଆଉ ଗହଳ ପାଚିଲା, ଫଳ ଚିପୁଡ଼ି ପଡ଼ିଲା ଭଳି ଜୀବନ ବି କଞ୍ଚା ହେଉ କି ପାଚିଲା, କଡ଼ି ହେଉ କି ଫୁଲ ଗଳି ପଡ଼େ।

ସମସ୍ତେ କହୁଛନ୍ତି ବାପାଙ୍କର ବୟସ ହୋଇଥିଲା। ଗଲେ। ଅଶୀ ଉପରେ ହୋଇଥିଲା। ବହୁତ ଦେଖିଲେ, ବହୁତ ପାଇଲେ। ବହୁତ ଭୋଗିଲେ ବି। ଯାଉଛନ୍ତି ମାନେ କଷ୍ଟରୁ ମୁକ୍ତି। ତାଙ୍କ ସାଙ୍ଗରେ ଅନ୍ୟମାନେ ବି ଗାଣ୍ଠି ଚେଉଥିଲେ। ବାପାଙ୍କ କୋକେଇ ସଜ ହେଉଛି। ଆଉ ଟିକିଏ ପରେ ଶବ ବନ୍ଧା ଯାଇ ହରିବୋଲ ଶୁଭିବ। ଆଗରେ ବଡ଼ଭାଇ କାନ୍ଧ ଦେବେ। ଝୁଣା ଧୂଆଁ, ଖଇ, କଉଡ଼ି ଭିତରେ ରାମ ନାମ ସତ୍ୟ ହେ, ବୋଲାଯିବ। ତାରି ଭିତରେ ଆଉ ଗୋଟିଏ ଦିଗକୁ ବି ସଜଡ଼ା ଚାଲିଛି। ଗଙ୍ଗା କୂଳିଆମାନେ ଶବ ଦାହ ପରେ ଆସି ଖାଇବେ।

ମାନସୀ ଏଇ ଅଦ୍ଭୁତ ପରମ୍ପରା, ରୀତି ଦେଖି ଆଶ୍ଚର୍ଯ୍ୟ ହେଉଛି। ମୃତ୍ୟୁ ଆଉ ଭୋଜ ଏ ଦୁଇଟି ସତେକି ପରସ୍ପରର ଛାଇ। ତାକୁ ଗାଢ଼ କରିଦିଏ ଆଖିର ଲୁହ। ପୁଣି କି ବିଚିତ୍ର କଥା ଦେଖିତ। କ୍ରିୟାକର୍ମ, ଦଶାହଘାଟ ଭିତରେ ଆୟୋଜିତ ହେବ ଭୋଜି। ପୁରୋହିତଙ୍କୁ ଦାନ, ଦକ୍ଷିଣା। ମରଣ ସହିତ ଗୋଟାଏ ପରେ ଗୋଟାଏ ରୀତି, ନୀତି ଯୋଡ଼ି ହୋଇଯାଉଛି। ଆମର ସଂସ୍କାରରେ, ପରମ୍ପରାରେ। ଏସବୁ ହେଲା ନିହାତି ଆବଶ୍ୟକ କି ନୁହେଁ ସେ କଥା ତ ଜଣାନାହିଁ ମାନସୀକୁ, ହେଲେ ସବୁକଥା ହେଲା ସେ ଗ୍ରହଣ କରିପାରୁ ନାହିଁ।

ଦେଖୁଦେଖୁ ସବୁ କର୍ମ ସରିଗଲା। ବାହେଲି ବି ଭାଙ୍ଗିଗଲା। ଘରଟା ଖାଁ ଖାଁ ମାଡ଼ି ଗୋଡ଼ାଇଲା। ଜଣକର ଅବର୍ତ୍ତମାନରେ ଏମିତି ଖାଲି ଲାଗେ ଘର? ବାପା କ୍ରମଶଃ ସ୍ମୃତି ହେବାରେ ଲାଗିଲେ। ତାରି ଭିତରେ ମାନସୀର ବାହାଘର ପାଇଁ ଏବେ ସମସ୍ତେ ତତ୍ପର ହୋଇ ଉଠିଲେ। ଆଗରୁ ଠିକଣା ହୋଇଥିବା ବାହାଘର ବାପାଙ୍କ ତେର ଦିନରେ ସାରିବା ପାଇଁ ମଧ୍ୟ ପ୍ରସ୍ତାବ ଆସିଥିଲା। ନ ହେଲେ ବର୍ଷେ ଗଲାପରେ। ମାନସୀ ରାଜି ହୋଇ ନ ଥିଲା। ପୁଣି ଯେତେବେଳେ ବର୍ଷ ପୂରିବା ଉପରେ ସେ ପ୍ରସଙ୍ଗ ଉଠିବାରୁ ମାନସୀ ବକ୍ରୁ ଘୋଷଣା କଲା, ସେ ବାହା ହେବ ନାହିଁ ମାନେ ଜୀବନସାରା ଅବିବାହିତ ରହିବ। ମାଆ, ବଡ଼ଭଉଣୀ, ପିଉସୀ, ଭାଇ, ଘରର ଅନ୍ୟାନ୍ୟ ପୁରୁଷିମାନେ ଯେତେ ବୁଝାଇଲେ ସେ କିନ୍ତୁ ନିଜ ନିଷ୍ପତ୍ତିରେ ଅଟଳ ରହିଲା।

କଲା ଶେଷ ଅସ୍ତ୍ର ପ୍ରୟୋଗ କଲେ କାଲିକୁ କିଏ ଦେଖିବ ମାଆ? ବୁଢ଼ାକାଳେ ପାଖରେ କେହି ନ ଥିଲେ, ନିଃସଙ୍ଗତା ଖାଇଯିବ। ଦେହପା, ଭଲମନ୍ଦ ଅଛି।

ବିବାହ, ଘରସଂସାର, ପୁଅଝିଅ ଏଇମାନେ ଯଦି ବୁଢ଼ା କାଳେ ସାହାରା, ତାହାଲେ ଅଜୟ ଅଙ୍କଲ କାହିଁକି ଆଜି ଏତେ ନିଃସଙ୍ଗ? ବାଲବୀ ମଞ୍ଜୁର ବାପା ଅଜୟ ଅଙ୍କଲ। ମଉସା ମାଉସୀଙ୍କର ଗୋଟିଏ ପୁଅ, ଗୋଟିଏ ଝିଅ। ବଡ଼ପୁଅ ପଢ଼ା ପରେ ଚାଲିଗଲା ଆମେରିକା। ସେଠି ସେ ନିଜ ପସନ୍ଦର ଝିଅ ବାଛି ବାହା ହେଲା। ବୋହୂ ଭାରତ ଆସିବାକୁ ରାଜି ନୁହେଁ। ମଉସାମାଉସୀ ବି ପୁଅର ବାହାଘରକୁ ଯାଇ ପାରିଲେନି। ମେସେଜରେ ଆଶୀର୍ବାଦ ପଠାଇଲେ। ଭିଡିଓ କଲରେ ବାହାଘର, କଥାବାର୍ତ୍ତା। ମଞ୍ଜୁ ବି ବାହା ହୋଇ ମୁମ୍ବାଇରେ ଥିଲା। ଦୁଇବର୍ଷ ହେଲା ତା' ସ୍ୱାମୀ ଲଣ୍ଡନର କେଉଁ ଏକ କମ୍ପାନୀରେ ଜଏନ୍ କଲା ପରେ ସେ ଚାଲିଗଲା ଲଣ୍ଡନ। ମଉସା ମାଉସୀ ପଡ଼ି ରହିଲେ ତାଙ୍କ କଟକ ଘରେ, ପୁରୁଣା ବୁନିଆଦିକୁ ଧରି। ଦୁଃଖେସୁଖେ ଦିନ ଗଡ଼ି ଚାଲିଲା। ଦୁଇଟା ପକ୍ଷୀ ଦିନେ ନୀଡ଼ ବାନ୍ଧିଥିଲେ। ସେ ନୀଡ଼କୁ ଦୁଇଟି ଶାବକ ଆସିଲେ। ବଡ଼ ହେଲେ। ଡେଣା ଗଜୁରିଲା। ଶକ୍ତ ହେଲେ। ଉଡ଼ି ଶିଖିଲେ। ଚାଲିଗଲେ ଦୂର ଆକାଶକୁ। ସାତ ସମୁଦ୍ର, ତେର ନଈ। ବସା ଖାଲି ହୋଇଗଲା। ପୁଣି ସମୟ କଡ଼ ଲେଉଟାଇଲା। ମା' ପକ୍ଷୀର ମୃତ୍ୟୁ ହେଲା।

ମାନସୀ ବାପାଙ୍କ ମୃତ୍ୟୁପରେ ଅଜୟ ଅଙ୍କଲଙ୍କ ଦେହ ଖରାପ ଶୁଣି ଯାଇଥିଲା ଦେଖିବାକୁ। ଶୋଇଥିଲେ ମଉସା। ବିରାଟ ପୁରୁଣା କାଳିଆ ଦୋ ମହଲା ଘର। ଫଳ ଫୁଲର ବି ବଡ଼ ବଗିଚା। ମାଳି ଓ ରାନ୍ଧୁଣୀ ଏ ଦି' ଜଣ ମଉସାଙ୍କ ଶେଷ ଜୀବନର ସାହାରା। ତାଙ୍କ ପରେ ପିଲାମାନେ ଏ ଘର ବିକିବେ କି ଦାନ କରିଦେବେ ଜଣା ନାହିଁ। ମରି ପଡ଼ିଥିଲେ ପାଣି ଦେବାକୁ କେହି ଆସିପାରିବେନି। କେମିତି ଏକ ନିଃସଙ୍ଗତା ଭିତରେ ଅଜୟ ଅଙ୍କଲ ଡିପ୍ରେସନ୍‌ରେ ଚାଲିଯାଇଥିଲେ।

ସେଠୁ ଫେରିଲା ପରେ ମାନସୀର ମନ ଭାଙ୍ଗି ଯାଇଥିଲା। କାହିଁକି ମଣିଷ ସଂସାର କରେ? କେତେ ଦିନର ଏ ଜୀବନ? ପୁଅଝିଅ, ପ୍ରାଚୁର୍ଯ୍ୟ, ଘରଦ୍ୱାର ସବୁ ଅଛି। ଅଥଚ ନ ଥିଲା ଭଳି। ବିବାହ କରିବି କ'ଣ ନିଃସଙ୍ଗତା ଆସୁନି? ପୁଅଝିଅ ଥାଇ ବି କ'ଣ ପ୍ରଶ୍ନ ଉଠୁନି, କେଉଁ ଅବସ୍ଥାରେ ମରଣ ଆସିବ ଆଉ ପାଖରେ କିଏ ଥିବ? ମାନସୀ ବାପାଙ୍କର ମୃତ୍ୟୁକୁ ଅତି ପାଖରୁ ଦେଖିଥିଲା। ତା' ସହ ଦେଖିଥିଲା ବାପାଙ୍କର ବାର୍ଦ୍ଧକ୍ୟ ଆଉ ରୋଗଶଯ୍ୟାରେ ଦୀର୍ଘ ଦିନ ପଡ଼ିରହିବା। ପୁଣି ଦେଖିଲା ବିବାହ କରି, ପୁଅଝିଅଙ୍କର ଉଭରୁ ସଂସାର ଭିତରେ ଅଜୟ ଅଙ୍କଲଙ୍କ ନିଃସଙ୍ଗତା। ମନେ ପକାଇଥିଲା ଗୌତମ ବୁଦ୍ଧଙ୍କୁ। ଏଇ ମୃତ୍ୟୁ, ରୋଗ, ବାର୍ଦ୍ଧକ୍ୟ, ଦେଖିଲେ ସେ ଦିନେ ସଂସାର ତ୍ୟାଗୀ ହୋଇଥିଲେ। ସ୍ତ୍ରୀ, ଛୋଟ ପୁଅକୁ ଛାଡ଼ି ନିର୍ବାଣ ପାଇଁ ଘର ଛାଡ଼ିଥିଲେ। କଲା ଯେତେବେଳେ ତାକୁ ବାହା ନ ହେଲେ, ଶେଷ ଜୀବନରେ, ବୁଢ଼ା କାଳେ ଦେଖିବ, ଭଲମନ୍ଦ, ନିଃସଙ୍ଗତା ଖାଇଯିବ କଥା ଉଠାଇଲେ, କେବଳ ନୀରବରେ ହସି ଦେଇଥିଲା ମାନସୀ। ନିଃସଙ୍ଗତା ଏକ ଭାବନା। ଏକ ଗଭୀର ଅନୁଭୂତି। ଭିଡ଼ ଭିତରେ ବି ମଣିଷ ନିଃସଙ୍ଗ। ଆଉ ରହିଲା କାଲି କଥା। କାଲିକୁ କିଏ ଦେଖିଛି? ବର୍ତ୍ତମାନ ତ ହେଲା ସବୁଠାରୁ ବଡ଼ ସତ୍ୟ। କାଲି ଆସିବ କି ନାହିଁ କିଏ କହି ପାରିବ? କେତେଦିନ ପାଇଁ ଆମେ ସଂସାରକୁ ଆସିଛୁ? କେବେ ନାଟକ ସରିଯିବ। ବାହୁଡ଼ିବା ବେଳ ଆସିଯିବ ସେ କଥା କିଏ କହିପାରିବ?


ମାନସୀ କିନ୍ତୁ ସେହି ନିଃସଙ୍ଗତାକୁ ସାଥୀ କରି ନେବ। ନିଜର ଚିନ୍ତାଧାରା, ଭାବପ୍ରବଣତାକୁ କାହିଁକି କାହା ଉପରେ ଲଦି ଦେବ? ଏକଥା ବୁଝାଇବା ବି କ'ଣ ଦରକାର? ■

ମୁସକାନ ମେନସନ୍
ଡି-୯, କମିଖାଲ
କେନାଲ ରୋଡ୍, ରସୁଲଗଡ଼,
ଭୁବନେଶ୍ୱର - ୭୫୧୦୧୦

## ପୁସ୍ତକ ପରିଚୟ

### ରାଜଭୂମି

ସଂପାଦକ
**ପବିତ୍ର ବ୍ରହ୍ମପୁତ୍ର ନାୟକ**




ରାଜନଗର, କେନ୍ଦ୍ରାପଡ଼ା-୨୫
ମୂଲ୍ୟ: ୭୦ ଟଙ୍କା

ସାହିତ୍ୟ ପତ୍ରିକା 'ରାଜଭୂମି'ର ରଥଯାତ୍ରା ବିଶେଷାଙ୍କ ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କ ସଂପାଦନାରେ ପ୍ରକାଶ ପାଇଛି। ଏହି ସଂଖ୍ୟାରେ ପ୍ରକାଶିତ ରାଜଲକ୍ଷ୍ମୀ ତ୍ରିପାଠୀଙ୍କ 'ଶ୍ରୀପୁରୁଷୋତ୍ତମକ୍ଷେତ୍ର ପୁରୀର ପ୍ରାଚୀନତା', ଶରତ ଚନ୍ଦ୍ର ମହାପାତ୍ରଙ୍କ 'କେରଡ଼ାର ନାଗେଶ୍ୱର ଶ୍ରୀଜଗନ୍ନାଥ', ସୁଷମା ପରିଜାଙ୍କ 'ତାଳଚେରର ମା' ହିଙ୍ଗୁଳା' ଆଦି ଆଲେଖ୍ୟଗୁଡ଼ିକ ମନରେ ଭକ୍ତି ଭାବନା ଜାଗ୍ରତ କରେ। ସେହିପରି ଶିବପ୍ରିୟା ମିଶ୍ରଙ୍କ 'ପଦ୍ମପୁରର ଗୁରୁ ପଦ୍ମ ସମ୍ଭବ ଓ ମହାକବି ଭବଭୂତି' ପ୍ରବନ୍ଧରେ ଗୁରୁ ପଦ୍ମ ସମ୍ଭବଙ୍କ ଜନ୍ମସ୍ଥାନ ସଂପର୍କରେ ଅନେକ ଅଜଣା ତଥ୍ୟ ରହିଛି। ଗପ ବିଭାଗରେ ପୀତାମ୍ବର ତରାଇଙ୍କ 'ଗୋଟେ ବହି', ସୁଚରିତା ବେହେରାଙ୍କ 'ନୀଳ ଫ୍ରକ୍', ରାଜେଶ କୁମାର ତ୍ରିପାଠୀଙ୍କ 'ବାହାଘର ଇଚ୍ଛା', ଶୁଭେନ୍ଦୁ କୁମାର ମହାପାତ୍ରଙ୍କ 'କନିଆଁ ସୁନା', ଡ. ହୃଷିକେଶ ମହାରଣାଙ୍କ 'ଅବିଚାର' ଆଦି ଗପଗୁଡ଼ିକରେ ସାମାଜିକ ବାସ୍ତବତା ଓ ମାନବୀୟ ଆବେଗ ଚମତ୍କାର ଭାବେ ଫୁଟି ଉଠିଛି। କବିତା ବିଭାଗରେ ମନୋରମା ବିଶ୍ୱାଳ ମହାପାତ୍ରଙ୍କ 'ଭାବର ଠାକୁର ତୁମେ ଭାବର ସାଗର', ଡକ୍ଟର ମମତାରାଣୀ ନାୟକଙ୍କ 'ସ୍ମୃତି କିଛି ରହିଯାଏ ଅଣଦେଖା', ଇଂ ଅଶୋକ କୁମାର ପଟ୍ଟନାୟକଙ୍କ 'ବର୍ଷା', ସର୍ବାଣୀ ଦାସଙ୍କ 'ପ୍ରେମ ଆମ ଅମଳିନ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ସେହିପରି ସ୍ୱାସ୍ଥ୍ୟ, ଫିଚର୍, ରିପୋର୍ଟ, ସାକ୍ଷାତକାର, ତେରେଛା ନଜର ଆଦି ବିଭାଗଗୁଡ଼ିକ ମଧ୍ୟ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇଛି। ■

### ଧିଷଣା

ସଂପାଦିକା
**ଡକ୍ଟର ଶର୍ମିଷ୍ଠା ମହାପାତ୍ର**



୩୦୮, ଲକ୍ଷ୍ମୀ ସାଗର,
ଭୁବନେଶ୍ୱର - ୭୫୧୦୦୬
ମୂଲ୍ୟ: ୬୦ ଟଙ୍କା

ସମୀକ୍ଷା, ସମାଲୋଚନା ଓ ଗବେଷଣାଧର୍ମୀ ତ୍ରୟମାସିକ ପତ୍ରିକା 'ଧିଷଣା'ର ଏକାଦଶ ବର୍ଷ ୧ମ ଓ ୨ୟ ୨୦୨୫ ସଂଖ୍ୟା ଆମର ହସ୍ତଗତ ହୋଇଛି। ଡକ୍ଟର ଶର୍ମିଷ୍ଠା ମହାପାତ୍ରଙ୍କ ସଂପାଦନାରେ ପ୍ରକାଶିତ 'ଧିଷଣା' ଏହି ସଂଖ୍ୟାରେ ଡକ୍ଟର ସୁବ୍ରତ କୁମାର ପୃଷ୍ଟିଙ୍କ 'ଭାରତୀୟ ଲିପିର ମୌଳିକ ରୂପ: କଳିଙ୍ଗ ବ୍ରାହ୍ମୀ', ଡକ୍ଟର ଅଶୋକ କୁମାର ପଣ୍ଡାଙ୍କ 'ମାନକ ଓଡ଼ିଆ ଭାଷା', ଡକ୍ଟର ଗୋବିନ୍ଦ ଚନ୍ଦ୍ର ପେଣ୍ଟୋଇଙ୍କ 'ଓଡ଼ିଶାର ଜନଜାତି ଅଭିଧାନ-ଏକ ଅଧ୍ୟୟନ', ଡକ୍ଟର ବାସନ୍ତୀ ମହାନ୍ତିଙ୍କ 'ଓଡ଼ିଶାର କେଳା ସଂପ୍ରଦାୟ: ଏକ ଅନ୍ୱେଷଣ', ଡକ୍ଟର ସଂଜୟ କୁମାର ବାଗ୍‌ଙ୍କ 'ମାଣବସା, ଲକ୍ଷ୍ମୀ ପୁରାଣ ଓ ଶ୍ରୀୟା ପ୍ରସଙ୍ଗ: ଏକ ଆଲୋଚନା', ଡକ୍ଟର ଅରବିନ୍ଦ ଦାସଙ୍କ 'ଊନବିଂଶ ଶତାବ୍ଦୀର ଓଡ଼ିଶାକୁ ମିଶନାରୀମାନଙ୍କ ଅବଦାନ', ଡକ୍ଟର ଶରତ ଚନ୍ଦ୍ର ଜେନାଙ୍କ 'ସାହିତ୍ୟ ଗବେଷଣା' ଆଦି ପ୍ରବନ୍ଧ ଓ ସମାଲୋଚନାଗୁଡ଼ିକ ଉଚ୍ଚାଙ୍ଗ ଓ ଗବେଷଣାଧର୍ମୀ ହୋଇଛି। ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ଓ ନାଟ୍ୟକାର ବିପିନ୍ ମହାପାତ୍ରଙ୍କ ସାରସ୍ୱତ ସାକ୍ଷାତକାରରେ ଉଭୟ ସ୍ରଷ୍ଟାଙ୍କ ଜୀବନ ଓ ସାହିତ୍ୟ ସଂପର୍କରେ ପାଠକମାନେ ଅନେକ କଥା ଜାଣି ପାରିବେ। ପୁସ୍ତକ ସମୀକ୍ଷା, ଜୀବନୀ ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ମନନଧର୍ମୀ ଓ ଉଚ୍ଚକୋଟୀର ହୋଇଛି। ସମାଲୋଚନା ଓ ଗବେଷଣାଧର୍ମୀ ଏହି ପତ୍ରିକାର ଲେଖାଗୁଡ଼ିକ ଉଚ୍ଚତର ଗବେଷଣା ନିମନ୍ତେ ସହାୟକ ହେବ ବୋଲି ଆଶା କରାଯାଏ। ■

## ଛାଇ


ଡକ୍ଟର ଶ୍ରୀହରି ଧଳ



ଛାଇ ବି ତମପରି
ସବୁଦିନ।
ପଛେ ପଛେ ଚାଲେ,
ହାଡ଼େ ହାଡ଼େ ଜଗେ।
କାଳେ
ମୁଁ ଛାଇ ହୋଇଯିବି କି-
ଆଉ କା' ଦେହରେ ?
କେମିତି ବୁଝାଇବି-
ତମେ ତ ମୋ-
ଏକାନ୍ତ ଛାଇ।
ଘରେ, ରାସ୍ତାରେ,
ରେସ୍ତୋରାଁରେ।

ତମେ ତ-
ଚିର ବିଶ୍ୱାସର
ପୋଷାକଟିଏ।
ସବୁବେଳେ-
ଝଲସୁଥାଏ-
ବିଶ୍ୱସ୍ତ ଛାଇଟେ ହୋଇ
ମନ ଦର୍ପଣ-
ଭିତରେ। ■

ଚାଉଁରା, କପାସି
ବିଲାଳେ, ଯାଜପୁର
ମୋ: ୮୧୧୭୦୮୧୯୦୬



## ଫେରିବାର ବେଳ

ସୂର୍ଯ୍ୟସ୍ନାତ ତ୍ରିପାଠୀ



ଅନେକ କଥା ଅଧା ରହିଗଲା
ଏଯାଏଁ...
ଅଧାପଢ଼
ଅଧାଗୀତ
ଅଧା ଲେଖା ମୋର ଛୁଟି
ଦରଖାସ୍ତ, ଅଧା ଜହ୍ନ ଆଖିର କରୁଣ,
ଅଧା ନିଦ, ଅଧା ଅଧା ଆମ ଯାତ୍ରା
ଲକ୍ଷ୍ୟହୀନ; ଅଧା ଖୋଲା ଧୂଳି ଆକାଶର
ଆଖି, ଅଧା ସୂର୍ଯ୍ୟ ପତ୍ରଗହଳରେ,
ନିଡ଼ିହି ନ ଆସି ଅଧା ବାଟେ
ଜମାଟ ବାନ୍ଧିଛି ଲୁହ, ମୋ ରକ୍ତ-
କଳାଙ୍ଗର ବରଫ।
ଅଧା ଅଙ୍କା ପୁଣି
ନିଃସଙ୍ଗ ରାସ୍ତାରେ ଦୁଇହଳ
କ୍ଳାନ୍ତ ପାଦଚିହ୍ନ ଓ ତୁମ ହାତ ଅଙ୍କା
ଗୋଟେ ଛୋଟି- ଅଧା ଗଢ଼ା
ଆମ ଦୁଃଖକଷ୍ଟ ସତେ
ସମୟ କାନ୍ଥରେ...
ଏବେ କିନ୍ତୁ ସବୁକୁ ପଛ କରି
ଫେରିବାର ବେଳ।

ଏବେ, ଲେଉଟିଯିବାକୁ ହେବ ଆମକୁ
ଧୂଳିଧୂଆଁ ଜର୍ଜରିତ ଗୋଟେ ଛୋଟ ସହରକୁ -
ଯେଉଁଠି ଅଛି ଜୀବନ, ଜଙ୍ଗଲ ଓ ଜହର।
ଯେଉଁଠି ଅଛି, ଅବା ନାହିଁ
ତୁମ ମନଲାଖି ଗୋପନ ଜହରାତି,
ଫୁଲ, ଫଗୁଣ, ଛିଟ ପ୍ରଜାପତି,
ସମୁଦ୍ର ଓ ନୀଳ ନିରବତା କିଛି।
ଓ ଯେଉଁଠି,
ଆମ ଅପେକ୍ଷାରେ
ଅଧା ଗଢ଼ା ଅଛି ଏକ ଘର...
ଶୀତଳକ୍ୟାସ୍ପାରେ ଗଢ଼ା ଚଟାଣ ଯାହାର,
କାନ୍ଥସବୁ ଓଦା ପବନର, ଛାତ ସାରା
ତାରାଫୁଲ ଭର୍ତ୍ତି ଓ ଦରଜାରେ,
ଦରଜାରେ ନିମନ୍ତ୍ରଣ ଅପେକ୍ଷାକାଳିର...
ଏବେ ଫେରିବାର ବେଳ।
ଯଦିଓ, ଫେରିଯିବା ଏକ ଭ୍ରମ,
ଓ ଅଣଲେଉଟା ଏ ଜୀବନ ବାଟରେ

ସବୁ ଯାତ୍ରା ମୃତ୍ୟୁମୁହାଁକୁ
ତଥାପି,
ତଥାପି...
ଏବେଟି ଲିଷ୍ଟରେ କାଲିର ଟିକେଟ୍।
ଆଜି, ସମୟର ନାଡ଼ି ପରଖୁଛୁ
ଆମେ ଦୁହେଁ, କ୍ଳାନ୍ତ, ଅନିଶ୍ଚିତ...
କାଚକାନ୍ଥ ସାରା ରକ୍ତଛିଟା,
ଘର ସାରା ମୃତଦେହ ପ୍ରଜାପତିଙ୍କର।
ସମୟର ପାଉଁଆଞ୍ଚ, ଆକାଶରେ
ଦରପୋଡ଼ା ଜହ୍ନ।
ଆମ ଅସହାୟତାକୁ ଦେଖି,
ପାହିବ ପାହିବ କହି
ଏ ଆତଙ୍କର ରାତି ପାହୁନାହିଁ...
ବରଫ ହେଉଯା' ବୋଲି
ହୃଦୟକୁ କେହି କହୁନାହିଁ... ■

ସିଦ୍ଧେଶ୍ୱରପୁର, କଟକ

# "ମୁଁ ନଲେଖିଲେ ବି ମୋ ସାହିତ୍ୟର କିଛି କ୍ଷତି ହେବ ନାହିଁ"



ମୁଁ କାହିଁକି ଲେଖେ



ହରପ୍ରସାଦ ଦାସ

ଯାହା ଭାବେ ତାହା ଲେଖେ, କିନ୍ତୁ ଲେଖେ କାହିଁକି? ଭାବକୁ ଭାବନାରେ ଛାଡ଼ିଦେଲେ ହୁଅନ୍ତା ନାହିଁ? ଅସଂଖ୍ୟ ଭାବନା ମନରେ ଆସି ପୁଣି ଆପେ ଲିଭିଯାନ୍ତି। ଗୋଟେ କୋଉ ଭାବ, ଦୃଶ୍ୟ ବା ବୋଧ ରହିଯାଏ, ଲିଭେନି। ମୁଁ ମନେ ମନେ ଲଢ଼େ ତାଙ୍କ ସାଙ୍ଗରେ, ହେଃ ଏଇଟା ଅତି ସାଧାରଣ, ହେଃ ଏଇଟା ଅତି ଭାବପ୍ରବଣ, ଏମିତି କେତେ ଭାବରେ ତାକୁ ଛଟାଏ, ଛୋଟ କରେ ଓ ସାଧାରଣ ଜୀବନର ଅଭ୍ୟସ୍ତ ପ୍ରାତ୍ୟହିକତାକୁ ଫେରେ। ଏମିତି ସ୍ତର ବାଛି ପଡ଼ିରହନ୍ତି ଅସଂଖ୍ୟ ପରିତ୍ୟକ୍ତ ଭାବନା। ପିଲାଦିନରୁ, ଅତି ଅଳ୍ପ ବୟସରୁ ଏମିତି ହେଉଚାଲେ। ସାହିତ୍ୟ ବହିର ଲେଖକମାନେ ଠିଆ ହୁଅନ୍ତି ପାହାଡ଼ ଭଳି ଅନ୍ଧାରରେ, ଆକାର ଅନୁମାନ କରିହୁଏନି କିନ୍ତୁ ବଡ଼ କ'ଣ ଗୋଟେ ଅଛି ସାହିତ୍ୟରେ, ଏ ପ୍ରତ୍ୟୟ ବୋଧେ ଭିତରେ ଭିତରେ ବଢ଼ୁଥାଏ। ବୋଧହୁଏ ପଞ୍ଚମ ଶ୍ରେଣୀରେ ପଢ଼ିଲାବେଳେ ମୋ' ବାପାଙ୍କ ସହକର୍ମୀ ଜଣେ ଶିକ୍ଷକ ଘରୋଇ ଭାବରେ ବି.ଏ. ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥାନ୍ତି। ତାଙ୍କ ଖଟ ଉପରେ ବହିଗଦା ଓ ଅଳ୍ପଟିକିଏ ଜାଗାରେ ସେ ଶୁଅନ୍ତି, କାଳେ ଗୋଡ଼ ବାଜିଯିବ ବୋଲି ପାଦ ଉପରେ ଗାମୁଛା ପକାନ୍ତି। ସେଇଠି ଦେଖିଲି 'ରକ୍ତକଣ୍ଠ' ବୋଲି ବହି ଖଣ୍ଡିଏ। ମାଗି ଆଣିଲି। ମୁଁ ସେତେବେଳକୁ ବହି ପଢ଼ି ପାରୁଥିଲି। ବାପା ନଥିବାବେଳେ ତାଙ୍କ ଆରାମ ଚଉକିରେ ମୁଁ ଓ ମୋର ପ୍ରିୟ ଗୋଟିଏ କଳା କୁକୁର ଛୁଆ ପଢ଼ିବା ଆରମ୍ଭ କଲୁ। ନଅ-ଦଶ ବର୍ଷ ବୟସରେ ଲୟ ସ୍ଥିର ରଖି ପଢ଼ାଉଥିଲୁ କବି ଗଙ୍ଗାଧରଙ୍କ ପାଣ୍ଡିତ୍ୟ ସହଜ ନ ଥିଲା। ପୃଷ୍ଠାଏ ପଢ଼ିଲେ ଆଖି ଲାଗିଯାଏ, କାଳୁ ମତେ ଉଠେଇ ଦିଏ ଓ ମୋ ମୁହଁକୁ ଚାହିଁ ରହେ। ମୁଁ ପୃଷ୍ଠା ଲେଉଟାଏ। ହଠାତ୍ ଆସିଗଲା 'ରାଣ୍ଡିପୁଅ ଅନନ୍ତା'। ମୁଁ କୁଜା ହେଇ ପଡ଼ିଥିଲି, ସିଧା ହେଇଗଲି। କାଳୁ ସର୍ତ୍ତକ ହେଇଗଲା ଯେ କ'ଣ ଗୋଟେ ଘଟୁଚି। ହଁ ଘଟୁଥିଲା ମୋ' ଭିତରେ ସେ ଗଳ୍ପର ଶେଷ ଦୃଶ୍ୟ। ଭାଷାରେ ଯେତିକି ବୁଝୁଥିଲି, ତା'ଠାରୁ ଅଧିକ ବୁଝୁଥିଲି ଭିତରେ କୋଉଠି ଗୋଟେ। ସେ ବୋଧେ ସେଇ ଲେଖକୀୟ ଶୂନ୍ୟସ୍ଥାନ ଯେଉଁଠି ଅନନ୍ତା ଟାଣି ଆଣିବ ଅଧରାତିର ଅଥୟ ମାଦଳ, ଲଣ୍ଠାବର୍ଷାରେ ଧାନବିଲ, ଶିଆଳ ଓ ଜଙ୍ଗଲ, ବଣନିଆଁ, ଜଡ଼ାତେଲର ଡ଼ିବା, ସର୍ଷାର ବାଡ଼ିର ବନ୍ଧାହାଟ, ବାଉଁଶ ବୁଦାର ସାପ, କୁମ୍ଭରେ ଭଙ୍ଗାବାସ ଓ ପଙ୍କ ଉଇଲା, ସମସ୍ତଙ୍କୁ ଗୋଟିଏ ଲେଖାଏଁ ସମ୍ଭାବ୍ୟ କଥକତାର ଅଂଶ କରି। ଯାହା ଭାବ ତାହା କହିହେବ, ଲେଖି ହେବ। ମୟୂରଭଞ୍ଜର କଳାହାଣ୍ଡି ଥିଲା ସତେ ଯେମିତି ଗୋଟେ ଦେଶାନ୍ତରୀର ଅସ୍ତିତ୍ୱ ସନ୍ଧାନ, ଟିକିଏ କଥକତାର ଅଠାରେ ଛିଣ୍ଡା କାଗଜ ଯୋଡ଼ି ସଂସାରକୁ କିଶୋର ଆଖିର ଗୁଡ଼ି କରି, ଉଡ଼େଇ ଦେବାର ଖୋଲା ଆକାଶ। କଳାହାଣ୍ଡିର କୁନାଗଡ଼ ହାଇସ୍କୁଲ ଥିଲା ସେଇ ଖୋଲା ଆକାଶରେ ଗୁଡ଼ି ଉଡ଼େଇବାର ଦିନ। ଫୁଟବଲ ଖେଳରେ ସେଣ୍ଟର ଫରୱାର୍ଡ, ଗୀତ, ବକ୍ତୃତା, ସାଧାରଣ ଜ୍ଞାନ, ଅଙ୍କ ଓ ବିଜ୍ଞାନରେ ବି। କିନ୍ତୁ ସାହିତ୍ୟରେ ସବୁବେଳେ ଅନ୍ୟମନସ୍କ, ସବୁବେଳେ କୁଣ୍ଠିତ, ଅଧାପନ୍ତରିଆ, କୋଉଥିରେ ବି ସନ୍ତୁଷ୍ଟ ନୁହଁ। ଲେଖକୀୟ ଶୂନ୍ୟସ୍ଥାନ ଭରି ଭରି କୁଆଡ଼େ ଧସି ଯାଉଥାଏ, ସତେ ଯେମିତି ସବୁ ପୁରୁଣା ଭାବ ପଚି ଶଢ଼ି ଖାଦ୍ୟ ଭରୁଥାଏ ଓ ମାଟିରେ ବଦଳୁଥାନ୍ତି। ଲେଖକର ମାଟି ଯେଉଁଠି ଧାନ କି ବାଲୁଙ୍ଗା କୋଉଟା ଗୋଟେ ଉପୁଜିବ, ସେ ମାଟି ବଞ୍ଜର ହେବ ନାହିଁ। କଳାହାଣ୍ଡିରେ ହିନ୍ଦୀ ସହିତ ସମ୍ପର୍କ ହେଲା। ସ୍କୁଲରେ ହିନ୍ଦୀ ପଢ଼ା ହେଲା। ଆସିଗଲେ ହିନ୍ଦୀର ବହୁ ରଚନା ଆଗକୁ। ଆସିଗଲେ ରବୀନ୍ଦ୍ରନାଥ ଟାଗୋର। ପ୍ରଥା 'ଗାର୍ଡ଼ନର' ବହି ମୁଖସ୍ଥ ହେଇଗଲା। ହିନ୍ଦୀ ଓ ଇଂରାଜୀ ସହିତ ଓଡ଼ିଆ ଲୟ ମିଶେଇ ଗୋଟେ ବିଚିତ୍ର ଲୟ ମତେ ବ୍ୟତିବ୍ୟସ୍ତ କଲା। ସେତେବେଳକୁ ଦଶମ ଶ୍ରେଣୀ। ସାରାଦିନ ପାଠ ପାଇଁ ସର୍ତ୍ତକ, ସାରାରାତି ସେଇ ଲୟ ପଛରେ ଅଚିହ୍ନା ବାଟ ମିଳୁନଥାଏ। କ'ଣ ଗୋଟେ କରିବାର ଥାଏ ଯାହା ମୁଁ କରିପାରୁନଥାଏ। ଦିନେ ସଂସ୍କୃତ କ୍ଲାସରେ ପଣ୍ଡିତ ମହାଶୟ ପଢ଼େଇଲେ ମହାଭାରତର ଯକ୍ଷ ପ୍ରଶ୍ନ। ଯକ୍ଷ ପଚାରିଲା ସବୁଠୁ ଗୁରୁ ପ୍ରଶ୍ନ : କଃ ବାର୍ତ୍ତାଃ, ଖବର କ'ଣ? ଯୁଧିଷ୍ଠିର ଉତ୍ତର ଦେଲେ : ପୃଥିବୀ ଏକ ହାଣ୍ଡି, ଆକାଶ ତା'ର ଘୋଡ଼ଣି, ସୂର୍ଯ୍ୟ ଅଗ୍ନି, ଦିବା ରାତ୍ରି ଇନ୍ଧନ, ମାସ ଓ ଋତୁ ରୂପକ ଚଟୁ ଚଳେଇ କାଳ ମଣିଷମାନଙ୍କୁ ରାନ୍ଧୁଚି, ଏଇ ଖବର।

ପିଲାଟିଏ ପାଠର ପରାକ୍ରମ ଦେଖି ସ୍ତମ୍ଭୀଭୂତ ହେବା କିଛି ନୂଆ ନୁହେଁ, କିନ୍ତୁ ସ୍ତମ୍ଭୀଭୂତ ହେବାର ଏଇ ମୁହୂର୍ତ୍ତ ନିଷ୍ପତ୍ତି କରେ ତା'ର ପ୍ରାଣ ସ୍ପନ୍ଦନ କେଉଁଠି। ମୋର ପ୍ରାଣସ୍ପନ୍ଦନ ଥିଲା କବିତାରେ ଯେଉଁ କଥକତା, ନାଟକୀୟତା, ସମ୍ବେଦନା ଓ ଶ୍ରୁତି କାତରତା ମୋର ଭୂମି ନିର୍ମାଣ କରିଥିଲେ ସେସବୁ ହଠାତ୍ ଗୋଟିଏ କାବ୍ୟଦୃଷ୍ଟିରେ ପରିଣତ ହୋଇଗଲେ। ମନେ କବିତା ଦିଶିଲା। ସେଥିରେ ମିଶିଲା ଆସି ସ୍ମୃତିରେ ଉଭାରେ ବାପାଙ୍କଠୁ ସହିତ କୃଷ୍ଣବୀ ମାଟି ଉପରକୁ ଉଠୁଥିବା କବିତାର ଛନ୍ଦ ଓ ଧ୍ୱନି। ବୋଉ ଠାକୁରଙ୍କ ସଞ୍ଜ ଆଳତି କଲାବେଳେ କାନି ଧରି ମୁଁ ଶୁଣେ ସେସବୁବେଳେ ଦଶାବତାର, ମନେକି ବାପା, ଗୋଲିକି ପାରେ ଓଠି ଅଳ୍ପ ବୟସରୁ। ଯା' ବାଦେ ସେସବୁ ଉପର ଓଳି ବୋଉ ରାମାୟଣ ପଢ଼େ, ସୀତାଙ୍କ ବନଗମନ, ବଳ୍କଳଧାରଣ, ଅଗ୍ନିପରୀକ୍ଷା ଭଳି ଅଧ୍ୟାୟରେ ସମସ୍ତେ କାନ୍ଦନ୍ତି, ତା' ବି କୋଉଦି ନା କୋଉଦି ରହିଯାଏ। ଘରେ ମନା ଥାଏ ମହାଭାରତ। ଭାଗବତର ଦଶମ ସ୍କନ୍ଧ ପଢ଼ା ହୁଏ ଘରେ, ବାପା ଜନ୍ମାଷ୍ଟମୀ ସକାଳୁ ନନ୍ଦୋତ୍ସବ ଯାଏଁ ନିର୍ଜଳା ଉପାସ କରନ୍ତି। ଯୋଉଦି ଥିଲେବି ନନ୍ଦୋତ୍ସବ ସକାଳେ ଦହିହାଣ୍ଡି ଭାଙ୍ଗିବା ପାଇଁ ପୈତୃକ ଗାଁ ଗଡ଼ରାଜପୁର ଯା'ନ୍ତି। ଆମ ବଂଶର ଆରାଧ୍ୟ ଗୋପାଳଜୀ। ମୁଁ ଗୋଟିଏ ବାସ୍ତୁହରା ଜମିଦାର ବଂଶର ଜଣେ ଦାୟାଦ। ମୋଗଲ କାଳରୁ ମନ୍‌ଦମୀ ସହିତ ଆରମ୍ଭ ଜମିଦାରୀ ୧୮୦୮ ବନ୍ଦୋବସ୍ତରେ ସ୍ଥିର ହେଲା ବିନା ଦେବୀ ନଦୀ ବନ୍ଧ ଦେଇ ଧାରରେ ସୁରେଶ୍ ହଣ୍ଡା ଆରୋହଣ କରି ସୂର୍ଯ୍ୟାସ୍ତ ପୂର୍ବରୁ କଟକ ପହଞ୍ଚିବା ସମ୍ଭବ ହେଲାନାହିଁ। ଜମିଦାରୀ ଗଲା।

ମନ୍ଦିର ଦେବୋତ୍ତର ବିଭାଗକୁ ଗଲା। ଖଞ୍ଜା ଉଜୁଡ଼ି ଗଲା। କେବଳ ଟ୍ରଷ୍ଟି ହୋଇ ରହିଚି ଆମ ବଂଶ। ମୋ ଜେଜେ ବାଇଶି ପାହାଚରେ ଇଂରେଜ ସାଙ୍ଗ କରିଥିବାର ସ୍ମୃତିକଥା ଅଛି। ଅଛନ୍ତି ଗୋପାଳଜୀଙ୍କ ନଟଗୋପାଳ ମୂର୍ତ୍ତି ପାଖରେ କିଶୋରୀମୋହନ। ମୋ ଜେଜେଙ୍କ ନାଁ ଆସିଥିଲା ଏଇ ଠାକୁରଙ୍କ ନାଁରୁ। ଏସବୁ ବି ଆସି ମିଶିଗଲେ କେତେବେଳେ ମୋ ଭିତରେ ପ୍ରସ୍ତୁତ ହେଉଥିବା ଲେଖକୀୟ ଭୂମିରେ। ଆଭିଜାତ୍ୟ ସହିତ ଅଭାବ, ଦନ୍ତକଥା ସହିତ ବାସ୍ତବତା, ମନ୍ଦମୀ ସହିତ ଜନ୍ମାଷ୍ଟମୀ, ଅଧ୍ୟାତ୍ମ ସହିତ ପୌରାଣିକତା, କଳ୍ପନା ସହିତ କବିତା, ସଂସ୍କୃତ ସହିତ ଜନଜାତୀୟ କଳ୍ପନା, ପ୍ରକୃତି ସହିତ ବସ୍ତୁପ୍ରବଣତା, ଏମିତି କେତେକଣ। ରେଭେନ୍ସା କଲେଜରେ ଯୋଗଦେଲା ବେଳକୁ ଆଖି ସାମ୍ନାରେ ଥିଲା ଗୋଟେ ନୂଆ ପୃଥିବୀ। ବିଚିତ୍ର କାଳ, ବିତିକାର ଓ ଉପନିବେଶମୁକ୍ତି ଗୋଟେ ନୂଆ ଭାଷା ଆଣି ଠିଆ କରାଇଥିଲେ। ନୂଆ କବିତାର ବହୁକାଳୀ ସାମର୍ଥ୍ୟ ପରୀକ୍ଷା ପ୍ରସାରିତ ହୋଇଚାଲିଥିଲା। ଇଲିଅଟ୍ 'ୱେଷ୍ଟଲାଣ୍ଡ' ପାଇଁ ନୋବେଲ ପାଇବା ସହିତ ଆଧୁନିକ କବିତାର ରୋମାଣ୍ଟିକ ଓ ପ୍ରଗତିବାଦୀ ଭାଷ୍ୟ ବଦଳିଯାଇଥିଲା, ଏବେ କାବ୍ୟକଳା ଥିଲା କାବ୍ୟବୋଧର ଜିଜ୍ଞାସା ଓ ପୁନରାବିଷ୍କରଣ। ଇଏ ଆମ କାବ୍ୟଧାରା ନଥିଲା କିନ୍ତୁ ସଂକ୍ରମିତ ହୋଇ ରହିଥିଲା ବିଶ୍ୱ କବିତା। ଆମର ବଡ଼ କବିମାନେ ସେଇ ମାର୍ଗ ଦେଖେଇଲେ। ନିୟମିତ କବିତା ଲେଖା ଆରମ୍ଭ ହେଲା ସେଇ ରାତିରେ। କିନ୍ତୁ ଲେଖକ ଭଳି ଲାଗିଲା ନାହିଁ। ମୋର ଜୀବନ ଯେଉଁ ଲେଖକୀୟ ଭୂମି ନିର୍ମାଣ କରିଥିଲା, ତା'ର ବ୍ୟବହାର ହେଲା ନାହିଁ। କେବେ ଦିନେ ଏ ପ୍ରଶ୍ନ ବି ଆସି ଠିଆ ହେଲା ଯେ ମୁଁ ଯଦି ମୋର ଲେଖକୀୟ ଉପାଦାନକୁ ଅଣଦେଖା କରି ବିଦେଶାଗତ ମଡେଲର ଆଧାରରେ କବିତା ଲେଖୁଚି, ସେ ମୋର ନୁହେଁ। ମୁଁ ସୃଜନରେ ବି ସ୍ୱାଧୀନ ନୁହେଁ। ସେତେବେଳେକୁ ମୋର ଗଳ୍ପ ଓ କବିତା ସଂକଳନ ବାହାରିଲାଣି, ଯୁବଲେଖକର ସ୍ୱୀକୃତି ବି ମିଳିଲାଣି, କିନ୍ତୁ ମୁଁ ଲେଖୁଚି କାହିଁକି? ଲେଖକୀୟ ଭୂମି ଯଦି ମୋର ନୁହେଁ, ମୁଁ ଯାହା କହିବାକୁ ଚାହୁଁଚି ଯଦି କହିପାରୁନାହିଁ, ତେବେ ମୁଁ ଲେଖିବି କାହିଁକି? ମୁଁ ୧୯୮୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ପ୍ରାୟ ଲେଖିନି ନାହିଁ। କେବଳ ପଢ଼ିଲି, ଜାଣିବାକୁ ଚାହିଁଲି ମୋ ଭାଷାରେ କ'ଣ ଅଛି ଯାହା ଆଉ କୋଉଠି ନାହିଁ। ପଢ଼ିଲି ସାରଳା ମହାଭାରତ, ଭାଗବତ, ରୀତିକବିତା, ଗୀତିକବିତା, ବଳିସୂର୍ଯ୍ୟ, ଗାମ ଭୋଇ, ରାଧାନାଥ, ଶାସ୍ତ୍ର, ସଂସାର, ପୁରାଣ, ବେଦ, ବେଦାନ୍ତ ଯାହା ପାଇଲି। ପଢ଼ିଲି ପାଶ୍ଚାତ୍ୟ କବିଙ୍କୁ, ତାଙ୍କର ଶାସ୍ତ୍ରକୁ, ତାଙ୍କର ଦର୍ଶନ ଓ ବିଚାରକୁ। ଏଣେ, ସ୍ପେନିସ୍ ଓ ପର୍ତ୍ତୁଗୀଜ୍ ଭାଷା ଓ ସାହିତ୍ୟ ସହିତ ପ୍ରାରମ୍ଭିକ ପରିଚୟ ହେଲା କିନ୍ତୁ ଇଂରାଜୀ ଅନୁବାଦରେ ସବୁ ଜଣା କରିବାକୁ ପଡ଼ିଲା। ଶେଷରେ ଏଇ ନିଷ୍କର୍ଷରେ ପହଞ୍ଚିଲି ଯେ ନୂଆ ଭାରତୀୟ କବିତା ଆମେ ଦୃଢ଼ତାର ସହିତ ଲେଖିପାରିବା। ଓଡ଼ିଆ କବିତା କାହା କ'ଣ କହିବି, ଓଡ଼ିଆ ମୋ ଦୃଷ୍ଟିରେ ବିଶ୍ୱର ଶ୍ରେଷ୍ଠ ଭାଷା, ଏଭଳି କିଛି ନାହିଁ ଯାହା ଏ ଭାଷାରେ ଉଚ୍ଚାରିତ ହୁଏନାହିଁ ବା ଯାହା ପାଇଁ ଶବ୍ଦର ଅଭାବ ପଡ଼େ।

୧୯୯୦ ମସିହାରେ ମୁଁ ପୁଣି କବିତା ଲେଖିବା ଆରମ୍ଭ କଲି, ସେତେବେଳେକୁ ମୁଁ ଜାଣିସାରିଥିଲି ଯେ ପଶ୍ଚିମଙ୍କ ଆଶାଭଙ୍ଗର କବିତା ମୋର ନୁହେଁ, ମୋର ଲେଖକୀୟ ଭୂମିର ଉପଜ ନୁହେଁ। ମୋ କବିତା ଅପରିଚୟର ନୁହେଁ କି ଆତ୍ମନିର୍ବାସନର ନୁହେଁ। ଯଦି ଇଲିଅଟ୍‌ଙ୍କ ନଷ୍ଟଭୂମିକୁ ଉପନିଷଦର ଶାନ୍ତିପାଠ ଅର୍ଥମୟ କରିପାରେ, ତେବେ ମୁଁ କାହିଁକି ନଷ୍ଟଭୂମିକୁ ପ୍ରେରଣା ନେବି? ମୋ ଉପରେ ମୋର ପିତୃପୁରୁଷଙ୍କର ଅମାପ ଋଣ। ସେଥିରୁ ଟିକିଏ ବି ପରିଶୋଧ କରିପାରିବି ମୋ ରଚନାରେ? ୨୦୦୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ୨୦୧୩ ମସିହାରେ ଭାରତୀୟ ଜ୍ଞାନପୀଠର ମୂର୍ତ୍ତିଦେବୀ ପୁରସ୍କାର ଗ୍ରହଣ କରି ମୁଁ କହିଥିଲି ଯେ ଓଡ଼ିଆ ଭାଷାର ମୋ ଭଳି ଜଣେ ନଗଣ୍ୟ କବିଠାରୁ କିଛି ଆଶା ରଖନ୍ତୁ ନାହିଁ, ମୋ ପିତୃପୁରୁଷ ଛାଡ଼ିଯାଇଥିବା ବିପୁଳ ସମ୍ପଦକୁ ମୁଁ ଅଯୋଗ୍ୟ, ଭୋଗ କରିଚି ସାରାଜୀବନ ବଢ଼େଇନି କାଣିଚାଏ, ମୁଁ ନଲେଖିଲେ ବି ଓଡ଼ିଆ ସାହିତ୍ୟର କିଛି କ୍ଷତି ହେବ ନାହିଁ। ମୁଁ ଲେଖୁଚି, ଲେଖି ଚାଲିବି କେବଳ ସେମାନଙ୍କୁ ଜଣାଇବା ପାଇଁ ଯେ ମୁଁ ତାଙ୍କରି ସଞ୍ଚିତ ବିପୁଳତାକୁ ବ୍ୟୟ କରିଚାଲିଚି, ଯେତିକି ପାରିନି ସେଥିରୁ କାଣିଚାଏ!

ଏବେ ମୁଁ କହିପାରିବି ମୁଁ କାହିଁକି ଲେଖେ। ■

ମୋ: ୯୪୩୭୦୩୯୮୫୮

## ଅବଶିଷ୍ଟାଂଶ

## ଆଖିବୁଜିଲେ ବଳଙ୍ଗା...

ସୁରାକ ପାଉନାହିଁ। ନାବାଳିକାର ପରିବାର ସଦସ୍ୟ, ସାଙ୍ଗସାଥୀ ଏବଂ ଅନ୍ୟ କେତେକ ସନ୍ଦିଗ୍ଧ ଯୁବକଙ୍କୁ ପଚରାଉଚରା କରିଥିଲେ ମଧ ନାବାଳିକାକୁ କିଏ ଓ କାହିଁକି ପୋଡ଼ି ମାରିବାକୁ ଉଦ୍ୟମ କଲା, ସେ ସଂପର୍କରେ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦିଷ୍ଟ ତଥ୍ୟ ମିଳିନାହିଁ। ଆମ ହାତରେ କିଛି ପ୍ରମାଣ ଲାଗିଛି, ଖୁବ୍‌ଶିଘ୍ର ଘଟଣା ଉପରୁ ପରଦା ହଟିବ ବୋଲି ତଦନ୍ତକାରୀ ସଂସ୍ଥା ବାରମ୍ବାର ଗଣମାଧ୍ୟମକୁ କହୁଥିଲେ ହେଁ ଏଯାଏ ତଦନ୍ତ ଅନ୍ଧାର ଭିତରେ ରହିଯାଇଛି। ଦିଗହରା ତଦନ୍ତ ଭିତରେ ଅପରାଧୀମାନେ ଅଦୃଶ୍ୟ ହୋଇଯାଇଥିବାବେଳେ ଆଜି ଡାକ୍ତରଖାନାରେ ପୀଡ଼ିତାଜଣକ ଆଖି ବୁଜିଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଗକୁ ତଦନ୍ତର ଦିଗ କୁଆଡ଼କୁ ଯିବ, ପୀଡ଼ିତା ପରିବାରକୁ ପୁଲିସ ଏବଂ ସରକାର କିଭଳି ଭାବେ ନ୍ୟାୟ ପ୍ରଦାନ କରିବେ, ତାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ଏଯାଏ ଅପରାଧୀଙ୍କୁ ଧରି ନ ପାରିବା, ଏତେଦିନ ପରେ ବି ଘଟଣା ଉପରୁ ପରଦା ନ ଉଠାଇ ପାରିବା ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ୭ ଦିନ ଭିତରେ ବଳଙ୍ଗା ପୀଡ଼ିତାର ପରିବାରକୁ ନ୍ୟାୟ ନ ମିଳିଲେ, ପ୍ରକୃତ ଅପରାଧୀ ଧରା ନ ପଡ଼ିଲେ, ପ୍ରଶାସନିକ ବିଫଳତା ପାଇଁ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ କହିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ଏମ୍‌ସରେ ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ଭେଟି ବିଜୁ ଜନତା ଦଳର ସଂସଦୀୟ ମଣ୍ଡଳୀ ସମବେଦନା ଜଣାଇଛନ୍ତି।

ଏହି ଦୁଃଖଦ ଘଟଣା ନେଇ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ। ରାଜ୍ୟ ସରକାର ତାଙ୍କ ଚିକିତ୍ସା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଥିଲେ। ଦିଲ୍ଲୀ ଏମ୍ସରେ ବିଶେଷଜ୍ଞ ଡାକ୍ତରମାନେ ଅହୋରାତ୍ର ଚେଷ୍ଟା କରିଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ ତାଙ୍କୁ ବଞ୍ଚାଇ ରଖିବା ସମ୍ଭବ ହୋଇପାରିଲା ନାହିଁ। ଏହି ଘଟଣାରେ ଜଡ଼ିତ ଅପରାଧୀମାନଙ୍କୁ ଦୃଢ଼ ଦଣ୍ଡ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ।

## ଅନ୍ଧାରରେ ତଦନ୍ତ...

ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ତେରହଳ ଗ୍ରାମର ଦୁଃଖିଶ୍ୟାମ ସେନାପତିଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଅବଗତ ହେବା ସହ ସାହିପଡ଼ିଶା ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ବଳଙ୍ଗା ଥାନାରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବରିଷ୍ଠ ପୁଲିସ ଅଧିକାରୀ ଓ ତଦନ୍ତ ଅଧିକାରୀଙ୍କ ସହ ତଦନ୍ତର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୁଲିସ ନୂତନ ଜ୍ଞାନ କୌଶଳ ବ୍ୟବହାର କରି ରାଜ୍ୟ ସାଇଣ୍ଟିଫିକ୍ ଟିମ୍ ଓ ରାଜ୍ୟ ଫରେନ୍‌ସିକ ଲ୍ୟାବ୍‌ର ୧୦ ଜଣିଆ ଟିମ୍ ମଧ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ୨୧ ତାରିଖରେ ଏହି ଘଟଣାକୁ ନେଇ ଜାତୀୟସ୍ତର ବେଶ୍ ଚର୍ଚ୍ଚା ହୋଇଥିଲା। କଂଗ୍ରେସର ଜାତୀୟ ନେତୃତ୍ୱମାନେ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ ସୁପ୍ରିମକୋର୍ଟ। ବଳଙ୍ଗା ଘଟଣାକୁ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ 'ଆମେ ଲଜ୍ଜିତ' ବୋଲି କହିଥିଲେ।

୨୪ ତାରିଖରେ ବଳଙ୍ଗା ନାବାଳିକା ପୋଡ଼ି ମାମଲା ନେଇ କ୍ରାଇମବ୍ରାଞ୍ଚର ୪ ଜଣିଆ ଦଳ ଦିଲ୍ଲୀ ଏମ୍‌ସରେ ପୀଡ଼ିତାର ବୟାନ ରେକର୍ଡ କରିଥିଲେ। ସ୍ୱତନ୍ତ୍ର ଟିମ୍‌ରେ କ୍ରାଇମ୍‌ବ୍ରାଞ୍ଚର ଦୁଇଜଣ ଅଧିକାରୀଙ୍କ ସହ ଜଣେ ମାଜିଷ୍ଟ୍ରେଟ ଏବଂ ଜଣେ ଭିଡିଓଗ୍ରାଫର ରହିଥିଲେ। ୨୫ ତାରିଖରେ ନିମାପଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ପୀଡ଼ିତାଙ୍କ ସାଙ୍ଗ, ପିଉସୀ, ଦାଦା ଓ ଖୁଡ଼ୀଙ୍କର ବୟାନ ରେକର୍ଡ କାଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ବିଧିବଦ୍ଧ ଭାବେ ଏହି ୪ ଜଣଙ୍କର ନିଜସ୍ୱ ମତକୁ ଲିପିବଦ୍ଧ କରାଯାଇଥିଲା। ଦିଲ୍ଲୀ ଏମ୍‌ସରେ ପୀଡ଼ିତାଙ୍କ ବାପାଙ୍କର ମଧ ବୟାନ ରେକର୍ଡ ହୋଇଥିଲା। ୨୭ ତାରିଖରେ ଏମ୍ସରେ ପୀଡ଼ିତାଙ୍କର ତୃତୀୟଥର ପାଇଁ ଅସ୍ତ୍ରୋପଚାର କରାଯାଇଥିଲା। ପୀଡ଼ିତାଙ୍କ ବାପା ଓ ପିଉସୀଙ୍କୁ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ପଚରାଉଚରା କରିଛି ପୁଲିସ। ୩୦ ତାରିଖରେ ଏମ୍ସରେ ପୀଡ଼ିତାଙ୍କର ତୃତୀୟଥର ବୟାନ ରେକର୍ଡ କରାଯାଇଥିଲା। ଭୁବନେଶ୍ୱର ଏମ୍ସରେ ଥରେ ଏହିପରି ୪ ଥର ବୟାନ ରେକର୍ଡ କରିଥିଲା ପୁଲିସ। ଆଉ ଶେଷରେ ଆଜି ପୀଡ଼ିତା ଆଖି ବୁଜିଦେବା ପରେ ଏଥିରେ ଅନ୍ୟ କାହାରି ସମ୍ପୃକ୍ତି ନାହିଁ ବୋଲି କହି ସବୁ ଦୋଷ ପୀଡ଼ିତା ମୁଣ୍ଡରେ ଥୋପି ଦେଇଛି ପୁଲିସ। ଆଜି ପୀଡ଼ିତାଙ୍କ ମୃତ୍ୟୁ ଘୋଷଣା ପରେ ଓଡ଼ିଶା ପୁଲିସ ପକ୍ଷରୁ ଏକ୍ସରେ ସୂଚନା ଦିଆଯାଇ କୁହାଯାଇଛି, ଆଜି ପର୍ଯ୍ୟନ୍ତ ହୋଇଥିବା ତଦନ୍ତରେ କାହାରି ସମ୍ପୃକ୍ତି ଥିବା ଜଣାପଡ଼ି ନାହିଁ। ଗତ ୩୦ ତାରିଖରେ ପୁରୀ ଏସ୍‌ପି ପିନାକ ମିଶ୍ର କହିଥିଲେ, ଏହି ମାମଲାରେ ପୁଲିସକୁ ଗୁଡ଼ାଏ ତଥ୍ୟ ହସ୍ତଗତ ହୋଇଛି। ବହୁତ ଲୋକଙ୍କୁ ପଚରାଉଚରା କରାଯାଇଛି। ଯେହେତୁ ଏଥିରେ ପୀଡ଼ିତା ଜଣେ ନାବାଳିକା ତେଣୁ ପୁଲିସ ବେଶ୍ ସନ୍ତର୍ପଣରେ କାମ କରୁଛି। ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। କ'ଣ ପାଇଁ ହେଲା କିଏ ନିଆଁ ଲଗାଇଲା ସେ ସମ୍ପର୍କରେ ଏବେ କହିପାରିବି ନାହିଁ ବୋଲି ସୂଚନା ଦେଇଥିଲେ। ହେଲେ ପ୍ରଶ୍ନଉଠୁଛି ପୁଲିସ କେଉଁସବୁ ତଥ୍ୟ ହାସଲ କରିଥିଲା। ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ସେହି ତଥ୍ୟ କ'ଣ ପର୍ଯ୍ୟାପ୍ତ ନ ଥିଲା?

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ନାବାଳିକା ଦେହରେ ନିଆଁ ଲଗାଯିବା ପରେ ପ୍ରଥମେ ତାକୁ ଠାବ କରିଥିଲେ ଦୁଃଖିଶ୍ୟାମ ସେନାପତି। ନାବାଳିକା ତାଙ୍କୁ କ'ଣ କହିଥିଲେ ଏବଂ ସେ ଓ ତାଙ୍କ ପତ୍ନୀ ପୀଡ଼ିତାଙ୍କୁ କ'ଣ ସାହାଯ୍ୟ କରିଥିଲେ ତାହା ତଦନ୍ତରେ କହିଥିଲେ। କିନ୍ତୁ ତାଙ୍କ ବୟାନକୁ ନେଇ ମଧ ଅନେକ ନାନା ପ୍ରକାର ଚର୍ଚ୍ଚା ହୋଇଥିଲା। ସେହିପରି ଘଟଣାସ୍ଥଳରୁ ପୁଲିସ ଜବତ କରିଥିବା କିଛି ସାମଗ୍ରୀ ଯେପରି କି ଚୁଡ଼ି, ମୁଦି ପୀଡ଼ିତାଙ୍କର ନୁହେଁ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଥିଲା। ପ୍ରଶ୍ନ ଉଠିଥିଲା ଯଦି ପୀଡ଼ିତାଙ୍କର ନୁହେଁ, ତେବେ ସେଠାରୁ ମିଳିଲା କେମିତି? ପୋଡ଼ି ଘଟଣା ଏମିତି ଅନେକ ପ୍ରଶ୍ନବାଚୀ ଭିତରେ ରହିଯାଇଥିବା ବେଳେ ଆଜି ଆଖି ବୁଝିଛନ୍ତି ନାବାଳିକା।

## ସଂଶୟ ବଢ଼ାଇଲା...

ଏହି ବୃହତ୍ତର ସ୍ୱାର୍ଥ ସହ କୌଣସି ପ୍ରକାରରେ ସାଲିସ କରାଯାଇପାରିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।ବିଶେଷଜ୍ଞ ମହଲର ଯୁକ୍ତି ଅନୁଯାୟୀ ପ୍ରଥମତଃ ବିବାଦର ଆପୋସ ସମାଧାନ ପାଇଁ ଛତିଶଗଡ଼ ସହ ଆମର ଆଲୋଚନା ଜାରି ରହିଛି ବୋଲି ରାଜ୍ୟ ସରକାର କହୁଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଚିଠିର ଉତ୍ତରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଧାଡ଼ିକିଆ ଉତ୍ତର ଆଦୌ ସନ୍ତୋଷ ଜନକ ନୁହେଁ। ଓଡ଼ିଶାର ପ୍ରସ୍ତାବ ବିଚାରାଧୀନ ଅଛି ବୋଲି କହି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଏହି ବିବାଦକୁ ଝୁଲାଇ ରଖିବାକୁ ଚାହୁଁଛନ୍ତି ବୋଲି ବିଶେଷଜ୍ଞ ମହଲ ଆଶଙ୍କା ପ୍ରକାଶ କରୁଛନ୍ତି। ଉତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ କଥାରୁ ସ୍ପଷ୍ଟ ହୋଇଯାଉଛି ଯେ ଦୁଇ ରାଜ୍ୟ ମଧ୍ୟରେ କୌଣସି ଆଲୋଚନା ହୋଇନାହିଁ। କେବଳ ଓଡ଼ିଶା ।। ମୁଖ୍ୟମନ୍ତ୍ରୀ ପଠାଇଥିବା ପ୍ରସ୍ତାବ ଉପରେ ଛତିଶଗଡ଼ ସରକାର ବିଚାର କରୁଛନ୍ତି।

ଦ୍ୱିତୀୟତଃ ଛତିଶଗଡ଼କୁ କଣ ପ୍ରସ୍ତାବ ଦିଆଯାଇଛି, ତାହା ରାଜ୍ୟ ସରକାର କାହିଁକି ସାର୍ବଜନୀନ କରୁନାହାନ୍ତି। ଏହାକୁ ନେଇ ମଧ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ନିକଟରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ ସମାନ ପ୍ରଶ୍ନ ଉଠାଇଥିଲେ। ଛତିଶଗଡ଼ ସହ ରାଜ୍ୟ ସରକାର କଣ ଆଲୋଚନା କରୁଛନ୍ତି, ତାହା ସାର୍ବଜନୀନ କରିବାକୁ ନବୀନ ଦାବି କରିବା ସହ ରାଜ୍ୟ ସରକାର ଆଇନଗତ ଲଢ଼େଇରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ଏପରିକି ତୁରନ୍ତ ରାଜ୍ୟ ସରକାର ଏନେଇ ସର୍ବଦଳୀୟ ବୈଠକ ଡକାଇବାକୁ ନବୀନ ଦାବି କରିଥିଲେ। ତେବେ ନବୀନଙ୍କ ଦାବି ଏବଂ ପ୍ରସ୍ତାବକୁ ନେଇ ରାଜ୍ୟ ସରକାର କୌଣସି ଆଗ୍ରହ ଦେଖାଇନଥିବା ବେଳେ ମହାନଦୀକୁ ନେଇ ନିରବତା ଅବଲମ୍ବନ କରୁଛନ୍ତି। ଯାହାକୁ ନେଇ ସାଧାରଣରେ ଅନିଶ୍ଚିତତା ବଢ଼ି ଚାଲିଛି।

ଅପରପକ୍ଷେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ କଡ଼ା ସମାଲୋଚନା କରିଛି କଂଗ୍ରେସ। କଂଗ୍ରେସ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ଚିଠିରେ କୌଣସି ଆପୋସ ସମାଧାନ ହୁଏନାହିଁ। ବିବାଦରେ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କଲେ ଯାଇ ସମାଧାନର ରାସ୍ତା ବାହାରିପାରିବ। ମହାନଦୀ ସମସ୍ୟାର ସମାଧାନ ପାଇଁ ରାଜ୍ୟବାସୀ ବିଜେପି ଉପରେ ଭରସା ରଖି ଭୋଟ ଦେଇଥିଲେ। ମାତ୍ର ସରକାରଙ୍କୁ ବର୍ଷ ପୂରିଥିଲେ ମଧ ମହାନଦୀର ସ୍ଥିତି ପୂର୍ବପରି ସଙ୍କଟାପନ୍ନ ରହିଛି। ଏବେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ତେଣୁ ଚିଠି ଲେଖା ବନ୍ଦ ହେଉ। ପ୍ରଧାନମନ୍ତ୍ରୀ ଇତିମଧ୍ୟରେ ଓଡ଼ିଶାକୁ ୬ ଥର ଆସିଲେଣି। ପ୍ରଧାନମନ୍ତ୍ରୀ ଚାହିଁଥିଲେ ଗୋଟିଏ ଦିନରେ ସମସ୍ୟାର ସମାଧାନ କରିପାରିବେ। ତେଣୁ ପ୍ରଧାନମନ୍ତ୍ରୀ ଏନେଇ ଆଗେଇ ଆସିବାକୁ ଶ୍ରୀ କାଡାମ ଦାବି କରିଛନ୍ତି। ଅପରପକ୍ଷେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ସମସ୍ତ ରାଜନୈତିକ ଦଳ, ନଦୀ ଓ ଜଳ ବିଶେଷଜ୍ଞ, ନଦୀ ଆନ୍ଦୋଳନର ପ୍ରମୁଖ ନେତୃତ୍ୱ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ତୁରନ୍ତ ଡାକିବାକୁ ସଂଗଠନର ଆବାହକ ସୁଦର୍ଶନ ଦାସ ଚିଠିରେ ଉଲ୍ଲେଖ କରିଛନ୍ତି। ଆନ୍ତଃନଦୀ ଜଳ ବିବାଦ ଏକ ଜଟିଳ ସମସ୍ୟା ଏବଂ ସେଥିପାଇଁ ବିଭିନ୍ନ ବର୍ଗଙ୍କ ଭିତରେ ସହମତି ଅତ୍ୟନ୍ତ ଜରୁରି। ମହାନଦୀକୁ ନେଇ ଓଡ଼ିଶାର କଣ ଦାବି ସବୁ ରହିବା ଉଚିତ ସେସବୁ କୁ ସହମତି ଭିତ୍ତିରେ ନିର୍ଦ୍ଧାରଣ ହେବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

## ସେପ୍ଟେମ୍ବର ୬କୁ...

ମୋହନ ଚରଣ ମାଝୀଙ୍କ ଦ୍ୱାରା ହୋଇଥିବା ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତି, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟୁତ୍ତର ସମ୍ପର୍କରେ ଆମେ ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲୁ। ଏହାକୁ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ ପ୍ରଶଂସା କରିଥିଲେ। ସେ ଆହୁରି ମଧ କହିଛନ୍ତି ଯେ ଅତୀତରେ କୌଣସି ଜଳବିବାଦ ଟ୍ରିବ୍ୟୁନାଲରେ ସମାଧାନ ହୋଇନାହିଁ। ଗତ ୬ ବର୍ଷ ମଧ୍ୟରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ମଧ କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ଏଯାବତ୍ ମାତ୍ର ଜଣ ସାକ୍ଷୀଙ୍କୁ ଜେରା କହିଛନ୍ତି। ଆହୁରି ୧୦ ବର୍ଷ ମାମଲା ଚାଲିଲେ ମଧ ଏହି ମାମଲାର ଅନ୍ତ ଘଟିବ ନାହିଁ। ତେଣୁ ଆପୋସ ଆଲୋଚନା ମାଧ୍ୟମରେ ମାମଲାର ସମାଧାନ ଶ୍ରେୟସ୍କର ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ଇତିମଧ୍ୟରେ କେନ୍ଦ୍ର ସରକାର ଏବଂ ଗୃହ ମନ୍ତ୍ରୀ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଛି। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ ଏ ସମ୍ପର୍କରେ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିରୁ ସୁଫଳ ମିଳିବା ସହ ଏକ ସକରାତ୍ମକ ପରିବେଶ ମଧ୍ୟରେ ଏହି ମାମଲାର ଅନ୍ତ ଘଟିବ ବୋଲି ଶ୍ରୀ ଆଚାର୍ଯ୍ୟ ଆଶା ପ୍ରକାଶ କରିଛନ୍ତି।

## ପୁଣି ଝୁଲିଲା ନିଗମ...

ନିର୍ବାଚିତ ହେବା ପରେ ରାଜ୍ୟରେ ଖୁବଶୀଘ୍ର ସାଂଗଠନିକ ପୁନର୍ବିନ୍ୟାସ ଏବଂ ନିଗମ, ବୋର୍ଡ ନିଯୁକ୍ତିକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଥିଲା। ରାଜ୍ୟ ସଭାପତି ଏବଂ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଏନେଇ ଘନ ଘନ ବୈଠକ କରିଥିବା ବେଳେ ଆସନ୍ତା ୯ ତାରିଖ ପୂର୍ବରୁ ସଂଗଠନରେ ନୂଆ ନିଯୁକ୍ତି ସହ ନିଗମ ଓ ବୋର୍ଡ ନିଯୁକ୍ତି ହେବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଥିଲା। ତେବେ ଉଭୟ ପ୍ରକ୍ରିୟାକୁ ନେଇ ମନମୋହନଙ୍କ ଆଜିର ବୟାନ ଆଶାୟୀଙ୍କୁ ପୁଣିଥରେ ନିରାଶ କରିଛି। ସଂଗଠନ ପୁନର୍ବିନ୍ୟାସ ଏବଂ ନିଗମ ଲଡ୍ଡୁ ବଣ୍ଟାକୁ ଆଉ କିଛିଦିନ ଲାଗିପାରେ ବୋଲି ରାଜନୈତିକ ସମୀକ୍ଷକ ଆକଳନ କରିଛନ୍ତି।

## ପୁଣି ୮ କୋଟିର...

୮ କେଜିର ବିଦେଶୀ ନିଶା ମାରିଜୁଆନା ଜବତ କରାଯାଇଥିଲା। ଗିରଫ ଯାତ୍ରୀ ଜଣଙ୍କ କହିଛନ୍ତି ଯେ, ବ୍ୟାଙ୍କକ ଏବଂ ଥାଇଲାଣ୍ଡ ବିମାନ ବନ୍ଦରରେ ଲଗେଜ୍‌କୁ ଏତେଟା ଯାଞ୍ଚ କରାଯାଇ ନାହିଁ। ବିଶେଷ କରି ଲଗେଜ ସ୍କାନର ମାଧ୍ୟମରେ ଯାଞ୍ଚ କରଯାଇଏ ନାହିଁ। ତେଣୁ ନିଶା ମାଫିଆ ଥାଇଲାଣ୍ଡ ଏବଂ ବ୍ୟାଙ୍କ୍‌କରୁ ନିଶା ଦ୍ରବ୍ୟ ସିଧା ଭୁବନେଶ୍ୱର ବିମାନ ବନ୍ଦରକୁ ଆଣିଥାନ୍ତି। ଦୁଇ ଦେଶର ଏୟାରପୋର୍ଟ ଭଳି ଭୁବନେଶ୍ୱର ବିମାନ ବନ୍ଦରରେ ମଧ ଏତେଟା ଲଗେଜ ସ୍କାନ୍ କରାଯାଏ ନାହିଁ। ଯାହାର ଫାଇଦା ନେଉଛନ୍ତି ନିଶା ମାଫିଆ। ସେମାନେ ବିଦେଶରୁ ଭୁବନେଶ୍ୱରକୁ ନିଶା ଚାଲାଣ କରୁଛନ୍ତି। ଏଠାକୁ ଆସିବା ପରେ ବିମାନରେ ଅନ୍ୟ ଦେଶକୁ ସିଧା ଯାଇଥାଏ। କେବଳ କଷ୍ଟମ୍ ବିଭାଗ ନିଜର ଗୁଇନ୍ଦା ଖବର ଆଧାରରେ ଯାହା ସୂଚନା ପାଉଛି ସେହି ଆଧାରରେ ଚଢଉ କରି ଗିରଫ କରୁଛି। ଦୁଇଦିନ ତଳେ ରାଜଧାନୀରୁ ମିଳିଥିଲା ୩୦ କୋଟିର ମାରିଜୁଆନା। ଭୁବନେଶ୍ୱର ଏୟାରପୋର୍ଟରୁ ମିଳିଥିଲା ହାଇଡ୍ରୋଫୋନିକ ୱିଡ ବା ମାରିଜୁଆନା। ବିମାନରେ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବାବେଳେ କଷ୍ଟମ୍ସ ବିଭାଗ ମାରିଜୁଆନା ଜବତ କରିଥିଲା। ଜବତ ମାରିଜୁଆନାର ବଜାର ମୂଲ୍ୟ କିଲୋ ପିଛା ୧ କୋଟି ଟଙ୍କା ହେବ ବୋଲି କୁହଯାଉଛି।

## କମୁଛି ନିଯୁକ୍ତି...

ଶୁକ୍ରବାର ଜାରି ନିଯୁକ୍ତି ରିପୋର୍ଟ ନୈରାଶ୍ୟଜନକ ଥିଲା। ଆମେରିକା ଶ୍ରମ ବିଭାଗ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଅର୍ଥନୀତିକୁ ବଡ଼ ଝଟ୍‌କା ଲାଗିଛି। ଗତ ମାସରେ ଦେଶରେ ମାତ୍ର ୭୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା। ମାତ୍ର ଲକ୍ଷେ ୧୫ ହଜାର ନିଯୁକ୍ତି ମିଳିବ ବୋଲି ଆକଳନ କରାଯାଇଥିଲା। କେବଳ ସ୍ୱାସ୍ଥ୍ୟକ୍ଷେତ୍ରରେ ୫୫ ହଜାର ଏବଂ ସାମାଜିକ ସେବା କ୍ଷେତ୍ରରେ ୧୮ ହଜାର ଚାକିରି ମିଳିଥିଲା। ଗତ ମାସରେ ନିଯୁକ୍ତି ଦାତା ଜୁଲାଇରେ ୬୨,୦୭୫ ଜଣଙ୍କୁ ଛଟେଇ ମଧ କରିଥିଲେ। ଏହା ଜୁନ୍ ତୁଳନାରେ ୨୯ ପ୍ରତିଶତ ଅଧିକ ଥିଲା। ଜୁଲାଇରେ ହୋଇଥିବା ଛଟେଇ ଗତ ବର୍ଷର ସମାନ ଅବଧି ତୁଳନାରେ ୧୪୦ ପ୍ରତିଶତ ଅଧିକ। ସରକାରୀ, ଟେକ୍, ଖୁଚୁରା କ୍ଷେତ୍ରରେ ସର୍ବାଧିକ ଛଟେଇ ହୋଇଛି। 'ଜବ୍ସ ଆଣ୍ଡ ଲେବର ରିପୋର୍ଟ'ରେ କୁହାଯାଇଛି ଯେ ଅର୍ଥନୀତି ମନ୍ଥର ହୋଇଯାଇଛି। କ୍ରମାଗତ ଚତୁର୍ଥ ମାସରେ ନିଯୁକ୍ତି ସୁଯୋଗ ହ୍ରାସ ପାଇଛି। ଏହା ସତ୍ତ୍ୱେ ବି ଟ୍ରମ୍ପ ତଥ୍ୟରେ ଦିଆଯାଇଥିବା ଚେତାବନୀକୁ ଅଣଦେଖା କରିଦେଇଛନ୍ତି। ସେ ଏହି ତଥ୍ୟ ଜାରି କରିଥିବା ଲେବର ଡିପାର୍ଟମେଣ୍ଟ ପ୍ରମୁଖ ଅଧିକାରୀ ଏରିକା ମାକ୍‌ଏଣ୍ଟରଫରଙ୍କୁ ବରଖାସ୍ତ କରିଦେଇଛନ୍ତି। ତଥ୍ୟ ଜାଲିଆତି କରିଥିବା ଅଭିଯୋଗ କରି ସେ ଏହି ପଦକ୍ଷେପ ନେଇଛନ୍ତି। ବିନା ତଥ୍ୟରେ ଏଭଳି ତଥ୍ୟ ଜାରି କରାଯାଇଛି ବୋଲି ଟ୍ରମ୍ପ କହିଛନ୍ତି। ଅର୍ଥବ୍ୟବସ୍ଥା ଦ୍ରୁତଗତିରେ ବଢୁଥିବା ଟ୍ରମ୍ପ ଦାବି କରିଛନ୍ତି। ଗତ ସପ୍ତାହର ଏହି ତଥ୍ୟ ଦର୍ଶାଉଛି ଯେ ଯଦି ସ୍ଥିତି ଆଗକୁ ଏପରି ଜାରି ରହେ ତେବେ ମଧ୍ୟବିତ୍ତଙ୍କ ସ୍ଥିତି ଦୋହଲିଯିବ। ଯଦି ଟ୍ରମ୍ପ ମଧ୍ୟବିତ୍ତଙ୍କୁ ଆଶ୍ୱସ୍ତି ପ୍ରଦାନ ନ କରନ୍ତି, ଶୁଳ୍କ ନୀତି କାର୍ଯ୍ୟକାରୀରେ ସମସ୍ୟା, ଖର୍ଚ୍ଚ ହ୍ରାସ ଏବଂ ଟିକସ ସହିତ ଅନ୍ୟ ପରିବର୍ତ୍ତନ କରିବାରେ ଅସମର୍ଥ ହେଲେ ରାଜନୈତିକ ବିପଦ ସୃଷ୍ଟି ହେବ। ଗତ ମାସରେ ଟ୍ରମ୍ପଙ୍କ ଆର୍ଥିକ ନୀତିକୁ ନେଇ ବାଇଡେନ ମଧ ଚେତାବନୀ ଦେଇଥିଲେ। ଶୁଳ୍କର ମୂଲ୍ୟ ଆମେରିକା ଶ୍ରମିକ ଏବଂ ବ୍ୟବସାୟକୁ ପ୍ରଭାବିତ କରିବ ବୋଲି ସେ କହିଥିଲେ।

## ବାପା-ପୁଅ ମୃତ...

କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ପୁଲିସ୍ କୈଳାସଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।


**UTKAL BANANI HIGHER SECONDARY SCHOOL**
CHAKSULIAPADA, MAYURBHANJAT/PO- CHAKSULIAPADA,
PS- SULIAPADA, DIST- MAYURBHANJ, PIN- 757021

**WALK-IN-INTERVIEW**

Interested candidates having 55% marks or more at P.G level are invited to attend the walk-in-interview on dt. 11/08/2025 from 11 AM to 12 PM in the college premises with self-attested copies of academic certificates for appointment of Math (with BED) & Sanskrit lecturer.

**Principal-Cum-Secretary**
**U.B.H.S.S Chaksuliapada, MBJ**

**ନିୟନ୍ତ୍ରିତ ବଜାର କମିଟି କୋରାପୁଟ**

ଏତଦ ଦ୍ୱାରା କୋରାପୁଟ ଉପଖଣ୍ଡ ଅଞ୍ଚଳ ର ସମସ୍ତ କୃଷକ ଭାଇ ଭଉଣୀ ,ବ୍ୟବସାୟୀ ମାନଙ୍କୁ ୭୮ ତମ ସ୍ୱାଧୀନତା ଦିବସ ୨୦୨୫ ସପ୍ତାହର ଉପଲକ୍ଷେ ନିୟନ୍ତ୍ରିତ ବଜାର କମିଟି କୋରାପୁଟ ଙ୍କ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

**ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ**

ଧାନ ସଂଗ୍ରହ ବର୍ଷ ୨୦୨୫-୨୬

ଏତଦ ଦ୍ୱାରା କୋରାପୁଟ ଉପଖଣ୍ଡ ଅଞ୍ଚଳ ର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଖରିଫ ଧାନ ସଂଗ୍ରହ ୨୦୨୪-୨୫ ବର୍ଷ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ତା ୧୯.୦୭.୨୦୨୫ ରିଖ ଠାରୁ ଆରମ୍ଭ ହୋଇଅଛି । ଆଗ୍ରହୀ ଚାଷୀ ନିକଟସ୍ଥ ଅନୁମୋଦିତ କୃଷି ସମବାୟ ସମିତି PACS/LAMPCS ରୁ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା ୨୦.୦୮.୨୦୨୫ ରିଖ ମଧ୍ୟରେ ସମିତି ରେ ଦାଖଲ କରିବେ । ସବିଶେଷ ବିବରଣୀ ପାଇଁ ବିଭାଗୀୟ ୱେବସାଇଟ www.foododisha.in ରେ ତଥ୍ୟ ଉପଲବ୍ଧ ।

ଆବଶ୍ୟକୀୟ କାଗଜାତ :-

୧- ଆଧାର କାର୍ଡ
୨- ଚାଷଜମି ବାବଦରେ ପ୍ରମାଣ ପତ୍ର ଅର୍ଥାତ ଜମି ପଟ୍ଟା(ROR) ଦଲିଲ ଇତ୍ୟାଦି ।
୩- ବ୍ୟାଙ୍କ ପାସ ବୁକ ର ପ୍ରଥମ ପୃଷ୍ଠା
୪- ମୋବାଇଲ ନମ୍ବର , ଯଦି ମୋବାଇଲ ନ ଥାଏ ପରିବାର ସଦସ୍ୟଙ୍କ ମୋବାଇଲ ନମ୍ବର ଦେବା ଆବଶ୍ୟକ
୫- ଭାଗ ଚାଷୀମାନେ ପଞ୍ଜୀକରଣ ପ୍ରକ୍ରିୟା ରେ ଆବଶ୍ୟକୀୟ କାଗଜ ପତ୍ର ଦାଖଲ କରି ଅଂଶ ଗ୍ରହଣ କରିପାରିବେ।
୬-ଅଧିକରୁ ଅଧିକ କ୍ଷୁଦ୍ର ଓ ନାମ ମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥା ରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ

ଏଣୁ ସମସ୍ତ ଆଗ୍ରହୀ ଚାଷୀ ମାନଙ୍କୁ ଅନୁରୋଧ,ସେମାନେ ଉପରୋକ୍ତ ଅବଧି ମଧ୍ୟ ରେ ଆଗୁଆ ପଞ୍ଜୀକରଣ କରି ନେବେ।

ସ୍ୱା/- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି କୋରାପୁଟ
ସ୍ୱା/- ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି କୋରାପୁଟ

**OFICE OF THE SUPERINTENDING ENGINEER,**
**KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail: pwdoff_khd@yahoo.com
B-356

**Tender Call Notice**
**Bid Identification No. S.E.-KHD-(R&B)- 18/2025-26**
**Letter No. 4657 / dtd. 31.07.2025**

The Superintending Engineer, Khurda (R&B) Division, Khurda on behalf of Governor of Odishainvites percentage rate bid in **Double cover** system in ONLINE MODE from eligible class of contractors having valid registration certificate for execution of the Composite (Civil + EI + PH) & Roads Works as detailed below:

| | | | |
|---|---|---|---|
| 1. | Nature of Work | : | Building & Road |
| 2. | No of Work | : | 2Nos |
| 3. | Tender Cost | : | Rs.10000.00(Online) |
| 4. | Class of Contractor | : | 'B' class Contractor |
| 5. | Available of Bid documents in the web site. | : | From Dt. 06.08.2025 at 12.00 Noon to Dt. 20.08.2025 at 5.00 PM |
| 6. | Date of opening of Bids | : | Dt. 21.08.2025 at 11.00A.M |

7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website.

**Superintending Engineer**
OIPR-34095/11/0033/2526 **Khurda (R&B) Division, Khurda**

**AFFIDAVIT**
I, Saikh Sunhera, W/O.: Saikh Niyaz Allam, AT: Ajampur, PO/P.S.: Kakatpur, Dist.: Puri, Pin-752108, Declare by this Affidavit No.: 41781, DTD:01/08/2025 that now onwards I shall be known as **Sunhera Khatoon** for all future purposes.

**LOST**
I Mr. Lokanath Nayak declare that I have lost the Original Sale Deed No-1134, date 21/10/2004 of landed property of Mouza-Chappirikoilama, Tahasil - Ranapur, PS-Ranapur, District-Nayagarh, bearing Khata No 31, Plot No-177, Kisam-Sarad Jala-3, A0I.55 Decimal on Dated: 26/07/2025, at about 12.30 PM, somewhere at Lodhachua locality which I am unable to trace out. Ujjivan Small Finance Bank is going to mortgage the said property as per the banks process. If anyone is having any claim/objection over the aforesaid property, may please contact Mr. Pravakar Pattanayak, Mobile No -9778070590 (Of Advocate) or in this address- Room No-309,3rd Floor, Nirmal Plaza, Near Navin Niwas, Forest Park, Bhubaneswar-751009 (Registered address of advocate) within 15 days of this publication.

**बैंक ऑफ महाराष्ट्र Bank of Maharashtra** एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମୀ ମାଧ୍ୟମରେ ବିକ୍ରୟ କରାଯିବ ଯାହାକି **ତା.୧୮.୦୮.୨୦୨୫ରିଖ ଅପରାହ୍ନ ୧.୦୦ ଘଟିକା ସମୟରେ ସମ୍ପୃକ୍ତ ଶାଖା ପରିସରରେ** ନିଲାମ କରାଯିବ। ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡ଼ିବ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ।

**ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୧୫ ଦିନିଆ ଅନ୍ତିମ ସ୍ମରଣ ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ତା.୦୧.୦୮.୨୦୨୫ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତିତ) + ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ବାଲେଶ୍ୱର ଶାଖା (୧୯୯୧), ତଳ ମହଲା, ସାହୁ କମ୍ପ୍ଲେକ୍ସ, ଭାସ୍କରଗଞ୍ଜ (ଏଫ୍ ଏମ୍ ଗୋଲାଇ), ଓ.ଟି. ରୋଡ୍, ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୫୧୭୮୪୮୨୦୯ | | | | |
| ୧. | ସତ୍ୟବ୍ରତ ଦାସ, ପିତା: ନିତ୍ୟାନନ୍ଦ ଦାସ, ବାସୁଦେବପୁର, ଭଦ୍ରକ, ପିନ୍- ୭୫୬୧୨୫ / ୬୦୪୫୧୧୭୯୪୮୫ | ଟ.୨,୪୯,୦୦୦.୦୦ | ୬୮.୨୦ | ୮୨.୭୦ |
| ବାରିପଦା ଶାଖା (୨୦୯୪), ଲାଲ ବଜାର, ୱାର୍ଡ ନଂ.-୧୦, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧, ମୋ.: ୯୦୦୨୪୨୧୩୮୯ | | | | |
| ୧. | ହିମାଂଶୁ ଶେଖର ସାହୁ, ୱାର୍ଡ ନଂ.-୦୯, ବୁଡ଼ଗଡ଼ିଆ, ପୋ: ବାରିପଦା, ମୟୂରଭଞ୍ଜ, ପିନ୍-୭୫୭୦୦୧ / ୬୦୪୫୦୦୯୮୩୬୮ | ଟ.୬୭,୧୫୬.୦୦ | ୧୮.୬୦ | ୨୨.୮୫ |
| ୨. | ହିମାଂଶୁ ଶେଖର ସାହୁ, ୱାର୍ଡ ନଂ.-୦୯, ବୁଡ଼ଗଡ଼ିଆ, ପୋ: ବାରିପଦା, ମୟୂରଭଞ୍ଜ, ପିନ୍-୭୫୭୦୦୧ / ୬୦୪୪୬୩୨୩୮୪୬ | ଟ.୪୯,୬୧୮.୦୦ | ୧୧.୦୦ | ୧୧.୫୦ |
| ଟିଟିଲାଗଡ଼ ଶାଖା (୨୧୩୮), ରାମରାଜ ପ୍ଲାଜା, ଜୈନ ପଡ଼ା, ଏସ୍.ବି.ଆଇ. ବିପରୀତ ପାର୍ଶ୍ୱ, ଜୈନ ଧର୍ମଶାଳା ରୋଡ୍, ଟିଟିଲାଗଡ଼, ଓଡ଼ିଶା, ପିନ୍-୭୬୭୦୩୩, ମୋ..: ୯୯୩୭୪୮୧୧୨୩ | | | | |
| ୧. | ଲୀଳାମୟ ସାହୁ, ପିତା: କେଶରୀ ସାହୁ, କୁରୁସୁଡ, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ / ୬୦୪୮୫୪୬୬୮୬୭ | ଟ.୩୦,୦୬୯.୦୦ | ୭.୫୦ | ୮.୬୮ |
| ୨. | ଲୀଳାମୟ ସାହୁ, ପିତା: କେଶରୀ ସାହୁ, କୁରୁସୁଡ, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ / ୬୦୫୧୯୧୩୯୪୫୯ | ଟ.୭୦,୦୦୦.୦୦ | ୧୭.୦୦ | ୧୭.୮୬ |

ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ।
୧) "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ନିଲାମ କରାଯିବ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖିଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ / ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବଦ ଅଧିକାର ଦାବୀ ରଖିବାକୁ ହକଦାର ହେବେ ନାହିଁ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତ/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦୁପଲକ୍ଷେ ହୋଇଥିବା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ।
୭) ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜ ଦ୍ୱାରା ଅଳଙ୍କାର/ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏ ବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ।
୮) ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୯) ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାର ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ଅଳଙ୍କାରକୁ ପୁନଃ ବିକ୍ରୟ କରାଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୧.୦୮.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**KORAPUT CENTRAL CO-OPERATIVE BANK LTD.**
Ph. 06854-241159/232714
Email: ceo@koraputccb.com
Head Ofice: N.K.T. Road, Jeypore-764003, Dist.: Koraput, Odisha
Letter No. 7527/P&S/2025-26 / Date 02.08.2025

**QUOTATION CALL NOTICE**

Sealed quotations are invited from the intending registered firm for procurement of Standard fire, Burglary, Cash and fidelity guarantee master insurance policy for LAMPCS/ MPCS affiliated to Koraput Central Cooperative Bank Ltd., Jeypore for a period of one year i.e., from Dt.11.08.2025 to 10.08.2026 (Mid-night).

The interested vendors /agencies are requested to submit their sealed quotations before the undersigned on or before Dt.07.08.2025 (3.30 P.M) latest as per following table and the same will be opened on the same date at 4.00 P.M in presence of the members or their authorized representatives.

(Rs. In Lakhs)

| Sl. No. | No. of LAMPCS/ MPCS | Content in Premises | Money in Premises | Money in Transit | Dishonesty of Employees of the LAMPCS/ MPCS | Total Coverage (Sum Assured) |
|---|---|---|---|---|---|---|
| 1 | 55 | 136.00 | 925.00 | 1355.00 | 140.00 | 2556.00 |

The quotation received incomplete or after the scheduled date shall be rejected and will not be entertained by the Bank. The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

Contact to Sri Jaya Pradeep Patnaik, P&S, KCC Bank Ltd. Head Office, Jeypore Mobile No.: 9777519964

Secretary
KCC Bank Ltd., Jeypore

OFFICE OF THE
**MUNICIPAL COUNCIL, BHADRAK**
BHADRAK, PIN-756100
E-mail: cobdkmunicipality@gmail.com
C-797

Letter No: 4087 Date: 31/07/2025

**NOTICE INVITING REQUEST FOR PROPOSAL (RFP)**
(Through E-Procurement)

Bids in double cover system through e-procurement in conformity with the detailed notice inviting Request For Proposal (RFP) are hereby invited by the Executive Officer, Bhadrak Municipality, on behalf Bhadrak Municipal Council, Bhadrak, Odisha from eligible entities for the below mentioned work:

| Name of Work | Plant Capacity (In TPD) | Bid Security/ EMD | Performance Security | Cost Of Bid Fee |
|---|---|---|---|---|
| 1 | 2 | 3 | 4 | 5 |
| Selection of Agency for Setting up of Wet Waste/ Municipal Solid Waste Processing Facility (Waste to Compost Plant) in Bhadrak Municipality on Public Private Partnership (PPP) | 60 TPD | Rs 3,00,000 /- ( Rupees Three Lakh) Only | Rs.15,00,000/- ( Rupees Fifteen Lakh) Only | Rs. 10000/- |

1. RFP documents consisting of terms, conditions, & other necessary information can be seen on and downloaded from the Govt website www.tendersodisha.gov.in by the eligible entities registered on the portal.
2. The bidder shall transfer online the cost of bid document & EMD for the amount specified for the work in column -5 & 3 respectively of table above as part of its bid processing.
3. The prospective bidder shall be required to submit a Performance Security of Rs. 15,00,000.00 in the form of Bank Guarantee to the Bhadrak Municipality as per terms of the Agreement.
4. The RFP may be postponed, modified or cancelled at any time due to administrative reasons and no claim shall be entertained on this account.
5. For further details and bids schedule, visit website www.tendersodisha.gov.in

OIPR-13152/11/0030/2526
Executive Officer
Bhadrak Municipality

**AFFIDAVIT**
I, Saikh Niyaz Alam, S/O: Saikh Soleman, AT: Ajampur, PO/P.S.: Kakatpur, Dist.: Puri, Pin-752108, Declare by this Affidavit No.: 41782, DTD:01/08/2025 that now onwards I shall be known as **SAIKH NIYAZ ALLAM** for all future purposes.

**AFFIDAVIT**
By virtue of an affidavit sworn before The Notary Public, Bhubaneswar dated 29.07.2025. I Mr. Anil Nayak, Address- At-/ Omkar Basti, Infront of Kalinga Studio, Ghatikia, Word No -23, Bhubaneswar, Dist-Khordha, Odisha-751003 declare that I have changed my son's name from Anshu Naik to Subham Nayak. Henceforth, he shall be known as **SUBHAM NAYAK** for all purposes.

**CHANGE OF NAME**
By virtue of an affidavit sworn before Executive Magistrate, Nandapur, vide no-60, dated 01/08/2025 I, Bimla Khara, D/o-Samara Khara, W/o-Sitaram Khara resident of Vill.-Sobhaput, Po.- Panthulunga, Ps.- Padwa, Dist.- Koraput, Pin- 764038, Odisha state that, I have changed my name from **Matam Bimal** to **Bimla Khara**. Henceforth I shall be known as **Bimla Khara** for all purposes.

**NOTICE**
In the partnership firm SAGE HOSPITALITY bearing No-182020230040 2 registered on dated 27.03.2023 before office of the Inspector-General of Registration-cum-Registrar of firms, Odisha, Cuttack, in which two new Partners namely Mr. Kumar Arindam and Smt. Sasmita Sahu appointed in the said firm with effect from 01.04.2025.

**CHANGE OF NAME**
I, Sarada Prasonn Rath, S/o- Lingaraj Rath, Resident of At/PO-Truptiapada, PO/PS-Bolagarh, Dist- Khurdha, Pin-752066, Odisha declare by this Affidavit No. 1694, Dated 31.07.2025, that now onwards I shall be known as **SARADA PRASANNA RATH** for all future purposes.

**AFFIDAVIT**
By virtue of an affidavit before The Notary Public, Titilagarh, on dated-02/08/2025. I, **Gangadhara Kabasi** (new name) formerly called as **Ganga Kabasi** (old name), S/o Rama Kabasi, Permanent resident of At- Siadimala, P.O. Challan Guda, P.S. Malkangiri, Dist-Malkangiri (Odisha), PIN- 764045 now residing at the same place affirm that I have changed my name from **Ganga Kabasi** (old name) to **Gangadhara Kabasi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Gangadhara Kabasi** (new name).
**Gangadhara Kabasi**

**AFFIDAVIT**
I, Hapiz Abdul, aged about 60 years, S/o- Late Shaikh Sayeed, resident of At/Po- Samanga, Ps-Jagatsinghpur Dist-Jagatsinghpur, Odisha, Pin- 754132 declare by this affidavit No. 1532, dtd. 01/08/2025, that now onwards I shall be known as **HAFIZ ABDUL** for all future purposes

**ସୂଚନା**
ମୁଁ, ଶ୍ରୀ ସୟଦ ଅଫଜଲ ରବାନୀ, ସୟଦ ଗୋଲାମ ଦାଉଦଙ୍କ ପୁଅ, ଗ୍ରା/ପୋ/ଥାନା- ଚମ୍ପୁଆ, ଜିଲ୍ଲା- କେନ୍ଦୁଝର, ଓଡ଼ିଶାର ନିବାସୀ, ଘୋଷଣା କରୁଛି ଯେ ମୋର ମୂଳ ବିକ୍ରୟ ଡିଡ୍ ୨୦୦୫ ର **RSD No-** ୩୨୫ ଅନୁଯାୟୀ ପଞ୍ଜିକରଣ ଡକ୍ୟୁମେଣ୍ଟ, କେନ୍ଦୁଝରର ଚମ୍ପୁଆ ମୁଖ୍ୟ ରାସ୍ତାରେ କୌଣସି ସ୍ଥାନରେ ତାରିଖ ୧୯/୦୭/୨୦୨୫ ହଜିଯାଇଛି। ଯଦି କେହି ଏହାକୁ ପାଆନ୍ତି, ଦୟାକରି ମୋତେ ମୋବାଇଲ୍ ନମ୍ବରରେ ଜଣାନ୍ତୁ- ୯୪୩୭୧୦୫୭୧୦।

# ‘ମାଣିକେଶ୍ୱରୀ’ ପାଇଁ ଆଗକୁ ଆସିଲା ବିଜେଡି

ଭବାନୀପାଟଣା, ୨।୮ (ସମିସ)



● ବିଭିନ୍ନ ସମସ୍ୟା ଦେଇ ଗତି କରୁଛି ବିଶ୍ୱବିଦ୍ୟାଳୟ
● ସମସ୍ୟା ସମାଧାନ ପାଇଁ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର

ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଛି; କିନ୍ତୁ ଏବେ ବି ଅନେକ ସମସ୍ୟା ଘେରରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଗତି କରୁଛି। ଅଧ୍ୟାପକ ମରୁଡ଼ି ସାଙ୍ଗକୁ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସମସ୍ୟା ରହିଛି। ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ଛାତ୍ର ପ୍ରତିନିଧି ଦଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଉଦ୍ଦେଶ୍ୟରେ କୁଳସଚିବ ଡ. ଗୁଣନିଧି ନାଏକ ଓ ଉପ କୁଳସଚିବ ମେଜର ଡ. ଜୟଦେବ ସାହୁଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଲେଜ ଲାଇବ୍ରେରୀରେ ଆବଶ୍ୟକ ବହି ଉପଲବ୍ଧ କରାଇବା ସହ ଲାଇବ୍ରେରୀର ପାଠପଢ଼ାର ସମୟ ସୀମାକୁ ବୃଦ୍ଧି କରିବା, ବିଶ୍ୱବିଦ୍ୟାଳୟ ପରିସରରେ ଏକ ଉପଭୋକ୍ତା ସମବାୟ ଷ୍ଟୋର ଏବଂ ଜେରକ୍ସ ସେଣ୍ଟର ଆରମ୍ଭ କରି ଛାତ୍ରଛାତ୍ରୀଙ୍କୁ ରିହାତି ମୂଲ୍ୟରେ ଷ୍ଟେସନାରୀ ସାମଗ୍ରୀ ଓ ପ୍ରିଣ୍ଟିଂ ଉପଲବ୍ଧ କରାଇବା, ସାଂସ୍କୃତିକ କ୍ଲବ୍ ଗଠନ କରି ଛାତ୍ରଛାତ୍ରୀଙ୍କୁ ନାଚ, ଗୀତ, ଅଭିନୟ, କଳା ଆଦିରେ ପ୍ରୋତ୍ସାହନ ଦେବା, ସମସ୍ତ ବିଭାଗରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ପଦକ୍ଷେପ ନେବା, ଛାତ୍ର କମନ୍ ରୁମର ମରାମତି ଏବଂ ନୂତନ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବା, ବିଶ୍ୱବିଦ୍ୟାଳୟର ସମସ୍ତ ସ୍ଥାନରେ ମାଗଣା ଇଣ୍ଟରନେଟ ଯୋଗାଇବା, ବିଶ୍ୱବିଦ୍ୟାଳୟ ପରିସରରେ ଏକ ଏଟିଏମ୍ ଖୋଲିବା ପାଇଁ ପଦକ୍ଷେପ ନେବା, ସମସ୍ତ ବିଭାଗକୁ ସ୍ମାର୍ଟ ବୋର୍ଡ଼ ଦେବା, ଶୌଚାଳୟର ରକ୍ଷଣାବେକ୍ଷଣ କରିବା, ବଂଶଧାରା ଛାତ୍ର ବାସ ସମ୍ମୁଖରେ ଅଣଛାତ୍ରମାନେ ମଦ୍ୟପାନ କରୁଥିବା ଅଭିଯୋଗକୁ ଗୁରୁତ୍ୱ ଦେଇ ତା ଉପରେ ପଦକ୍ଷେପ ନେବା, ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବିଶ୍ୱବିଦ୍ୟାଳୟର ରାସ୍ତା ଓ ବିଭାଗ ପାଇଁ ମାନଚିତ୍ର ଲଗାଇବା, ବ୍ୟାୟାମଶାଳାର ପୁନଃଉଦ୍ଧାର ପାଇଁ ପଦକ୍ଷେପ ନେବା ପ୍ରଭୃତି ଦାବି କରାଯାଇଛି। ଛାତ୍ର ନେତା ଚୈତନ୍ୟ ବାଗଙ୍କ ନେତୃତ୍ୱରେ ପ୍ରତିଭା ଜାଲ, ବିଭୁତି ମଲ୍ଲିକ, ଆଶିଷ ନାଏକ, ଆଶୁତୋଷ ପୂଜାରୀ, ମାନସ ସିନ୍ଦୂର, ପିନାକୀ ଆଚାର୍ଯ୍ୟ, ଚୈତନ୍ୟ ରଣା, ରୋହନ ମହାପାତ୍ର, ଆଦିତ୍ୟ ରାଉତ, ଆକାଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ।

## ଉତେଇ ନଦୀ ଡ୍ୟାମ୍‌ରୁ ମୃତ ଶିଶୁ ଉଦ୍ଧାର

ମ.ରାମପୁର, ୨।୮ (ସମିସ): ଉତେଇ ନଦୀ ଡ୍ୟାମ୍ ଭିତରୁ ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର ହୋଇଛି। ଡ୍ୟାମରେ ନବଜାତ ଶିଶୁର ମୃତଦେହ ଭାସୁଥିବା ନେଇ ଦୈନିକ ‘ସକାଳ’ରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ଜଳସମ୍ପଦ ବିଭାଗ ଅଧିକାରୀ ତାରାପ୍ରସାଦ ନାୟକ ମ.ରାମପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତହସିଲଦାର ମୀମାଂସା ସାହୁଙ୍କ ଉପସ୍ଥିତି ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହଯୋଗରେ ଶିଶୁଟିର ମୃତଦେହ ଉଦ୍ଧାର କରିଛି। ମ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଛି।

## କଣ୍ଟାମାଳ ଅଞ୍ଚଳରେ ସମଲପୁରୀ ଦିନ୍

ଶଗଡ଼ା, ୨।୮ (ସମିସ): ଅଗଷ୍ଟ ୧ ତାରିଖ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନକୁ ସମଗ୍ର ପଶ୍ଚିମ ଓଡ଼ିଶାରେ ସମ୍ବଲପୁରୀ ଦିନ ଭାବେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ବିଭିନ୍ନ ସ୍ଥାନରେ ଏହି ଦିବସ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ଏହି ଅବସରରେ ପଶ୍ଚିମଓଡ଼ିଶାବାସୀ ସମ୍ବଲପୁରୀ ପୋଷାକ ପିନ୍ଧିବାଠାରୁ ଆରମ୍ଭ କରି ପଶ୍ଚିମଓଡ଼ିଶାର ଲୋକପ୍ରିୟ ଖାଦ୍ୟ ଖାଇ ଏହି ଦିବସକୁ ପାଳନ କରିଛନ୍ତି। କଣ୍ଟାମାଳ ବ୍ଲକର ମନମୁଣ୍ଡା, ପଲସାଗୋରା, କଣ୍ଟାମାଳ, ଘଣ୍ଟାପଡ଼ା, ନୂଆପାଲି ଆଦି ଅନେକ ସ୍ଥାନରେ ସମ୍ବଲପୁରୀ ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। କଣ୍ଟାମାଳ ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟରେ ବିଭାଗର ସମସ୍ତ କର୍ମଚାରୀ ସମ୍ବଲପୁରୀ ପୋଷାକ ପିନ୍ଧି ସମ୍ବଲପୁରୀ ଦିନକୁ ସ୍ୱାଗତ କରିଥିଲେ।

## ମରାମତି ହେଲା ଏନ୍ଏଚ୍ ପୋଲ ଉପରର ଫାଟ

କୋକସରା, ୨।୮ (ସମିସ): କଳାହାଣ୍ଡିରୁ ନବରଙ୍ଗପୁର ଜିଲ୍ଲାକୁ ସଂଯୋଗ କରୁଥିବା ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ବଙ୍ଗୋମୁଣ୍ଡା କେନାଲ ଛକ ନିକଟସ୍ଥ ପୋଲ ଉପରେ ହୋଇଥିବା ଫାଟ ଶେଷରେ ମରାମତି ହୋଇଛି। ଏନେଇ ଦୈନିକ ‘ସକାଳ’ ରେ ଗତ ୨୯ ତାରିଖରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଏନ୍ଏଚ୍ ବିଭାଗ ତତ୍ପର ଦେଖାଇଛି। ଫଳ ସ୍ୱରୂପ ପୋଲ ଉପରେ କଂକ୍ରିଟ ଫାଟି ରଡ୍ ବାହାରିଥିବା ସ୍ଥାନରେ ବିଭାଗ ପକ୍ଷରୁ ମରାମତି କରାଯାଇଛି।

## ବୈଷୟିକ ଶିକ୍ଷା ବିଭାଗର ସମୀକ୍ଷା ବୈଠକ



ବୌଦ୍ଧ, ୨।୮ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଶିଳ୍ପ ଏବଂ ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା କରାଯାଇଛି। ଏଥିରେ ଶିଳ୍ପ ଏବଂ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ବୈଠକ ଆରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତଥା ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶିଶିର ସାହୁ, ଯୋଗେଶ୍ୱର ବିଶୋଇ, ସରକାରୀ ପଲିଟେକନିକ ଅଧ୍ୟକ୍ଷ ପ୍ରଦୀପ୍ତ ସାହୁ, ଜିଲ୍ଲା ଶିଳ୍ପ ତାଲିମ୍ କେନ୍ଦ୍ରର ଅଧ୍ୟକ୍ଷ ସୁବୋଧ ପାଣିଗ୍ରାହୀ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜୟ ଦାଶ ନିଜ ନିଜ ବିଭାଗ ବିଷୟରେ ପୁଙ୍ଖାନୁପୁଙ୍ଖ ତଥ୍ୟ ଉପସ୍ଥାପନ କରିଥିଲେ। ସମୀକ୍ଷା ବୈଠକ ପୂର୍ବରୁ ମନ୍ତ୍ରୀ ବାମଣ୍ଡାର ଗାନ୍ଧୀଗ୍ରାମ ସ୍ଥିତ କ୍ଷୁଦ୍ର, ମଧ୍ୟମ ଏବଂ ବୃହତ ଶିଳ୍ପପାର୍କ ଅନୁଧ୍ୟାନ କଲେ। ପରେ ପରେ ଆଦିତ୍ୟ ବିର୍ଲା ସୋଲାର ପ୍ଲାଣ୍ଟ ପାର୍କ ମଧ୍ୟ ପରିଦର୍ଶନ କରିଥିଲେ। ବୈଠକରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଉପ ଜିଲ୍ଲାପାଳ ବିନୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ନାରାୟଣ ପ୍ରସାଦରେ ସ୍ୱାସ୍ଥ୍ୟ ଶିବିର

ଶଗଡ଼ା, ୨।୮ (ସମିସ): କଣ୍ଟାମାଳ କେନ୍ଦୁପତ୍ର ବନାଞ୍ଚଳର ସମସ୍ତ ପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକଙ୍କ ଚିକିତ୍ସା ପାଇଁ ନାରାୟଣପ୍ରସାଦରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ କଣ୍ଟାମାଳ ରେଞ୍ଜ ଅଧୀନ ସମସ୍ତ ସମସ୍ତ ତୋଳାଳି ଓ ବନ୍ଧେଇ ଶ୍ରମିକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।



## ଦୁର୍ଘଟଣାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ବେଲପଡ଼ା, ୨।୮ (ସମିସ): ବେଲପଡ଼ା ବ୍ଲକ ଡେବ୍ରୀପାଲି ଗାଁରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ତେଲେଙ୍ଗାନାକୁ ଦାଦନ ଖଟିଯାଇଥିବା ବେଳେ ସେଠାରେ ଦୁର୍ଘଟଣାର ଶିକାର ହୋଇ ଜଣେ ଶ୍ରମିକ ମୃତ୍ୟୁ ବରଣ କରିଛନ୍ତି। ମୃତକ ବେଲପଡ଼ା ବ୍ଲକ ଡେବ୍ରିପାଲିଗାଁର ସଞ୍ଜିପ କୁମ୍ଭାର। ସେ ଗତ ମାସକ ତଳେ ତେଲେଙ୍ଗାନା ର ଏକ ଚିଙ୍ଗୁଡ଼ି କମ୍ପାନୀକୁ କାମ କାରିବାକୁ ଯାଇଥିଲେ। କୌଣସି କାମ ପାଇଁ ଅଟୋରେ ସେ ଯାଉଥିବା ବେଳେ ଟକ୍ ଧକ୍କାରେ ତାଙ୍କର ଜୀବନ ଯାଇଥିବା ପରିବାର ଲୋକ କହୁଛନ୍ତି। ଶନିବାର ଆମ୍ବୁଲାନ୍ସ ଯୋଗେ ଗାଁକୁ ଶବ ପହଞ୍ଚିବା ପରେ ସରକାରୀ ସହାୟତା ଦାବି କରି ପରିବାର ଲୋକ ବେଲପଡ଼ା କଲେଜ ଛକ ଠାରେ ମଣ୍ଡଳ ଧୁମାଭଟା ସଇଁତଳା ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ଠପ୍ ହୋଇ ପଡ଼ିଛି। ପରେ ଘଟଣାସ୍ଥଳକୁ ବେଲପଡ଼ା ତହସିଲଦାର ଅଭିଷେକ କିଷାନ, ଥାନାଅଧିକାରୀ ଅନନ୍ତ ପ୍ରଧାନ, ପହଞ୍ଚି ବୁଝାସୁଝା କରିବା ସହ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା, ୪ ଡିସିମିଲ ଜମି ଓ ପଞ୍ଚାୟତ ତରଫରୁ ହରିଚନ୍ଦ୍ର ଯୋଜନ ସହାୟତା ଦେବାକୁ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଥିଲେ। ସଞ୍ଜିପ ରୋଜଗରିଆ ପୁଅ ତାଙ୍କ ମୃତ୍ୟୁ ପରେ ଏବେ ପରିବାର ବେସାହାରା ହୋଇପଡ଼ିଛନ୍ତି।



## ସରକାରୀ ଅନୁଦାନର ବାଟ ଚାହିଁ ରହିଛି ଅର୍ଦ୍ଧନିର୍ମିତ ବସ୍‌ଷ୍ଟାଣ୍ଡ

କେସିଙ୍ଗା, ୨।୮ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ଭାବରେ ଜିଲ୍ଲାରେ ବେଶ୍ ପରିଚିତ। କେସିଙ୍ଗା ବ୍ଲକର ୨୬ଟି ପଞ୍ଚାୟତ ସମେତ ପଡୋଶୀ ବଲାଙ୍ଗୀର ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳରେ ଜନସାଧାରଣ ପ୍ରତ୍ୟେକ ଛୋଟରୁ ବଡ଼ କାମ ପାଇଁ କେସିଙ୍ଗା ଉପରେ ନିର୍ଭର କରିଥାଆନ୍ତି; କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ କେସିଙ୍ଗାରେ ବସଷ୍ଟାଣ୍ଡଟିଏ ନାହିଁ। ୨୬ ନମ୍ବର ଜାତୀୟ ରାଜପଥ କଡ଼ ରାସ୍ତାର ଭେଟରିନେରି ଛକ ପାଖରେ ଅସ୍ଥାୟୀ ବସଷ୍ଟାଣ୍ଡ ଅଛି। ରାସ୍ତା ଉପରେ ବସଷ୍ଟାଣ୍ଡ ଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଉପୁଜୁଛି। ସେପଟେ କେସିଙ୍ଗା ବଲାଙ୍ଗୀର ଛକରୁ ପ୍ରାୟ ଏକ କିଲୋମିଟର ଦୂର କୁର୍ଲୁପଡ଼ାଠାରେ ୨୦୦୬ ମସିହାରେ ବିଆରଜିଏଫ ଏବଂ ଆଇଡିଏସଏମଟି ଯୋଜନାରେ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୧ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ଏକ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତିକି ଟଙ୍କାରେ ଯେତେ କାମ ହେବାର କଥା ସେତିକି ହୋଇ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଶେଷ ହୋଇଥିଲା। ସହରଠୁ ୧ କିଲୋମିଟର ଦୂରରେ ଅବସ୍ଥିତ ସେହି ନୂତନ ବସଷ୍ଟାଣ୍ଡକୁ କୌଣସି ସରକାରୀ କିମ୍ବା ବେସରକାରୀ ବସ୍ ଗଲା ନାହିଁ। ଏଣୁ ୨୦୧୮ ରେ ଜିଲ୍ଲା ପ୍ରଶାସନର ଏକ ଆଦେଶ ପାସ୍ କରି ସମସ୍ତ ବସ୍‌କୁ ନୂତନ ବସଷ୍ଟାଣ୍ଡକୁ ଯିବା ପାଇଁ ବାଧ କରାଯାଇଥିଲା। କିଛି ଦିନ ପରେ ଆଉ ବସ୍‌ଗୁଡ଼ିକ ବସଷ୍ଟାଣ୍ଡକୁ ଗଲେ ନାହିଁ। ତେବେ ଯାତ୍ରୀଙ୍କ ସୁବିଧା ପାଇଁ ବସଷ୍ଟାଣ୍ଡରେ ଶୌଚାଳୟ ସମେତ ବ୍ୟବସାୟ ପାଇଁ ଦୋକାନ ମଧ୍ୟ ରହିଛି। ପୁଲିସ ପୋଷ୍ଟ ମଧ୍ୟ ରହିଛି; ହେଲେ ଅନୁଦାନ ଅଭାବରୁ ନା ବସ୍‌ଷ୍ଟାଣ୍ଡ ନିର୍ମାଣ ପୂର୍ଣ୍ଣ ହେଉଛି ନା ବସ୍‌ଗୁଡିକ ସେଠାକୁ ଯାଉଛି। ଅର୍ଦ୍ଧ ନିର୍ମିତ ବଡ଼ ବଡ଼ ଖମ୍ବଗୁଡ଼ିକ ବର୍ଷା ଖରା ଖାଇ ଖାଇ ଭାଙ୍ଗିବାକୁ ବସିଲାଣି। କାଁ ଭାଁ ଗୋଟେ ଦୁଇଟି ବସ୍ ରାତିରେ ରହୁଛି। ଷ୍ଟଲ ଗୁଡିକରେ ତାଲା ଝୁଲୁଛି। ଜିଲ୍ଲା ପ୍ରଶାସନ ମଧ୍ୟ ଅର୍ଦ୍ଧନିର୍ମିତ ବସଷ୍ଟାଣ୍ଡକୁ ଭୁଲି ଯାଇଛି।



## ବରିଷ୍ଠ ନାଗରିକ ସଂଘର ସ୍ୱାଧୀନତା ଦିବସ ପ୍ରସ୍ତୁତି

ସୁବଳୟା, ୨।୮ (ସମିସ): ସ୍ଥାନୀୟ କଲ୍ୟାଣ ମଣ୍ଡପରେ ସୁବଳୟା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନାରାୟଣ ପ୍ରସାଦ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନ୍ତର୍ଯ୍ୟାମୀ ରଥ, ପରମାନନ୍ଦ ମେଣ୍ଡେଲି, ଘନଶ୍ୟାମ ଦାଶ, ନନ୍ଦକିଶୋର ମିଶ୍ର, ସରପଞ୍ଚ ପ୍ରମୋଦ କୁମାର ମହାପାତ୍ର, ଗିରିଧାରୀ ମେହେର, ସୁରେନ୍ଦ୍ର ସାହୁ, ଦୀନବନ୍ଧୁ ମଲ୍ଲିକ, ଗୌରାଙ୍ଗ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ର୍‌ୟାଙ୍କିଂ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ବୌଦ୍ଧ, ୨।୮ (ସମିସ): ବୌଦ୍ଧ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ବ୍ୟାଡମିନ ର୍‌ୟାଙ୍କିଂ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ବୌଦ୍ଧ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୧୧୧ ଜଣ ପୁରୁଷ ଓ ୧୭ ଜଣ ମହିଳା ଖେଳାଳି ଭାଗ ନେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ୩ ଦିନ ଧରି ଅନୁଷ୍ଠିତ ହେବ। ଉଦଘାଟନ ଦିନରେ ୭୪ଟି ମ୍ୟାଚ ଅନୁଷ୍ଠିତ ହୋଇଥଲା। ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୁନ୍ଦର ପ୍ରକାଶ, ପରେଶ ବେହେରା, ଶିବାନନ୍ଦ ସାହୁ, ଜୁଲିୟସ ସିଜର ମହାକୁଲ, ଆଲୋକ ରଥ, ଗଣେଶ ମହାପାତ୍ର ବିବେକ କର୍ଣ୍ଣ, ସନ୍ତୋଷ ମହାନ୍ତୀ, ସାଇ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ରୋଜଗାର ଯୋଗାଇଛି କାଙ୍କଡ଼



ସିନାପାଲି, ୨।୮ (ସମିସ): ବର୍ଷା ଋତୁ ଆସିଲେ କାଙ୍କଡ଼ର ପସରା ଦେଖିବାକୁ ମିଳିଥାଏ। କାଙ୍କଡ଼ ପାଇଁ ବଜାରରେ ମଧ୍ୟ ବେଶ୍ ଚାହିଦା ରହିଥାଏ। ଏଥିପାଇଁ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିବାରେ ବେଶ୍ ସହାୟକ ହୋଇଥାଏ। ଆଦିବାସୀ ପ୍ରବଣ ସିନାପାଲି ଅଞ୍ଚଳରେ ବିଶେଷ ଭାବେ କାଙ୍କଡ଼ ମିଳିଥାଏ। ଜମି ବିଲ ହୁଡ଼ାରେ ଏହି ଲତା ସଦୃଶ୍ୟ ଗଛରେ ଫଳ ଫଳିଥାଏ। କମ ପରିଶ୍ରମରେ ଏହି କାଙ୍କଡ଼ ଚାଷ ହେଉଥିଲେ ମଧ୍ୟ ବଜାରରେ ପ୍ରଥମେ ପ୍ରଥମେ ୪୦୦ ଟଙ୍କା କିଲୋ ପ୍ରତି ଦାମ୍ ରହିଥିବା ବେଳେ ଏହା ଧୀରେ ଧୀରେ ୨୦୦ ଟଙ୍କାକୁ ଖସିଛି। ଏହି ଅଞ୍ଚଳରେ ବାହାର ଅଞ୍ଚଳର ବ୍ୟବସାୟୀ ମଧ୍ୟ ଘରକୁ ଘର ବୁଲି କାଙ୍କଡ଼ ସଂଗ୍ରହ କରିଥାନ୍ତି। ପରେ ବାହାରକୁ ପଠାଇ ଦୁଇ ପଇସା ରୋଜଗାର କରିଥାନ୍ତି। ସିନାପାଲି ଅଞ୍ଚଳର ନଙ୍ଗଲବୋର୍ଡ, ଘାଟମାଳ, କୁସୁମଯୋର, ଭରୁଆମୁଣ୍ଡା, ସିଙ୍ଗଝର, ଗୋର୍ଲା, ଗୋଡ଼ାଲ ପଞ୍ଚାୟତ ଅଞ୍ଚଳରେ ବହୁଳ ଭାବେ ଏହି କାଙ୍କଡ଼ ମିଳୁଛି। ଏବେ ପ୍ରତ୍ୟହ ସିନାପାଲି ସହର ସମେତ ବିଭିନ୍ନ ବଜାରରେ ବିକ୍ରି ହେଉଛି। ବର୍ଷା ଋତୁର ୩ ମାସ ବିକ୍ରି ହେଉଥିବା ବେଳେ ଚାଷୀ ମଧ୍ୟ ଦୁଇ ପଇସା ରୋଜଗାର କରି ନିଜର ଗୁଜୁରାଣ ମେଣ୍ଟାଇବା ସହ ଏହି କାଙ୍କଡ଼ ଏବେ ପ୍ରତ୍ୟେକ ଘରେ ସ୍ୱାଦିଷ୍ଟ ଖାଦ୍ୟ ହୋଇଛି। ଏବେ ପନିପରିବା ଦର ଆକାଶ ଛୁଆଁ। ବିଭିନ୍ନ ଅଞ୍ଚଳର ଚାଷୀଙ୍କ ନିଜ ଜମିରେ ଏହା ଉତ୍ପାଦନ ହେଉଛି। ଏଣୁ ଚାଷୀ ମନଭରି ଏହାକୁ ଖାଉଛନ୍ତି। ଏହାସହ ପରିବା କିଣିବା ଖର୍ଚ୍ଚରେ କିଛି ଆଶ୍ୱସ୍ତି ମିଳିଛି। ଏହି କାଙ୍କଡ଼ରେ ସେଭଳି ସାର ଓ କୀଟନାଶକ ଔଷଧ ଦେବାକୁ ପଡୁନି। ବେଶ ସୁସ୍ୱାଦିଷ୍ଟ ହୋଇଛି। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର। ଏବେ ସବୁଠି ଏହାର ଆଦର ରହିଛି।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଭବାନୀପାଟଣା, ୨।୮ (ସମିସ): ସ୍ଥାନୀୟ ପୁଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଟ୍ଟନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ବିଦାୟକାଳୀନ ସଭାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ୍ ପ୍ରକାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ହେମସାଗର ମହାନନ୍ଦ ଏବଂ ଭବାନୀପାଟଣା ବ୍ଲକ ଶିକ୍ଷା ଅଧିକାରୀ ଆଚାରୀ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ସବିତା ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ।

● ବାସହୀନଙ୍କୁ ମିଳିଥିବା ଘରଡିହରେ ହେଲିପ୍ୟାଡ୍ ନିର୍ମାଣ

# ରଦ୍ଦ ପଟ୍ଟା କାର୍ଯ୍ୟକ୍ଷମ, ନୂଆ ଘରଡିହ ପାଇଁ ଦାବି

ପାଟଣାଗଡ଼, ୨।୮ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଏନ୍ଏସିରେ ବସବାସ କରୁଥିବା ବାସହୀନ ପରିବାର ଙ୍କୁ ବିଜେଡି ସରକାରଙ୍କ ସମୟରେ ମିଳିଥିବା ଘରଡିହ ଉପରେ ବର୍ତ୍ତମାନର ଡବଲ ଇଞ୍ଜିନ ବିଜେପି ସରକାର ହେଲିପ୍ୟାଡ ନିର୍ମାଣକୁ ବିରୋଧ କରିବା ସହ ରଦ୍ଦପଟ୍ଟାକୁ କାର୍ଯ୍ୟକ୍ଷମ କରି ନୂତନ ଘରଡିହ ପ୍ରଦାନ ପାଇଁ ଦାବି ହୋଇଛି। ଶନିବାର ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ନେତୃତ୍ୱରେ ଭୂମିହୀନ ପରିବାର ବର୍ଗ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ବ୍ରହ୍ମପୁରା ରଥଭଟା ଠାରେ ସମସ୍ତ ପଟ୍ଟାଧାରୀ ମାନେ ଦିନ ୧୦ ଟାରେ ଏକତ୍ରିତ ହୋଇଥିଲେ। ପରେ ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ସରୋଜ କୁମାର ମେହେରଙ୍କ ନେତୃତ୍ୱରେ ସେମାନେ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ଶ୍ରୀ ମେହେର କେନ୍ଦ୍ର ଓ ରାଜ୍ୟର ବିଜେପି ଡବଲ ଇଞ୍ଜିନ ସରକାର ରାଜ୍ୟର ଗରିବ ଲୋକମାନଙ୍କୁ ପ୍ରତାରିତ କରି କେବଳ ଦେଶୀ ବିଦେଶୀ ବଡ଼ ବଡ଼ କମ୍ପାନୀଙ୍କ ସେବା କରୁଛି। ପାଟଣାଗଡ଼ ଏନ୍ଏସିରେ ଭୂମିହୀନ ପରିବାରଙ୍କୁ ତତ୍କାଳୀନ ବିଜେଡି ସରକାର ୨୦୨୨ ମସିହାରୁ ଦଖଲ ଦେଇ ୨୦୨୪ ମସିହାରେ ୬୨ରୁ ଉର୍ଦ୍ଧ୍ୱ ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ପ୍ରଦାନ କରିଥିଲେ। କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଉକ୍ତ ଭୂମିହୀନ ପରିବାରଙ୍କୁ ମିଳିଥିବା ପଟ୍ଟାକୁ ରଦ୍ଦ କରି ଏନ୍ଏସିର ବେହେରାବନ୍ଧ ପାଟଣାଗଡ଼ ଥାନା ଖାତା ନଂ ୧୨୦କୁ ଫେରାଇ ନେଇଛନ୍ତି। ଏପରିକି ଘରଡିହ ପଟ୍ଟାଧାରୀମାନେ ପୂର୍ବରୁ ମାଲଗୁଜାରୀ ମଧ୍ୟ ପୈଠ କରି ଆସୁଥିବାବେଳେ ବର୍ତ୍ତମାନ ତାଙ୍କ ପଟ୍ଟାକୁ ରଦ୍ଦ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଯେହେତୁ ପ୍ରସ୍ତାବିତ ସାଲେପାଲି ଗ୍ରାଫାଇଟ ମାଇନିଙ୍ଗ ଖଣିକୁ କେନ୍ଦ୍ର ଓ ରାଜ୍ୟ ସରକାର ମିଶି ତାମିଲନାଡୁ ରାଜ୍ୟର ଭିନାମିର ରିସୋର୍ସ ନାମକ ଏକ ଘରୋଇ କମ୍ପାନୀକୁ ଉକ୍ତ ଖଣି ନିଲାମରେ ଦେଇଛନ୍ତି। ତେଣୁ ସେମାନଙ୍କ ଓ ମନ୍ତ୍ରୀମାନଙ୍କ ଯାତାୟାତକୁ ଦୃଷ୍ଟି ରଖି ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ବାସହୀନ ପରିବାରଙ୍କୁ ମିଳିଥିବା ଘରଡିହ ଉପରେ ବର୍ତ୍ତମାନ ସେଠାରେ ହେଲିପ୍ୟାଡ ନିର୍ମାଣ କରିବାକୁ ଯାଉଛନ୍ତି। ଏନେଇ କୌଣସି ଅବଗତ କିମ୍ବା ଜନଶୁଣାଣି ହୋଇନଥିବା ବେଳେ ତହସିଲଦାର ମଧ୍ୟ ଅଜ୍ଞ ଥିବା ଏକ ଲଜ୍ୟାକର କଥା ବୋଲି ଶ୍ରୀ ମେହେର କହିଛନ୍ତି। ପରେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ମେନଫିଲ କେରକେଟା ଆନ୍ଦୋଳନସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ସାତ ଦିନ ଭିତରେ ଦାବି ପୂରଣ ନ ହେଲେ ବାସହୀନ ପରିବାରଙ୍କ ସହ ବିଜୁପରିବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି ପୂର୍ବତନ ବିଧାୟକ ଶ୍ରୀ ମେହେର ଚେତାବନୀ ଦେଇଛନ୍ତି। ଏଥିରେ ଆଇନଜୀବୀ ଇନ୍ଦୁ ଭୂଷଣ ଠାକୁର, ଜିଲ୍ଲାପରିଷଦ ସଦସ୍ୟା କସ୍ତୁରୀ ସେଠ, ଏନ୍ଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀ ମାଝୀ, ସମିତି ସଭ୍ୟ ସଂଘ ସଭାପତି ଗୋବିନ୍ଦ ମେହେର, ସୁଜିତ ମେହେର, ପ୍ରଦିପ ପୁରୋହିତ, ମନବୋଧ ବରିହା, ପ୍ରକାଶ ସିଂ, ସୁକୁମାର ବାରିକଙ୍କ ସହ ଶତାଧିକ ଭୂମିହୀନ ହିତାଧିକାରୀ ଉପସ୍ଥିତ ଥିଲେ।



## ମହାରାଜା ପ୍ରତାପ କେଶରୀ ଦେଓ ଘୁମୁରା ଏକାଡେମୀର ପ୍ରତିଷ୍ଠା ଦିବସ

# ଘୁମୁରା ଉପରେ ପାଠ୍ୟକ୍ରମର ଆବଶ୍ୟକତା ରହିଛି





ଭବାନୀପାଟଣା, ୨।୮ (ସମିସ)

ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଘୁମୁରା ସମ୍ପର୍କିତ ଏକ ପାଠ୍ୟକ୍ରମର ପ୍ରଚଳନ ଆବଶ୍ୟକ। ଘୁମୁରାର ଆକାର, ଆବଶ୍ୟକ ସରଞ୍ଜାମ ଓ ନୃତ୍ୟକଳାରେ ବ୍ୟବହୃତ ପରିପାଟି ଇତ୍ୟାଦିକୁ ନେଇ ମ୍ୟୁଜିୟମ ନିର୍ମାଣ ଅଧିକ ଗୁରୁତ୍ୱ ବହନ କରୁଛି। ବିଶ୍ୱ ଦରବାରରେ ଘୁମୁରା କଳାହାଣ୍ଡିର ସଂସ୍କୃତିକୁ ପ୍ରଦର୍ଶନ କରି ଗୌରବର ଇତିହାସ ରଚିଛି। ଘୁମୁରା କଳାହାଣ୍ଡିର ପରିଚୟ। ଯୁବପିଢି ମଧ୍ୟ ଅଧିକ ମନୋନିବେଶ କରି ବୀରବାଦ୍ୟ ଘୁମୁରା ଭଳି ଉତ୍କୃଷ୍ଟ ନୃତ୍ୟକଳାରେ ନିଜକୁ ସମର୍ପି ଦେବା ହିଁ ସବୁଠାରୁ ବଡ଼ ଆହ୍ୱାନ। ଐତିହ୍ୟ, ସାଂସ୍କୃତିକ ମୂଲ୍ୟବୋଧଭିତ୍ତିକ ନୃତ୍ୟର କଳା କୌଶଳକୁ ଆସନ୍ତା ଦିନ ପାଇଁ ସାଇତି ରଖିବାର ଉଦ୍ୟମ ଜାରି ରହୁ। ମହାବୀର ରଙ୍ଗମଞ୍ଚରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ୪୫ ତମ ମହାରାଜା ପ୍ରତାପ କେଶରୀ ଦେଓ ‘ଘୁମୁରା’ ଏକାଡେମୀର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହି ମତ ପ୍ରକାଶ ପାଇଛି। ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପୂର୍ବତନ ସଭାପତି ଜୟନ୍ତ ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ଅଜୟ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ଅଧ୍ୟାପକ ପରମେଶ୍ୱର ମୁଣ୍ଡ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ ସତ୍ୟ ନାରାୟଣ ସିଂ, ଉପ ସଭାପତି ସଞ୍ଜୟ କୁମାର, ଶୁରୁ ବାରିକ, ନାଟ୍ୟସମ୍ପାଦକ ସୁଶାନ୍ତ ସିଂ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଘୁମୁରା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଘୁମୁରା ଏକାଡେମୀ ତରଫରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଗିରିଜା ଶଙ୍କର ବାବୁ, କପିଳ ସିନ୍ଦୁର, ଯୁବ କଳାକାର ଦୀପଚନ ପୋଦ୍ଦ, ନିହାର ରଞ୍ଜନ ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନିକଟରେ ଋଷିଆର ମସ୍କୋରେ ଚମତ୍କାର କଳା ପ୍ରଦର୍ଶନ କରିଥିବା ସ୍ଥାନୀୟ ପ୍ରତିଭା ଅନୁଷ୍ଠାନର କଳାକାରମାନେ ସମ୍ବର୍ଦ୍ଧିତ ହୋଇଥିଲେ। ସହ ସମ୍ପାଦକ ସଞ୍ଜୀବ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାଟ୍ୟ ସମ୍ପାଦକ ସୁଶାନ୍ତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ହକ୍ ପାଇଁ ବିଇଓ ଅଫିସ ଘେରିଲେ ଶିକ୍ଷକ, କର୍ମଚାରୀ



**କେସିଙ୍ଗା, ୨।୮ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ସମସ୍ତ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶନିବାର ସେମାନେ ନିଜର ଶିକ୍ଷାଦାନ ସମାପ୍ତ କରି ଦିନ ୧୨ଟା ୩୦ରେ ଏକାଠି ହୋଇଥିଲେ। ଏହାପରେ ସ୍ଥାନୀୟ ବିଇଓ ଅଫିସ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରୁ ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ସୁବିଧା ପ୍ରଦାନ, ଅବସର ବୟସ ୬୨କୁ ବୃଦ୍ଧି, ଗ୍ରେଡ୍ ପେରେ ଥିବା ଅସଙ୍ଗତି ଦୂର, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଏବଂ ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ୬ଟି ନ୍ୟାସନାଲ ଇନକ୍ରୀମେଣ୍ଟ ସହିତ ବାରିଷ୍ଠତା ପ୍ରଦାନ କରି ନୂତନ ପେନସନ ପରିବର୍ତ୍ତେ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି କରିଛନ୍ତି। ଜିଲ୍ଲା ଓଷ୍ଟା ସଭାପତି ସନ୍ତୋଷ ରଥ, କେସିଙ୍ଗା ବ୍ଲକ ସଭାପତି ଅଭୟ ଦେବତା, ଉପଦେଷ୍ଟା ଭବାନୀଶଙ୍କର ମିଶ୍ର, ବ୍ଲକ ସମ୍ପାଦକ ସମୀର ବେହେରା ଓ ୭୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

ସିନାପାଲି, ୨।୮ (ସମିସ)



ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ସିନାପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଧାରଣା ଦିଆଯାଇଛି। ଶତାଧିକ ଶିକ୍ଷକ ଓ କର୍ମଚାରୀ ରାଲିରେ ଆସି ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ବ୍ଲକ ସଭାପତି ଅଶ୍ୱିନୀ କୁମାର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମନ୍ୱୟ ସମିତିର ଜିଲ୍ଲା ଆବାହକ ତଥା ଓଷ୍ଟା ଜିଲ୍ଲା ସମ୍ପାଦକ ରବୀନ୍ଦ୍ରନାଥ ଯୋଷୀ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉଭୟ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଯୋଗ୍ୟ ବିବେଚିତ ୧୯୪ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କୁ ଚାକିରି ସର୍ତ୍ତାବଳୀ ଓ ପେନସନ ପ୍ରଦାନ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟମାନଙ୍କ ସରକାରି ଘୋଷଣା, ଚୁକ୍ତି ଭିତ୍ତିକ ଶିକ୍ଷକଙ୍କ ନିୟମିତ ପୂର୍ବ ୬ ବର୍ଷ ଚାକିରି କାଳକୁ ମୂଳ ଚାକିରିରେ ଗଣନା କରିବା, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି, ୨୮୦୦ ଗ୍ରେଡ ପେରେ ଥିବା ଅସଙ୍ଗତି ଦୂରୀକରଣ ଇତ୍ୟାଦି ଦାବି ରହୁଥିବା ଜଣା ପଡ଼ିଛି। କାର୍ଯ୍ୟକ୍ରମରେ ବ୍ଲକ ସମ୍ପାଦକ ସୁବାଷ ଚନ୍ଦ୍ର ସାହୁ, ଜଗନ୍ନାଥ ସେଠୀ, ରାଜ କୁମାର ତାଣ୍ଡି, କିଶୋର ଚନ୍ଦ୍ର ଯୋଷୀ, ନବ କିଶୋର ଆଚାର୍ଯ୍ୟ, ରୁଦ୍ର ମାଧବ ସା, ଧବଳେଶ୍ୱର୍ ମେହେର, ସୁରେଶ ମହାନ୍ତି, ରମାକାନ୍ତ ମାଝୀ, ରୂପ ସିଂ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ମଦଦୋକାନ ମ୍ୟାନେଜରଙ୍କୁ ଗୁଳିମାଡ଼

**ରାଉରକେଲା, ୨।୮ (ସମିସ):** ଓଡ଼ିଶା- ଝାଡ଼ଖଣ୍ଡ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟ ସିମଡେଗା ପୁଲିସ ଜିଲ୍ଲା ଅଧୀନ ବାଉଁଶଯୋରରେ ଶନିବାର ରାତିରେ ସରକାରୀ ମଦ ଦୋକାନର ଜଣେ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରି ଫେରାର ହୋଇଯାଇଥିବା ସୂଚନା ମିଳିଛି। ସୁନ୍ଦରଗଡ଼ ଜିଲ୍ଲାର ବୀରମିତ୍ରପୁର ଥାନା ଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ସୀମାନ୍ତବର୍ତ୍ତୀ ବାଂଶଯୋର ନିକଟରେ ଥିବା ସରକାରୀ ମଦ ଦୋକାନର ମ୍ୟାନେଜର ମନୋଜ କୁମାର ମାହାନ୍ତଙ୍କ ଉପରକୁ ଏକ ରାଉଣ୍ଡ ଗୁଳିଚାଳନା କରି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ରାତି ପ୍ରାୟ ୮ଟା ବେଳେ ୪ ଜଣ ଦୁର୍ବୃତ୍ତ ୨ଟି ବାଇକରେ ଆସି ଉକ୍ତ ମଦ ଦୋକାନକୁ ଆସିଥିଲେ। ତେବେ ମଦ କିଣିବା ବାହାନାରେ ଆସି ଡକାୟତି କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ମ୍ୟାନେଜର ମନୋଜଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ଏହାପରେ ସେମାନଙ୍କ ମଧ୍ୟରୁ ଜଣେ ମନୋଜଙ୍କ ଉପରକୁ ଗୁଳି ଚାଳନା କରିଥିଲା। ଏହାପରେ ସେମାନେ ମନୋଜଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ଉଭାନ ହୋଇ ଯାଇଥିଲେ। ଗୁଳି ମନୋଜଙ୍କ ହାତରେ ବାଜିଥିବା ସୂଚନା ମିଳିଛି। ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ବୀରମିତ୍ରପୁର ଥାନା ଅଧିକାରୀ ରାମପ୍ରସାଦ ନାଗ ଓ ବାଉଁଶଯୋର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆହତ ମନୋଜଙ୍କ ଘର ସୀମଡେଗାରେ ବୋଲି ସୂଚନା ମିଳିଛି।

■ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ

# ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ

**ନୂଆପଡ଼ା, ୨।୮ (ସମିସ):** ନୂଆପଡ଼ା ସରକାରୀ ବାଳିକା ବିଦ୍ୟାଳୟରେ ସମଗ୍ର ଶିକ୍ଷା, ନୂଆପଡ଼ା ତରଫରୁ




ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ପରିଷଦ ଉପଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଷୀ, ଭାନୁ ପ୍ରତାପ ସିଂ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରେଶମ ଲାଲ ନାଏକ, ସୁଧାଂଶୁ ଶେଖର ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଷୀ, ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ସମଗ୍ର ଶିକ୍ଷା ନୂଆପଡ଼ା ହେମନ୍ତ କୁମାର ଭୋଇ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ସାହୁ ମଞ୍ଚାସୀନ ଥିଲେ। ଏହି ଉପଲକ୍ଷେ ନୂଆପଡ଼ା ଓ କୋମନା ବ୍ଲକର ୧୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ। ଏଥିରେ ହ୍ୱିଲ ଚେୟାର ୫ ଟି, ରୋଲେଟର ୧୦ଟି, ବ୍ଲାଇଣ୍ଡ କିଟ ୫ଗୋଟି, ଶିକ୍ଷଣ ସାମଗ୍ରୀ ୮ଟି, ଶ୍ରାବଣ ଯନ୍ତ୍ର ୩୦ଟି, ପ୍ରତିସରଣ ତ୍ରୁଟିଯୁକ୍ତ ପିଲାଙ୍କୁ ୬୦ଟି ଚଷମା ବଣ୍ଟନ କରାଯାଇ ଥିଲା। ଶଙ୍କର୍ଷନ ପୁରୋହି ମଞ୍ଚ ପରିଚାଳନା କରୁଥିବା ବେଳେ ନୂଆପଡ଼ା ବ୍ଲକ ସାଧନ କର୍ମୀ ଉପେନ୍ଦ୍ର ସାମଲ, କାର୍ତ୍ତିକ ବିଶ୍ୱାଳ, ସମେଶ ତ୍ରିପାଠୀ, ନୂଆପଡ଼ା ଓ କୋମନା ବ୍ଲକର ସମସ୍ତ ଆଇଇଡି ଶୁଭେନ୍ଦୁ ପାଢ଼ୀ, କିଶୋର ମହଲା, ଅବିନାଶ ମିଶ୍ର ସହଯୋଗ କରିଥିଲେ। ପରିଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଚୋରି ମାମଲା

# ୩ ନାବାଳକ ସହ ୪ ଗିରଫ

**ରାଉରକେଲା, ୨।୮ (ସମିସ):** ଏକ ଚୋରି ଘଟଣାରେ ଉଦିତନଗର ଥାନା ପୁଲିସ ୩ ନାବାଳକଙ୍କୁ ଧରିବାରେ ସକ୍ଷମ ହୋଇଛି। ଏହାସହ ଚୋରି ସାମଗ୍ରୀ କ୍ରୟ କରିବା ଅଭିଯୋଗରେ ରଘୁନାଥପାଲି ଥାନାଞ୍ଚଳର ସ୍କ୍ରାପ୍ ବ୍ୟବସାୟୀ ଅମିତ ଗୁପ୍ତା (୨୨)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଠାରୁ ୫ଟି ୱାସିଂ ମେସିନ ମଟର ଜବତ ହୋଇଛି। ଗତ କିଛି ଦିନ ପୂର୍ବେ ଉକ୍ତ ଥାନାଞ୍ଚଳର ବିଭିନ୍ନ ସ୍ଥାନରୁ ୱାସିଂ ମେସିନ ମଟର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ୩ ନାବାଳକଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଅଧିକ ପଚରା ଉଚରା ପରେ ସ୍କ୍ରାପ ବ୍ୟବସାୟୀ ଅମିତକୁ ବିକ୍ରି କରିଥିବା ଜଣାପଡ଼ିଥିଲା। ଶନିବାର ୩ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ଇନ୍ସପେକ୍ଟର ଦିଲୀପ କୁମାର ଲାକ୍ରା ସୂଚନା ଦେଇଛନ୍ତି।

# ୪ ଦିନ ହେଲା ବୃଦ୍ଧ ନିଖୋଜ

**ଲାଞ୍ଜିଗଡ଼, ୨।୮ (ସମିସ):** କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ କାଣ୍ଡାମ ଗ୍ରାମର ରଘୁ ପାତ୍ର (୬୦) ନିଖୋଜ ଅଛନ୍ତି। ୪ ଦିନ ହେଲା ସେ ଘରକୁ ନ ଫେରି ନାହାନ୍ତି। ତାଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ ପୁଲିସ ନିକଟରେ ଅଭିଯୋଗ ହୋଇଛି। ଏହାକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଗତ



୩୦ ତାରିଖ ସନ୍ଧ୍ୟା ୭ଟାରେ କୌଣସି କାରଣରୁ ସେ ନିକଟସ୍ଥ ବଣ୍ଡେଲ ଗ୍ରାମକୁ ଯାଉଛି ବୋଲି ପରିବାର ଲୋକଙ୍କୁ କହି ଘରୁ ବାହାରିଥିଲେ; କିନ୍ତୁ ସେଦିନ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଆରଦିନ ସକାଳେ ଆଖପାଖ ଗାଁରେ ଖୋଜଖୋଜି କରି ନିଜ ସମ୍ପର୍କୀୟଙ୍କୁ ବୁଝାସୁଝା କରିଥିଲେ; କିନ୍ତୁ କୌଣସି ସନ୍ଧାନ ମିଳି ନ ଥିଲା। ଏଣୁ ତାଙ୍କ ପୁଅ ମୁରଲୀ ପାତ୍ର ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀରାମ ଶବରଙ୍କ ନେତୃତ୍ୱରେ ପୁଲିସ ଟିମ୍ ଶୁକ୍ରବାର କାଣ୍ଡାମା ଗାଁକୁ ଯାଇ ତଦନ୍ତ କରିଛି। ଶନିବାର କାଣ୍ଡାମା ଗ୍ରାମର କିଛି ଲୋକଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଇଛି।

# ଆର୍‌ଏସ୍‌ପିରେ କ୍ରାୟୋଜେନିକ୍ ସଫେଇ ସିଷ୍ଟମ୍ ଓ ମେକ୍-ସିଫ୍ଟ ହଟ୍‌ବକ୍ସ କାର୍ଯ୍ୟକ୍ଷମ

**ରାଉରକେଲା, ୨।୮ (ସମିସ):** ପଣଧାରୀମାନଙ୍କୁ ଉନ୍ନତ ରକ୍ଷଣାବେକ୍ଷଣ ସମାଧାନ ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇ, ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଇଏମ-ରିପେୟାର ସପ୍ ଇଲେକ୍ଟ୍ରିକାଲ୍ (ସିଇଏମ-ଆରଏସଇ) ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ କ୍ରାୟୋଜେନିକ ସଫେଇ ସିଷ୍ଟମ୍ ଏବଂ ଏକ ଅଭିନବ ମେକ୍-ସିଫ୍ଟ ହଟ୍ ବକ୍ସ କାର୍ଯ୍ୟକ୍ଷମ କରାଯାଇଛି। ବୈଦ୍ୟୁତିକ ବିଭାଗର ସିଜିଏମ୍ ରାଜକିଶୋର ମୁଦୁଲି ଏବଂ ସିଇଏମ୍ ବିଭାଗର ଜିଏମ୍ ଇନଚାର୍ଜ ତଥା ବିଭାଗ ମୁଖ୍ୟ ପୋଲାକି ସନ୍ତୋଷ କୁମାରଙ୍କ ଉପସ୍ଥିତିରେ ନୂତନ ଉପକରଣଗୁଡ଼ିକର ପରୀକ୍ଷଣ ଏବଂ କାର୍ଯ୍ୟକ୍ଷମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ପ୍ଲାଣ୍ଟର ଅନେକ ବରିଷ୍ଠ ଅଧିକାରୀ ଏବଂ ସିଇଏମ-ଆରଏସଇ ବିଭାଗର ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। କ୍ରାୟୋଜେନିକ୍ ସଫେଇ ବ୍ୟବସ୍ଥା ମୋଟରଗୁଡ଼ିକର ସଫେଇ ପାଇଁ ଏକ ଅତ୍ୟନ୍ତ ଆଧୁନିକତର ଏବଂ ସୁରକ୍ଷିତ ପଦ୍ଧତି ଅଟେ। ଏହି ବ୍ୟବସ୍ଥା ଡ୍ରାଏ-ଆଇସ୍ ବ୍ଲାଷ୍ଟର ସହାୟତାରେ ୩-୧୫ ବାର୍ ଚାପ ପରିସରରେ କାର୍ଯ୍ୟକରିବା ସହିତ ଘଣ୍ଟାପ୍ରତି ୧୦ ରୁ ୬୫ କିଲୋଗ୍ରାମ ହାରରେ ଶୁଷ୍କ ବରଫ ପ୍ରଦାନ କରେ। କାର୍ବନ ଡାଇଅକ୍ସାଇଡର କଠିନ ରୂପ, ଡ୍ରାଏ-ଆଇସ୍ ତରଳ ଅବସ୍ଥାରେ ପ୍ରବେଶ ନକରି ସିଧାସଳଖ କଠିନ ଅବସ୍ଥାରୁ ଗ୍ୟାସୀୟ ଅବସ୍ଥାକୁ ରୂପାନ୍ତରିତ ହୁଏ ଏବଂ ଇନସୁଲେସନ ଅଖଣ୍ଡତାକୁ ବିନା ବ୍ୟାଘାତରେ ମୋଟର ୱାଇଣ୍ଡିଂଗୁଡ଼ିକୁ ସଫା କରିବାରେ ସହାୟକ ହୋଇଥାଏ। ଏହି ପ୍ରଯୁକ୍ତିବିଦ୍ୟା ମୋଟର ୱାଇଣ୍ଡିଂଗୁଡ଼ିକୁ ଏକ ଉତ୍ତପ୍ତ ବାକ୍ସରେ ରଖିବା ଆବଶ୍ୟକତାକୁ ଏଡାଇ ସେଗୁଡିକର ଇନସୁଲେସନ ପ୍ରତିରୋଧ (ଆଇଆର)କୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥାଏ ଯାହା ଫଳରେ ସାମଗ୍ରିକ ମରାମତି ସମୟ ହ୍ରାସ କରିଥାଏ। ସେହିଭଳି ନବ ପ୍ରଚଳିତ ମେକ୍-ସିଫ୍ଟ ହଟ୍ ବକ୍ସ, ଏକ ଉତ୍ତାପ-ପ୍ରତିରୋଧୀ ତାରପାଲିନ୍ ଏବଂ ଶିଳ୍ପ ହଟ୍ ବ୍ଲୋୟର ସହିତ ସଜ୍ଜିତ ହୋଇଛି ଯାହା ଦୂରବର୍ତ୍ତୀ ଅଞ୍ଚଳରେ ସ୍ଥିତ କାର୍ଯ୍ୟ ପାଇଁ ପ୍ରଭାବଶାଳୀ ଅନ-ସାଇଟ୍ ହିଟ୍ ଟ୍ରିଟମେଣ୍ଟ ସୁବିଧା ପ୍ରଦାନ କରିବା ସହିତ ସିଇଏମ-ଆରଏସଇ ବିଭାଗକୁ ମୋଟର ପରିବହନ କରିବାର ଆବଶ୍ୟକତାକୁ ଦୂରକରେ। ଏହି ଦୁଇଟି ଅତ୍ୟାଧୁନିକ ବ୍ୟବସ୍ଥାର କମିଶନିଂ ସିଇଏମ-ଆରଏସଇର ଅଭିନବ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାର ପ୍ରୟାସକୁ ଗୁରୁତ୍ୱାରୋପ କରିବା ସହିତ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଏବଂ ନିର୍ଭରଯୋଗ୍ୟତାରେ ସେଲ୍‌ଫ ୟୁନିଟଗୁଡ଼ିକ ମଧ୍ୟରେ ଏହାର ଅନନ୍ୟ ସ୍ଥିତିକୁ ସୁଦୃଢ଼ କରିଛି।



# ଭୋଟକେନ୍ଦ୍ରରେ ପୁନଃ ବ୍ୟବସ୍ଥା ଲାଗି ସର୍ବଦଳୀୟ ବୈଠକ



**ରାଉରକେଲା, ୨।୮ (ସମିସ) :** ଭୋଟ୍ କେନ୍ଦ୍ର ଗୁଡ଼ିକର ପୁନଃ ବ୍ୟବସ୍ଥା କରାଯିବା ନେଇ ଆଜି ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ଭୋଟ କେନ୍ଦ୍ର ଗୁଡ଼ିକର ପୁନଃ ବ୍ୟବସ୍ଥା କରିବାର ଉଦ୍ଦେଶ୍ୟ ହେଉଛି କୌଣସି ଭୋଟ କେନ୍ଦ୍ର ଗୁଡିକ ୧୨୦୦ ଭୋଟରରୁ ଅଧିକ ହୋଇ ନ ଥିବ, ସଂକ୍ଷିପ୍ତ, ସୁଗମ ଏବଂ ମାନକୀକରଣ ମତଦାନ କ୍ଷେତ୍ର ସୃଷ୍ଟି କରିବା, ଏଲେକ୍ଟୋରାଲ ରୋଲ ଏବଂ ଭୋଟର ପରିଚୟପତ୍ରରେ ସମାନତାକୁ ସୁନିଶ୍ଚିତ କରିବା ଆଦି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀଗୁଡିକରେ ନୂତନ ଭୋଟକେନ୍ଦ୍ର ଗୁଡ଼ିକ ସୃଷ୍ଟି କରାଯାଇଛି। ତଳସରା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨୭୭ଟି ବୁଥ୍ ଭୋଟକେନ୍ଦ୍ର ରହିଥିଲା। ସେଠାରେ ଏବେ ୨୬ଟି ନୂତନ ଭୋଟକେନ୍ଦ୍ର କରାଯାଇଛି। ସେହିଭଳି ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରେ ପୂର୍ବରୁ ୨୯୬ଟି ଭୋଟ କେନ୍ଦ୍ର ରହିଥିବାବେଳେ ବର୍ତ୍ତମାନ ୧୮ଟି କେନ୍ଦ୍ର କରାଯାଇଛି। ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ୩୦୧ଟି ଭୋଟ କେନ୍ଦ୍ର ରହିଥିଲା ଏବଂ ସେଠାରେ ଏବେ ୧୬ ଟି ନୂତନ ଭୋଟ କେନ୍ଦ୍ର କରାଯାଇଛି। ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ପୂର୍ବରୁ ୧୯୩ଟି ଭୋଟକେନ୍ଦ୍ର ଥିବାବେଳେ ବର୍ତ୍ତମାନ ୬ଟି ନୂତନ କେନ୍ଦ୍ର, ରାଉରକେଲା ନିର୍ବାଚନ ମଣ୍ଡଳୀରେ ଆଗରୁ ୧୯୭ ଭୋଟ କେନ୍ଦ୍ର ଥିଲା ଏବଂ ଏବେ ୧୨ଟି ନୂତନ କେନ୍ଦ୍ର, ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨୭୪ଟି ଭୋଟକେନ୍ଦ୍ର ଥିଲା ବେଳେ ଏବେ ୩୬ଟି ବୃଦ୍ଧି କରାଯାଇଛି। ସେହିପରି ବଣାଇ ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୩୦୯ଟି ଭୋଟ କେନ୍ଦ୍ର ଥିବା ବେଳେ ବର୍ତ୍ତମାନ ୧୬ଟି ନୂତନ ଭୋଟ କେନ୍ଦ୍ର କରାଯାଇଛି। ଜିଲ୍ଲାରେ ସମୁଦାୟ ୧୮୪୭ ଟି ଭୋଟ କେନ୍ଦ୍ର ରହିଥିଲା ବର୍ତ୍ତମାନ ୧୩୦ ଗୋଟି ନୂତନ କେନ୍ଦ୍ର ବୃଦ୍ଧି ହେବାପରେ ତାହା ୧୯୭୭ଟି ଭୋଟ କେନ୍ଦ୍ର ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ପ୍ରଧାନ, ବିଜେପି ପକ୍ଷରୁ ଭେଷଜ ରଥ, ଆମ ଆଦମୀପାର୍ଟିରୁ ରାଧା ମୋହନ ପଟେଲ, ବିଜେଡିରୁ ଜୟ ନାରାୟଣ ତ୍ରିପାଠୀ, ଆଇ ଏନ୍ ସି ରୁ ଅଜିତ ପ୍ରସାଦ ଓ ପର୍ଶୁରାମ ସରାଫ ଉପସ୍ଥିତ ରହି ନିଜ ନିଜର ମତାମତ ଦେଇଥିଲେ।

# ଲାଞ୍ଜିଗଡ଼ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି

**ଲାଞ୍ଜିଗଡ଼, ୨।୮ (ସମିସ):** ଲାଞ୍ଜିଗଡ଼ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରାଥମିକ ସ୍କୁଲଠାରୁ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସ ଦିନ ପୁରସ୍କୃତ କରାଯିବା ନିମନ୍ତେ ବୈଠକରେ ଆଲୋଚନା ହୋଇଛି। ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ମହାଆଡମ୍ବର ସହିତ ସ୍ୱାଧୀନତା ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସକାଳ ୪ଟାରେ ପ୍ରଭାତଫେରି କରାଯିବ। ସକାଳ ୮ଟାରେ ସାମୂହିକ ପତାକା ଉତ୍ତୋଳନ କରାଯିବ। ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଏହି ସାମୂହିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଡ଼ିଓ ଶଶାଙ୍କ ପାତ୍ର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ମାଁ ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଙ୍କନ ରାଏ, ବରିଷ୍ଠ ନାଗରିକ ବଳରାମ ବେହେରା, ଲାଞ୍ଜିଗଡ଼ ବ୍ଲକ କଳାକାର ସଂଘ ଉପ ସଭାପତି ହରେକୃଷ୍ଣ ଘଡେଇ, ମାଁ ହୀରନୀଳା ଡିଗ୍ରୀ ମହାବିଦ୍ୟାଳୟ ଖେଳ ଶିକ୍ଷକ ଜି. ଶ୍ରୀନିବାସ ଦାସ, କାନକୁଟ୍ରୁ ସମିତି ସଭ୍ୟ ମନୋହର ହରପାଳ, ଗୋପାଳ ଦାସ ମହାନନ୍ଦ, ବିଶ୍ୱନାଥପୁର କ୍ଲଷ୍ଟର ସଂଯୋଜକ ଦୁଃଖିଶ୍ୟାମ ବାରିକ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷୟିତ୍ରୀ ଧରିତ୍ରୀ ବିଶୋଇ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖେଳ ଶିକ୍ଷକ ଅଜୟ ପଲୋଇ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ଲାଷ୍ଟିକମୁକ୍ତ ଅଭିଯାନ ଓ ବର୍ତ୍ତନ ବ୍ୟାଙ୍କ ଶୁଭାରମ୍ଭ

ସିନାପାଲି, ୨।୮ (ସମିସ)




ବର୍ତ୍ତମାନ ଯୁଗରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପାଇଁ ପରିବେଶ ପ୍ରଦୂଷିତ ହେବା ସହ ପ୍ରାଣୀ ଜଗତ ପାଇଁ ବିପଦ ମନେ କରି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ନୂଆପଡ଼ା ଜିଲ୍ଲାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଅନେକ ସଚେତନତା ମୂଳକ ପଦକ୍ଷେପ ଆଗେଇ ନେବାରେ ଆଗଭର ହୋଇ ପଦକ୍ଷେପ ନେଇଛନ୍ତି। ପ୍ଲାଷ୍ଟିକ ବର୍ଜନ କରି ବାସନ କୁସନର ବ୍ୟବହାର କରିବା ପାଇଁ ଗୁରୁତ୍ୱ ଦେଉଛନ୍ତି। ସିନାପାଲି ପଞ୍ଚାୟତ ସମିତି ଆନୁକୂଲ୍ୟରେ ସିନାପାଲି ମହାବିଦ୍ୟାଳୟ ଠାରେ ଏକକ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ନିଷେଧ ଅଭିଯାନ, ବୃକ୍ଷ ରୋପଣ ପଦଯାତ୍ରା, ଗାଁ ସଫେଇ ସଚେତନ କାର୍ଯ୍ୟକ୍ରମ ସାଙ୍ଗକୁ ସିନାପାଲି ଜଗନ୍ନାଥ ମନ୍ଦିର ପରିସରରେ ବର୍ତ୍ତନ ବ୍ୟାଙ୍କର ଶୁଭାରମ୍ଭ କାର୍ଯ୍ୟକ୍ରମ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ଉଭୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସିନାପାଲି ବିଡିଓ କାର୍ମି ଓରାମ, ଏବିଡିଓ ସୁବ୍ରତ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି ପ୍ରମୁଖ ଯୋଗଦେଇ ଥିଲେ। ସିନାପାଲି କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ କ୍ଷେତ୍ର ମୋହନ ଦୁରିଆ ପ୍ରଦାନ କରିଥିବା ବେଳେ କଲେଜ ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଜଗନ୍ନାଥଙ୍କ ଫଟୋଚିତ୍ରରେ ପୂଜାଅର୍ଚ୍ଚନା ପରେ ଅତିଥିମାନେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ରଜନୀକାନ୍ତ ମେହେର ମାନପତ୍ର ପଠନ କରିଥିବା ବେଳେ କନକବର୍ଦ୍ଧନ ସାହୁ ସ୍ୱରଚିତ କବିତା ପଠନ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଛାତ୍ରଛାତ୍ରୀ କବିତା ପଠନ କରିଥିବା ବେଳେ ଅଧ୍ୟାପକ ହେମନାଥ ଭୋଇ ପୁରସ୍କାର ବିତରଣ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ ଶେଷରେ ଲିପିପୁଷ୍ପା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ କଲେଜ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ, ସଫେଇ ସଚେତନ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରେ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ବର୍ତ୍ତନ ବ୍ୟାଙ୍କ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦାନ କରି ବର୍ତ୍ତନ ବ୍ୟାଙ୍କର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସିନାପାଲି ଅଞ୍ଚଳ ଏକକ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ନିଷେଧ କରି ବିବାହ ତଥା ସରକାରୀ ବେସରକାରୀ ସାମାଜିକ କାର୍ଯ୍ୟକ୍ରମରେ ଷ୍ଟିଲ ସାମଗ୍ରୀ ବ୍ୟବହାର କରିବା ନେଇ ସଚେତନ ତଥା ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧିକାରୀ ପୁଣରିକାକ୍ଷ ହୋତା, ପିଇଓ ସୁଶାନ୍ତ ବେହେରା, ସିଡିପିଓ ଉର୍ମିଳା ମହାପାତ୍ର, ସରପଞ୍ଚ ସୁନିତା ମେହେରଙ୍କ ସହ ବୁଦ୍ଧିଜୀବୀ, ଭଦ୍ରବ୍ୟକ୍ତି, ଅଙ୍ଗନୱାଡି କର୍ମୀ ଓ ଏସଏଚ୍‌ଜି ମହିଳା ଉପସ୍ଥିତ ଥିଲେ।

# ଭରୁଆମୁଣ୍ଡା ହାଇସ୍କୁଲରେ 'ମାଁ ପାଇଁ ଗଛଟିଏ' କାର୍ଯ୍ୟକ୍ରମ




**ସିନାପାଲି, ୨।୮ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଭରୁଆମୁଣ୍ଡା ପଞ୍ଚାୟତ ହାଇସ୍କୁଲ ଓ ସିନାପାଲି ବନବିଭାଗର ମିଳିତ ଆନୁକୂଲ୍ୟରେ 'ମାଁ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭା କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଶ୍ରୀନିବାସ ପାତ୍ର ସଭାପତିତ୍ୱ କରିଥିଲା ବେଳେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବରେ ସିନାପାଲି ବନାଞ୍ଚଳ ଅଧିକାରୀ କାମେଶ୍ୱର ତାଣ୍ଡି, ଭରୁଆମୁଣ୍ଡା ଫରେଷ୍ଟର ପୂର୍ଣ୍ଣ ଚନ୍ଦ୍ର ନାଏକ, ସେକ୍ସନ ଅଫିସର ଚୁଡ଼ାନାଥ ସରାଫ, ଜିଲ୍ଲା ଇକକୋ କ୍ଲବ୍ ନୋଡାଲ ଅଫିସର କୃଷ୍ଣ ଚନ୍ଦ୍ର ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ରମେଶ ଦୁବେ ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରି ମଞ୍ଚ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ଜୀବ ଜଗତର ଅସ୍ତିତ୍ୱ ନାହିଁ। ବୃକ୍ଷ ଲଗାଇବା, ଜୀବନ ବଞ୍ଚାଇବା ବୋଲି ଅତିଥି ମତପ୍ରକାଶ କରିବା ସହ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତା କାର୍ଯ୍ୟକ୍ରମର କୃତୀ ଛାତ୍ରଛତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ଛାତ୍ରଛତ୍ରୀମାନଙ୍କ ସହ ମିଳିତ ଭାବେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ବନବିଭାଗର ସମସ୍ତ ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ।

### ମାଲିରେ ହିଞ୍ଜିଳି ଯୁବକଙ୍କୁ ଅପହରଣ ଘଟଣା

# ଅପହୃତ ଭେଙ୍କଟରମଣ ନିରାପଦ; ଶୀଘ୍ର ମୁକ୍ତି ପାଇଁ ପ୍ରୟାସ



ବ୍ରହ୍ମପୁର, ୨।୮(ସମିସ): ଜୁନ୍ ୩୦ ତାରିଖରେ ପଶ୍ଚିମ-ଆଫ୍ରିକା ମହାଦେଶର ମାଲି'ରେ ଆତଙ୍କବାଦୀ ୩ ଭାରତୀୟଙ୍କୁ ଅପହରଣ କରିଥିଲେ। ଏଥିରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ପି. ନାର୍ସାମାଙ୍କ ପୁଅ ପି. ଭେଙ୍କଟରମଣ (୨୮) ରହିଥିଲେ। ୧ ତାରିଖରେ ଏମାନେ ଅପହରଣ ହୋଇଥିବା ବେଳେ ପରିବାରବର୍ଗ ୩ ତାରିଖରେ ଜାଣିଥିଲେ। ପରେ ଘଟଣା ନେଇ ଅପହୃତଙ୍କ ମା' ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାକୁ ୧ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଏବେ ମାଲି ସରକାରଙ୍କ ପକ୍ଷରୁ ଏକ ଆଶ୍ୱସ୍ତିକର ଖବର ଆସିଛି। ଭେଙ୍କଟରମଣ ନିରାପଦ ଅଛନ୍ତି ଏବଂ ତାଙ୍କୁ ଉଦ୍ଧାର ପାଇଁ ପ୍ରୟାସ କରାଯାଉଛି ବୋଲି ମାଲି ସରକାରଙ୍କ ବୈଦେଶିକ ବିଭାଗ ପକ୍ଷରୁ ଭାରତ ସରକାରଙ୍କୁ ଏକ ମେଲ୍ ଯୋଗେ ଜଣାଇ ଦିଆଯାଇଛି। ଏ ସଂପର୍କରେ ଭେଙ୍କେଟରମଣଙ୍କ ବ୍ବାଇଁ ବବୁଲୁ ସୂଚନା ଦେଇଛନ୍ତି। ମେଲରେ କୁହାଯାଇଛି ଯେ, ଭାରତୀୟ ନାଗରିକଙ୍କୁ ଖୋଜିବା ଏବଂ ସେମାନଙ୍କୁ ମୁକ୍ତ କରିବା ପାଇଁ ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଜାରି କରାଯାଇଛି। ସମସ୍ତ ୩ଜଣ ଭାରତୀୟ ନାଗରିକ ଜୀବିତ ଅଛନ୍ତି। ସେମାନଙ୍କର ନିରାପଦ ଏବଂ ଶୀଘ୍ର ମୁକ୍ତି ପାଇଁ ପ୍ରୟାସ ଜାରି ରହିଛି। ଅପହୃତ ଭେଙ୍କଟରମଣ ଗତ ନଭେମ୍ବରରେ ଏକ ଘରୋଇ କମ୍ପାନୀ ପକ୍ଷରୁ ପଶ୍ଚିମ-ଆଫ୍ରିକା ମହାଦେଶର ମାଲି ଦେଶର ଏକ ଘରୋଇ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିଲେ। ଗତ ୩୦ରେ ଭେଙ୍କଟରମଣଙ୍କୁ ସେଠାକାର ପୁଲିସ ଗିରଫ କରିଥିବା ନେଇ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ଜଣାଯାଇଥିଲା। ପରିବାର ସଦସ୍ୟ ସଂପୃକ୍ତ ଫୋନ୍ କଲ୍ ପାଇବା ପରେ ଘଟଣାକୁ ସହଜରେ ଗ୍ରହଣ କରିପାରିନଥିଲେ। ପରବର୍ତ୍ତୀ ସମୟରେ ଆତଙ୍କବାଦୀମାନେ ସଂପୃକ୍ତ ସିମେଣ୍ଟ କାରଖାନାରେ ଆକ୍ରମଣ କରି ୩ ଭାରତୀୟଙ୍କୁ ଅପହରଣ କରି ନେଇଥିବା ନେଇ ସାମାଜିକ ଗଣମାଧ୍ୟମରୁ ଦେଖିବାକୁ ପାଇଥିଲେ ପରିବାର।

**ଇ-ମେଲ୍‌ରେ ସୂଚନା ଦେଲେ ମାଲି ସରକାର**

## ଅଣ୍ଡା ଖାଉ ନଥିବା ଛାତ୍ରଛାତ୍ରୀଙ୍କୁ ମିଳିବ ଫଳ

ଭୁବନେଶ୍ୱର, ୨।୮ (ସମିସ): ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଉ ନଥିବା ପିଲାଙ୍କୁ ମିଳିବ ଫଳ। ଯେଉଁଦିନ ଅଣ୍ଡା ଦିଆଯାଉଛି, ସେଦିନ ସେମାନଙ୍କୁ ଭଳିକି ଭଳି ଫଳ ଯୋଗାଇ ଦିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଫଳ ପ୍ରଦାନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ପିଏମ୍ ପୋଷଣ ରାଜ୍ୟ ନୋଡାଲ୍ ଅଫିସର୍। କୁ-ପୋଷଣରୁ ଛାତ୍ରଛାତ୍ରୀଙ୍କୁ ଦୂରେଇବା ସହ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନର ପରିକଳ୍ପନା କରାଯାଇଛି। ସମସ୍ତ ଦିନ ପାଇଁ ଭିନ୍ନଭିନ୍ନ ଖାଦ୍ୟ ସାରଣୀ ରହିଛି। ତନ୍ମଧ୍ୟରେ ସପ୍ତାହକୁ ୩ଦିନ ଅର୍ଥାତ୍ ସୋମବାର, ବୁଧବାର ଓ ଶୁକ୍ରବାର ଅଣ୍ଡା ଦେବାର ପ୍ରାବଧାନ ରହିଛି। ଆମିଷ ଖାଉନଥିବା ପିଲାଙ୍କୁ କଦଳୀ, ଆମ୍ବ, ସେଓ ଏବଂ ଉପଲବ୍ଧ ହେଉଥିବା ଅନ୍ୟାନ୍ୟ ଫଳ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ପିଟିପିଟି ହତ୍ୟା!



ବ୍ୟାସନଗର,୨।୮(ସମିସ): ବ୍ୟାସନଗର ସହରର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ନିକଟସ୍ଥ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଫକୀରପୁର ଅଞ୍ଚଳର ସୁଦାମ ମଲିକଙ୍କ ପୁଅ ଜୀବନ କୁମାର ମଲିକ (୨୫)। ତେବେ ଏନେଇ ଉକ୍ତ ନିଶା ନିବାରଣ କେନ୍ଦ୍ର ନାମରେ ମୃତ ଜୀବନଙ୍କ ବାପା ତାଙ୍କ ପୁଅକୁ ହତ୍ୟା କରିଥିବା ନେଇ ଯାଜପୁର ରୋଡ୍ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ସାଙ୍ଗମାନଙ୍କ କଥାରେ ପଡ଼ି ନିଶାଗ୍ରସ୍ତ ରହୁଥିବା ପୁଅକୁ ଭଲବାଟକୁ ଆଣିବାକୁ ପରିବାରଲୋକେ ଗତ ସପ୍ତାହରେ ଯାଜପୁର ରୋଡ୍‌ଠାରେ ରହିଥିବା ଏହି ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ପୁଅ ଖୁବ୍‌ଶୀଘ୍ର ଭଲ ହୋଇଯିବ ବୋଲି ନିଶା ନିବାରଣ କେନ୍ଦ୍ରର ମାଲିକ କୋରେଇ ବ୍ଲକ ଶଙ୍ଖଚିଲା ଅଞ୍ଚଳର ମୂଳ ବାସିନ୍ଦା ତଥା ସ୍ଥାନୀୟ ସାହୁ ମାର୍କେଟ ଉପେନ୍ଦ୍ର ସାହୁଙ୍କ ପୁତ୍ର ବିକାଶ ସାହୁ ତାଙ୍କୁ ପ୍ରତିଶ୍ରୁତି ଦେବା ସହିତ ଏନେଇ ମାସକୁ ୯ ହଜାର ଟଙ୍କା ହିସାବରେ ୪ ମାସ ନିମନ୍ତେ ୩୬ ହଜାର ଟଙ୍କା ଅଗ୍ରୀମ ନେଇଥିଲେ। ତେବେ ଶୁକ୍ରବାର ରାତିରେ ଜୀବନ ଖାଇ ପିଇ ଶୋଇଥିବା ବେଳେ ଶନିବାର ସକାଳୁ ଆଉ ଉଠିନଥିଲେ। ତେବେ ତୁରନ୍ତ ମାଲିକ ବିକାଶ ଜୀବନଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସକାଳ ୧୦ଟାରେ ଡାକ୍ତର ବିରଞ୍ଚି ନାରାୟଣ ମହାପାତ୍ର ତାଙ୍କୁ ଗ୍ରହଣ କରିବା ସମୟରେ ମୃତ ବୋଲି ଘୋଷଣା କରିବା ସହ ଏନେଇ ଯାଜପୁର ରୋଡ ଥାନାକୁ ସୂଚନା ଦେଇଥିଲେ। ତେବେ ସେଠାରେ ମୃତ ଜୀବନଙ୍କ ଦେହରେ କ୍ଷତ ଚିହ୍ନଥିବା ଦେଖିବାକୁ ମିଳିଥିଲା। ପରେ ପୁଲିସ ଯାଜପୁର ରୋଡ ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରଲୋକଙ୍କୁ ଘଟଣା ସମ୍ପର୍କରେ ଖବର ଦେଇଥିଲା।

ପୁଅର ଏଭଳି ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନଥିବା ବେଳେ ମୃତ ଜୀବନଙ୍କ ଦେହରେ କ୍ଷତ ଚିହ୍ନ ଦେଖି ନିଶା ନିବାରଣ କେନ୍ଦ୍ର ମାଲିକଙ୍କ ନାମରେ ଯାଜପୁର ରୋଡ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଯାଜପୁର ରୋଡ ଆଦର୍ଶ ଥାନା ପୁଲିସ ଅଭିଯୋଗ ଆଧାରରେ ୪୫୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ସାଇଣ୍ଟିଫିକ ଟିମର ସହାୟତା ଲୋଡ଼ିଛନ୍ତି। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ନିଶା ନିବାରଣ କେନ୍ଦ୍ର ଭଳି ଆଉ ୪ ଗୋଟି ନିଶା ନିବାରଣ କେନ୍ଦ୍ର ଯାଜପୁରରୋଡ୍‌ରେ ଚାଲୁଛି। ତେବେ ଏହି କେନ୍ଦ୍ର ଚଳାଇବା ପାଇଁ କିଏ ଅନୁମତି ଦେଉଛି ଏବଂ ଏନେଇ ସରକାରୀ ଭାବେ କିଛି ତଦନ୍ତ ହେଉଛି କି ନାହିଁ ତାକୁ ନେଇ ଏବେ ବଡ ପ୍ରଶ୍ନ ଛିଡା ହୋଇଛି। ସେହିପରି ସୂଚନା ଅନୁସାରେ ଏହି ନିଶା ନିବାରଣ କେନ୍ଦ୍ର ଚଳାଇବା ପାଇଁ କେନ୍ଦ୍ର ଗୁଡିକ ସରକାରୀ ଭାବେ ସହାୟତା ରାଶି ପ୍ରଦାନ କରାଯାଉଛି। ତେବେ କେଉଁ ଆଧାରରେ ଏହି କେନ୍ଦ୍ର ୩୬ ହଜାର ଟଙ୍କା ଗ୍ରହଣ କରିଛନ୍ତି ତାହା ତଦନ୍ତସାପେକ୍ଷ। ଅନ୍ୟପକ୍ଷରେ ଏହି ନିଶା ନିବାରଣ କେନ୍ଦ୍ରଗୁଡିକ ଜିଲ୍ଲା ପ୍ରଶାସନ ଅନୁମତି ଦେଇଥାନ୍ତି। ତେବେ

ମୃତ ଜୀବନ ରହୁଥିବା ନିଶା ନିବାରଣ କେନ୍ଦ୍ର ନାମରେ ପୂର୍ବରୁ ଅନ୍ତେବାସୀଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦିଆଯାଉଥିବା ନେଇ ଅନେକବାର ଅଭିଯୋଗ ହୋଇଛି। କିନ୍ତୁ ଏନେଇ ଯାଜପୁର ଜିଲ୍ଲା ପ୍ରଶାସନ କାହିଁକି ତଦନ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି ତାକୁ ନେଇ ବଡ ପ୍ରଶ୍ନ ଛିଡ଼ା ହୋଇଛି। ତେବେ ଏନେଇ ଅଧିକ ପ୍ରତିକ୍ରିୟା ନିମନ୍ତେ ସମ୍ପୃକ୍ତ ନିଶା ନିବାରଣ କେନ୍ଦ୍ର ମାଲିକଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା

## ଆସନ୍ତା ଓଟିଇଟି ପରୀକ୍ଷା ସୁପରିଚାଳନାକୁ ନେଇ ପ୍ରଶ୍ନବାଚୀ

କଟକ,୨।୮(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ଆଜି କ୍ରାଇମବ୍ରାଞ୍ଚ ଟିମ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ଜେରା କରିଛି। ନୋଟିସ ପରେ ଶ୍ରୀ ମହାନ୍ତି କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଶ୍ରୀ ମହାନ୍ତିଙ୍କୁ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ୩ଘଣ୍ଟା ଧରି ମାରାଥନ ଜେରା କରିଛନ୍ତି। କିଭଳି ଓ କେଉଁ ସ୍ଥିତିରେ ଓଟିଇଟି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ବୋର୍ଡ ଉପ-ସଭାପତିଙ୍କ ଲାପଟପକୁ ଆସିଲା ଓ ଡାଟା ଏଣ୍ଟ୍ରି ଅପରେଟର୍‌ଜଣଙ୍କ କାହିଁକି ଏହି ଲାପଟପ ବ୍ୟବହାର କରି ପେନଡ୍ରାଇଭ ଜରିଆରେ ପ୍ରଶ୍ନପତ୍ର ନେଇଗଲେ, ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ତୁହାକୁ ତୁହା ଜେରା କରାଯାଇଥିଲା। ସେହିଭଳି ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଛାପା ସଂସ୍ଥା ଠାରୁ ହ୍ୱାଟସଆପ୍ କି ଇ-ମେଲରେ ପ୍ରଶ୍ନପତ୍ର କପି ଆସିଥିଲା, ତାହାକୁ ନେଇ କ୍ରାଇମବ୍ରାଞ୍ଚ ତନାଘନା କରିଛି। ଏପରିକି ପ୍ରଶ୍ନପତ୍ର ଛାପା ସଂସ୍ଥା ସହ ବୋର୍ଡର କେଉଁ କର୍ମକର୍ତ୍ତାଙ୍କ କି ସମ୍ପର୍କ ରହିଛି, ତାହା ମଧ୍ୟ ତଦନ୍ତ ପରିସରକୁ ଆସିଥିବା କହିଛନ୍ତି କ୍ରାଇମବ୍ରାଞ୍ଚର ଜନୈକ ଅଧିକାରୀ। ବୋର୍ଡ ଉପ ସଭାପତିଙ୍କ ସମେତ ଉତ୍ତରଦାୟୀ ଅନ୍ୟ କର୍ମକର୍ତ୍ତାମାନେ ସେମାନଙ୍କ ପଦ ନ ଛାଡିଲେ ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ଶିକ୍ଷାବିତ ମହଲରେ ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଆସନ୍ତା ଅଗଷ୍ଟ ୩୧ରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ସୁପରିଚାଳନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ବୋର୍ଡ ଉପ ସଭାପତିଙ୍କୁ କ୍ରାଇମବ୍ରାଞ୍ଚର ଜେରା, ଜେରକ୍ସ ଦୋକାନୀଙ୍କ ବୟାନ ରେକର୍ଡ**

ପ୍ରଶ୍ନପତ୍ର ଲିକ ଘଟଣାରେ ସନ୍ଦେହ ଘେରକୁ ଆସିଥିବା ବୋର୍ଡ କର୍ମକର୍ତ୍ତା, ଅଧିକାରୀ ଓ ଅନ୍ୟ କର୍ମଚାରୀମାନଙ୍କର ଅଗଷ୍ଟ ୩୧ରେ ହେବାକୁ ଥିବା ଏହି ପରୀକ୍ଷା ପରିଚାଳନାରେ ଭୂମିକା ରହିବ ନା ସେମାନଙ୍କୁ ଏହି ଦାୟିତ୍ୱରୁ ଅପସାରଣ କରାଯିବ, ତାହା ବର୍ତ୍ତମାନ ସୁଦ୍ଧା ବୋର୍ଡ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଅନ୍ୟପଟରେ ବୋର୍ଡ ଉପସଭାପତିଙ୍କ ଆଉ ଜଣେ ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ବି ଆଜି ଜେରା କରାଯିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ କ୍ରାଇମବ୍ରାଞ୍ଚ ସଂଗ୍ରହ କରିଛି। ବୋର୍ଡ ଉପସଭାପତି ଶ୍ରୀ ମହାନ୍ତି କହିଛନ୍ତି ଯେ କ୍ରାଇମବ୍ରାଞ୍ଚକୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରୁଛି। ଯେହେତୁ ତଦନ୍ତ ଜାରି ରହିଛି, ଏ ସମ୍ପର୍କରେ ଅଧିକ କିଛି କହିବାକୁ ସେ ମନା କରିଛନ୍ତି। କୋରାପୁଟ ଜୟପୁରର ଶିବା ନାମକ ଜେରକ୍ସ ଦୋକାନରେ ପ୍ରଶ୍ନପତ୍ରର ଫଟୋକପି ବାହାର କରାଯାଇଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ଆଜି ଉକ୍ତ ଦୋକାନ ମାଲିକଙ୍କ ବୟାନକୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ ରେକର୍ଡ କରାଯାଇଛି। କୋରାପୁଟ ସମେତ କେତେକ ଜିଲ୍ଲାରେ ଓଟିଇଟି ଆଶାୟୀ ପରୀକ୍ଷାର୍ଥୀ ମାନେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପାଇବା ପାଇଁ ୫ରୁ ୧୦ହଜାର ଟଙ୍କା ଯାଏଁ ଦେଇଥିବା ଅଭିଯୋଗ ଉଠିଲାଣି।

## ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରସଙ୍ଗରେ ଛାତ୍ର ଓ ଯୁବ ବିଜେଡିର ହାଲ୍ଲାବୋଲ

ଭୁବନେଶ୍ୱର, ୨।୮(ସମିସ): ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଓ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଦ୍ୱିତୀୟ ଦିନରେ ପହଞ୍ଚିଛି ଆନ୍ଦୋଳନ। ଅଗଷ୍ଟ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନର ଦ୍ୱିତୀୟ ଦିନରେ ଆଜି ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ଭୁବନେଶ୍ୱର ଡିସିପି ଅଫିସ୍ ପର୍ଯ୍ୟନ୍ତ ଯାଇଥିଲେ। ପରେ ସେଠାରେ ପ୍ରତିବାଦ କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି କଟକ ଶୈଳବାଳା ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ଲାଲବାଗ ଥାନାରେ ଓ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ବିଡ଼ାନାସୀ ଥାନାରେ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

## ବିଶ୍ୱ ବାଣିଜ୍ୟ

### ଟ୍ରମ୍ପଙ୍କ ଟିପ୍ପଣୀ

# ରୁଷଠୁ ତେଲ କିଣିବା ବନ୍ଦ କରିଛି ଭାରତ

ୱାଶିଂଟନ, ୨।୮ (ଏଜେନ୍ସି): ଭାରତ ଅଧିକ ଦିନ ପର୍ଯ୍ୟନ୍ତ ରୁଷାରୁ ତୈଳ କିଣିବ ନାହିଁ। ଏ ନେଇ ଖବର ପ୍ରକାଶ ପାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ତେବେ ଏହା କେତେ ସତ ତାହାର ସୂଚନା ନାହିଁ। ଯଦି ଏହା ସତ ହୋଇଥାଏ ତେବେ ଭଲ କଥା। ଆଗକୁ କ'ଣ ହେବ ଦେଖାଯିବ ବୋଲି ଟ୍ରମ୍ପ କହିଛନ୍ତି। ତେବେ ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏଭଳି ରିପୋର୍ଟକୁ ଖଣ୍ଡନ କରି ଦିଆଯାଇଛି। ଭାରତ ଜାତୀୟ ସ୍ୱାର୍ଥ ଏବଂ ବଜାର କ୍ଷମତାକୁ ଦେଖି ଶକ୍ତି ତୈଳ କିଣା ଯାଉଛି ବୋଲି କୁହାଯାଇଛି। ଏହା ପୂର୍ବରୁ ରଏଟର୍ସରେ ଏକ ରିପୋର୍ଟ ପ୍ରକାଶ ପାଇଥିଲେ। ଏଥିରେ ଆମେରିକା ଚାପ ଏବଂ ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତ ରୁଷାରୁ ତୈଳ କିଣିବା ପ୍ରାୟ ବନ୍ଦ କରିଦେଇଛି ବୋଲି କୁହାଯାଇଥିଲା। ପରେ ଶୁକ୍ରବାର ସନ୍ଧ୍ୟାରେ ଭାରତର ବିଦେଶ ମନ୍ତ୍ରାଳୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ତେବେ ଏହି ଦାବି କେତେ ସତ ତାହା ସ୍ପଷ୍ଟ କରାଯାଇ ନ ଥିଲା। ଅନ୍ୟପଟେ ରଏଟର୍ସର ଦାବିକୁ ଏଏନଆଇ ପକ୍ଷରୁ ଖଣ୍ଡନ କରାଯାଇଛି। ଭାରତୀୟ କମ୍ପାନୀ ଏବେ ବି ରୁଷାରୁ ତୈଳ କିଣିବା ଜାରି ରଖିଛନ୍ତି ବୋଲି କୁହାଯାଇଛି।



ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଥିଲେ ଯେ ତୈଳ ଏବଂ ଗ୍ୟାସ ଭଳି ଶକ୍ତି ଆବଶ୍ୟକତାକୁ ନେଇ ଭାରତର ସ୍ପଷ୍ଟ ଆଭିମୁଖ୍ୟ ରଖିଛି। ବିଶ୍ୱର ସ୍ଥିତି, ତୈଳ ମୂଲ୍ୟ, ତୈଳ ଭଣ୍ଡାର କ୍ଷମତା ଏବଂ ବଜାରକୁ ଦୃଷ୍ଟିରେ ରଖି ଭାରତ ପକ୍ଷରୁ ନିଷ୍ପତ୍ତି ନିଆଯାଉଛି। ଗତ ୩୦ ତାରିଖରେ ରଏଟର୍ସ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଥିଲା ଯେ ଇଣ୍ଡିଆନ ଅଏଲ କର୍ପୋରେସନ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଏବଂ ଭାରତ ପେଟ୍ରୋଲିୟମ ଭଳି ସରକାରୀ କମ୍ପାନୀ ରୁଷାରୁ ତୈଳ କିଣିବା ବନ୍ଦ କରିଦେଇଛନ୍ତି। କାରଣ ରିଆତି କମ୍ ହେଉଛି ଏବଂ ତୈଳ ଆଣିବାରେ ସମସ୍ୟା ସୃଷ୍ଟି ହେଉଛି। ଗତ ସପ୍ତାହେ ହେଲା ରୁଷ୍ରୁ ଅଶୋଧିତ ତୈଳ ମଗା ଯାଇନାହିଁ। ଭାରତୀୟ ରିଫାଇନାରୀ ଗୁଡିକ ବହୁତ କମ୍ ତୈଳ କିଣୁଛନ୍ତି। କାରଣ ରୁଷ୍ ଦେଉଥିବା ରିଆତି ୨୦୨୨ ପରଠାରୁ ସବୁଠୁ କମ୍ ହୋଇଯାଇଛି।

**ରିପୋର୍ଟକୁ ଖଣ୍ଡନ କଲା ଭାରତ**

ଏବେ ରିଫାଇନାରୀଗୁଡିକ ଭୟ କରୁଛନ୍ତି। ରୁଷ୍ ଉପରେ ଲାଗିଥିବା କଟକଣା ଦ୍ୱାରା ବ୍ୟବସାୟ କରିବା କଠିନ ହେବ ଆଶା କରୁଛନ୍ତି। ୟୁରୋପୀୟ ସଂଘ ଗତ ୧୮ ତାରିଖରେ ରୁଷ୍ ଉପରେ ନୂଆ କଟକଣା ଲଗାଇ ଥିଲା। ଏଥିରେ ରୁଷ୍ର ତୈଳ, ଶକ୍ତି ଉଦ୍ୟୋଗକୁ ଅଧିକ କ୍ଷତି କରିବାକୁ ପଦକ୍ଷେପ ନିଆଯାଇଛି। ରୁଷ୍ ତୈଳ ମୂଲ୍ୟକୁ ବଜାର ଦରଠାରୁ ୧୫ ପ୍ରତିଶତ କମ୍ ରଖିବାକୁ ୟୁରୋପୀୟ ସଂଘ ପ୍ରୟାସ କରୁଛି।


ରିପୋର୍ଟ ଅନୁଯାୟୀ ଏବେ ବି ଅନେକ ରୁଷ୍ ତୈଳ ଟ୍ୟାଙ୍କର ଅଶୋଧିତ ତୈଳ ଧରି ଭାରତର ପଶ୍ଚିମ ଉପକୂଳରେ ରହିଛି। ଗୁଜରାଟର ସିକା ବନ୍ଦରରେ କିଛି ଟ୍ୟାଙ୍କର ରହିଛି। ରୁଷୀୟ ତୈଳର ଭାରତୀୟ କ୍ରୟ ବୃଦ୍ଧି, ସମ୍ଭାବ୍ୟ କଟକଣା ଏବଂ କାଗଜପତ୍ର ଜନିତ ସମସ୍ୟା ଲାଗି ଏଗୁଡିକ ଅଟକି ରହିଛନ୍ତି। ଆଚିଲେସ୍ ଏବଂ ଡେଷ୍ଟାନ ଭଳି କିଛି ଟ୍ୟାଙ୍କର କଟକଣା ଅଧିନରେ ରହିଛନ୍ତି। ଭାରତୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ ରୁଷ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅଶୋଧିତ ତୈଳ ଉତ୍ପାଦକ ଏବଂ ରପ୍ତାନୀକାରୀ ରାଷ୍ଟ୍ର। ଏହି ଦେଶ ଦିନକୁ ୯.୫ ନିୟୁତ ବ୍ୟାରେଲ ତୈଳ ବାହାର କରୁଛି। ଏହା ବିଶ୍ୱର ଚାହିଦାର ପ୍ରାୟ ୧୦ ପ୍ରତିଶତ। ଭାରତ ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଉପଭୋକ୍ତା। ଦେଶ ନିଜ ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ତୈଳ ଆମଦାନୀ କରୁଛି। ଏଭଳି ସ୍ଥିତିରେ ଅନ୍ତର୍ଜାତୀୟ ନିୟମ ପାଳନ କରି ରଣନୈତିକ ଭାବରେ ଶକ୍ତିର ଉତ୍ସ ଧାର୍ଯ୍ୟ କରିଥାଏ। ଶସ୍ତା ଏବଂ ଭରସାଯୋଗ୍ୟ ଯୋଗାଣ ପାଇଁ ଏହି ପଦକ୍ଷେପ ନିଆ ଯାଇଥାଏ। ରୁଷ୍ ତେଲ କିଣିବା ଉପରେ କୌଣସି କଟକଣା ନାହିଁ। ତେବେ ଜି-୭ ଦେଶ ଏବଂ ୟୁରୋପୀୟ ସଂଘ ଏଥିପାଇଁ କିଛଇ ସୀମା ଧାର୍ଯ୍ୟ କରିଛି। ଭାରତ ସବୁବେଳେ ଏହି ନିୟମକୁ ପାଳନ କରୁଛି।

### କଟାକ୍ଷ କଲେ ବାଂଲାଦେଶ ପ୍ରଧାନମନ୍ତ୍ରୀ

## ଟ୍ରମ୍ପଙ୍କ ସହ ବାଣିଜ୍ୟ ଚୁକ୍ତି କରିବାରେ ଭାରତ ବିଫଳ

ଢାକା, ୨।୮ (ଏଜେନ୍ସି): ଏ ପର୍ଯ୍ୟନ୍ତ ଆମେରିକା ସହ ଭାରତ ବାଣିଜ୍ୟ ଚୁକ୍ତି କରିପାରି ନାହିଁ। ଏହାକୁ ନେଇ ବାଂଲାଦେଶର କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଭାରତକୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ସହ ବାଣିଜ୍ୟ ଚୁକ୍ତି କରିବାରେ ଭାରତ ବିଫଳ ହୋଇଥିବାବେଳେ ବାଂଲାଦେଶ କରି ଦେଖାଇଛି। ଚୁକ୍ତି ନ ହେବା ଯୋଗୁଁ ଭାରତକୁ ଏବେ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡ଼ିବ। ଏହା ବାଂଲାଦେଶ ତୁଳନାରେ ଅଧିକ। ଢାକା ଉପରେ ଆମେରିକା ୨୦ ପ୍ରତିଶତ ଶୁଳ୍କ ଲଗାଇଛି। ଏହା ପୂର୍ବରୁ ଏପ୍ରିଲରେ ବାଂଲାଦେଶ ଉପରେ ଟ୍ରମ୍ପ ୩୭ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଅର୍ଥାତ୍ ୪ ମାସରେ ବାଂଲାଦେଶ ଶୁଳ୍କକୁ ୧୭ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛି। ୟୁନୁସ ଏହାର ଶ୍ରେୟ ଶୁଳ୍କକୁ ନେଇ ଆମେରିକା ସହ ଆଲୋଚନା କରିଥିବା ଅଧିକାରୀଙ୍କୁ ଦେଇଛନ୍ତି। ସେ ଏହାକୁ କୂଟନୈତିକ ବିଜୟ କହିଛନ୍ତି। ଏହା ଦ୍ୱାରା ବାଂଲାଦେଶର ପୋଷାକ ଉଦ୍ୟୋଗ ମଜବୁତ ହେବ ବୋଲି ଉଲ୍ଲେଖ କରିଛନ୍ତି।

**ଆମେ ଶୁଳ୍କ ୧୭%କୁ ହ୍ରାସ କରିଦେଲୁ**



ୟୁନୁସ କହିଛନ୍ତି ଯେ ବାଂଲାଦେଶ ଉପରେ ଲଗା ଯାଇଥିବା ଶୁଳ୍କ ହାର ଶ୍ରୀଲଙ୍କା, ଭିଏତନାମ, ପାକିସ୍ତାନ ଏବଂ ଇଣ୍ଡୋନେସିଆ ଭଳି ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରଙ୍କ ସହ ସମାନ। ଏହି ଦେଶଗୁଡିକ ଉପରେ ୧୯ରୁ ୨୦ ପ୍ରତିଶତ ଶୁଳ୍କ ଲାଗିଛି। ସମାନ ଶୁଳ୍କ ଲଗା ଯାଇଥିବାରୁ ବାଂଲାଦେଶ ପୋଷାକ ଉଦ୍ୟୋଗ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ।

## ଆସନ୍ତା ବର୍ଷଠୁ କାର୍ଯ୍ୟକାରୀ ହୋଇପାରେ ଅଷ୍ଟମ ବେତନ କମିଶନ ସୁପାରିସ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): କେନ୍ଦ୍ରକର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ଖୁସି ଖବର ଆସିଛି। କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ ସୁପାରିସ କାର୍ଯ୍ୟକାରୀ କରିବା ବିଷୟରେ ସଙ୍କେତ ଦେଇଛନ୍ତି। ଏ ଦିଗରେ ଦୃଢ଼ ପଦକ୍ଷେପ ନିଆଯାଉଛି। ନୂଆ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନିଯୁକ୍ତି ବିଷୟରେ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ସୂଚନା ଦେଇଛନ୍ତି। ଗତ ଜାନୁଆରୀରେ କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ କାର୍ଯ୍ୟକାରୀ କରିବା ନେଇ ଘୋଷଣା କରିଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର, ପ୍ରତିରକ୍ଷା ମନ୍ତ୍ରାଳୟ ଓ ଗୃହ ମନ୍ତ୍ରାଳୟ ସହିତ ଆଲୋଚନା ଆରମ୍ଭ ହୋଇଛି। ଦେଶରେ କମିଶନଙ୍କ ସୁପାରିସ ଅନୁସାରେ ଅଷ୍ଟମ ବେତନ ହାର ଆସନ୍ତା ବର୍ଷ ଜାନୁଆରୀରୁ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ସଂସଦରେ ସୂଚନା ଦିଆଯାଇଛି। ଲୋକସଭାରେ କେନ୍ଦ୍ର ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି




ଯେ ଅଷ୍ଟମ ବେତନ କମିଶନ ଗଠନ ପାଇଁ ସରକାର ପୂର୍ବରୁ ମଞ୍ଜୁରୀ ଦେଇସାରିଛନ୍ତି। ଏହା ଲାଗୁ ହେଲେ ପ୍ରାୟ ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଓ ୬୫ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଆବଶ୍ୟକୀୟ ତଥ୍ୟ ପାଇଁ ଅନୁରୋଧ କରାଯାଇଛି।

### ଅଟୋ-ପାଇଲଟ କାର୍ ଦୁର୍ଘଟଣା ମାମଲାରେ କୋର୍ଟଙ୍କ ନିର୍ଦ୍ଦେଶ

# ପୀଡ଼ିତଙ୍କୁ ୨୧୦୦ କୋଟି ଦେବ ଟେସ୍‌ଲା

ଫ୍ଲୋରିଡ଼ା, ୨।୮ (ଏଜେନ୍ସି):

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବତନ ସହଯୋଗୀ ତଥା ଉଦ୍ୟୋଗପତି ଏଲନ ମସ୍କଙ୍କୁ ବଡ଼ ଝଟ୍‌କା ଲାଗିଛି। ଅଟୋ-ଡ୍ରାଇଭ କାର୍ ଦୁର୍ଘଟଣା ମାମଲାରେ ମସ୍କଙ୍କ କମ୍ପାନୀ ଟେସ୍‌ଲାକୁ ଫ୍ଲୋରିଡ଼ାର ମିଆମୀ କୋର୍ଟ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ପୀଡ଼ିତଙ୍କ ପରିବାରକୁ ୨୪୩ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୨୧୦୦ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟରେ ଏହି ମାମଲା ଚାରି ବର୍ଷ ହେଲା ଚାଲୁଥିଲା।



ଏହି ମାମଲା ୨୦୧୯ର। ସେ ସମୟରେ ଫ୍ଲୋରିଡ଼ାର ଲାର୍ଗୋ ଅଞ୍ଚଳରେ ଟେସ୍‌ଲାର ଏକ ଅଟୋ-ପାଇଲଟ୍ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟେସ୍‌ଲା ମଡେଲ 'ଏସ୍ ସେଡାନ' ଏକ ଏସ୍‌ୟୁଭିକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୨୨ ବର୍ଷୀୟ ନାଇବେସ ବେନାଭାଇଡସଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପୁରୁଷ ବନ୍ଧୁ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କମ୍ପାନୀ ନିଜ ସପକ୍ଷରେ କୋର୍ଟରେ ଯୁକ୍ତି ବାଢ଼ିଥିଲା। ଡ୍ରାଇଭର ଫୋନ୍ ଚଳାଇବାରେ ବ୍ୟସ୍ତ ଥିଲେ ବୋଲି କୁହାଯାଇଥିଲା। କିନ୍ତୁ କୋର୍ଟ ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ। କୋର୍ଟ କହିଥିଲେ ଯେ ଟେସ୍‌ଲାର ସିଷ୍ଟମରେ ତ୍ରୁଟି ଥିଲା। ଏହି ଦୁର୍ଘଟଣା ପାଇଁ କେବଳ ଡ୍ରାଇଭର ଦାୟୀ ନୁହେଁ।

୨୦୨୧ରେ ପୀଡ଼ିତଙ୍କ ପରିବାର ଟେସ୍‌ଲା ବିରୋଧରେ ମାମଲା ରୁଜୁ କରିଥିଲେ। ଅଟୋ-ପାଇଲଟ ବ୍ୟବସ୍ଥାରେ ତ୍ରୁଟି ଥିବା ନେଇ କମ୍ପାନୀ କହି ନ ଥିଲା। ଏହାକୁ ଲୁଚାଇ ରଖିଥିଲା। ଦୁର୍ଘଟଣା ପରର ଏବଂ ପୂର୍ବର ଭିଡିଓ ଫୁଟେଜକୁ ମଧ୍ୟ ହଟାଇ ଦେଇଥିଲା। ଏହି ମାମଲା ୨୦୨୧ ରୁ ୨୦୨୫ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟ ମଧ୍ୟରେ ଟେସଲା ଏପରି ଦୁର୍ଘଟଣାର ଅଧିକାଂଶ ମାମଲା ସମାଧାନ କରି ଚାଲିଥିଲା କିମ୍ବା କୋର୍ଟରେ ସେଗୁଡ଼ିକୁ ଖାରଜ କରିଦେଇଥିଲା। ଏହି ମାମଲାରେ ଟେସଲା ମିଆମିର ଫେଡେରାଲ୍ କୋର୍ଟର ଜୁରିଙ୍କ ସମ୍ମୁଖରେ ଡ୍ରାଇଭରଙ୍କୁ ଦାୟୀ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ପୀଡିତଙ୍କ ଓକିଲମାନେ ଅଟୋ-ପାଇଲଟ୍ ସିଷ୍ଟମର ତ୍ରୁଟି ଥିବା ଦର୍ଶାଇ ଥିଲେ। ଶେଷରେ ଟେସଲା ଗାଡ଼ିରେ ଥିବା ତ୍ରୁଟି ସ୍ୱୀକାର କରିଥିଲା, କିନ୍ତୁ ପ୍ରମାଣ ଲୁଚାଇବା ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହି ମାମଲାରେ କୋର୍ଟ ଯେଉଁ କ୍ଷତିପୂରଣ ଲଗାଇଛନ୍ତି ତାହାକୁ ଟେସ୍‌ଲା ଭୁଲ୍ କହିଛି। ଏହା ଦ୍ୱାରା ମୋଟରଯାନ ସୁରକ୍ଷାକୁ ପଛକୁ ନେଇଯିବା, ଟେସ୍‌ଲା ଏବଂ ସମ୍ପୂର୍ଣ୍ଣ ଉଦ୍ୟୋଗର ଜୀବନ ରକ୍ଷାକାରୀ ଜ୍ଞାନକୌଶଳ ବିକଶିତ, କାର୍ଯ୍ୟକାରୀ କରିବା ପ୍ରୟାସ ବିପଦରେ ପଡ଼ିପାରେ। ମାମଲା ଦାଏର କରିଥିବା ଲୋକ ଏକ କାହାଣୀ ଗଢ଼ିଛନ୍ତି। ଏହି ଆଧାରରେ କୋର୍ଟ କମ୍ପାନୀକୁ ଦୋଷୀ ସାବ୍ୟସ୍ତ କରିଦେଇଛନ୍ତି। ତେବେ ଡ୍ରାଇଭର ପ୍ରଥମ ଦିନ ହିଁ ଏହି ଦୁର୍ଘଟଣା ପାଇଁ ନିଜକୁ ଦାୟୀ କରିଥିଲେ।



# ରାକ୍ଷୀରେ ପିନ୍ଧନ୍ତୁ ଚନ୍ଦେରୀ ସୁଟ୍

**ରାକ୍ଷୀ ପୂର୍ଣ୍ଣିମାକୁ ସ୍ନେହ, ପ୍ରେମ ଓ ପରମ୍ପରାର ପ୍ରତୀକ ଭାବେ ଜଣାଯାଏ । ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ସୁରକ୍ଷାର ପ୍ରତିଶ୍ରୁତି ଲୋଡ଼ିଥାଏ । ଏଦିଦିନ ଅଧିକାଂଶ ଯୁବତୀ ପାରମ୍ପରିକ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ତେବେ, ନିଜକୁ ଏକ ରାଜକୀୟ ଲୁକ୍ ଦେବାକୁ ଚାହୁଁଥିଲେ, ଚନ୍ଦେରୀ ସୁଟ୍ ପିନ୍ଧିପାରିବେ ।**

### ଚନ୍ଦେରୀ ଏମ୍ବ୍ରୋଡୋରୀ କୁର୍ତ୍ତା

ଏମ୍ବ୍ରୋଡୋରୀ କାମ ଥିବା ଏହି ସୁଟ୍ ଦେଖିବାକୁ ଖୁବ୍ ସୁନ୍ଦର । ଏଥିରେ ପ୍ୟାଣ୍ଟ, ଓଢ଼ଣୀ ଓ କୁର୍ତ୍ତା ସେଟ୍ ରହିଥାଏ । ଏହା ହାଲୁକା ହୋଇଥିବାରୁ ପିନ୍ଧିବାକୁ ଖୁବ୍ ଆରାମଦାୟକ ଲାଗିଥାଏ । ତେଣୁ ଏହାକୁ ରାକ୍ଷୀପୂର୍ଣ୍ଣିମା ଦିନ ମଧ୍ୟ ପିନ୍ଧିପାରିବେ । କ୍ରିମ୍ ଏବଂ ହାଲୁକା ଗୋଲାପି ରଙ୍ଗର ଏହି ସୁଟ୍ ସହ ପେଣ୍ଡି କାନଫୁଲ ପିନ୍ଧିପାରିବେ ।

### ହ୍ୟାଣ୍ଡବ୍ଲକ୍ ପ୍ରିଣ୍ଟ

କିଛି ଭିନ୍ନ ତଥା ନୂଆ ପିନ୍ଧିବାକୁ ଚାହୁଁଥିଲେ, ହ୍ୟାଣ୍ଡବ୍ଲକ୍ ପ୍ରିଣ୍ଟଯୁକ୍ତ ଚନ୍ଦେରୀ ସୁଟ୍ ପିନ୍ଧିପାରିବେ । ଏ – ଲାଇନ୍ ଷ୍ଟାଇଲ୍, ଭି-ସ୍ଲିଟ୍ ବେକ, ଏବଂ ଗୋଟା ସିଲ୍ ଡିଟେଲ୍ ଏହାକୁ ଷ୍ଟାଇଲିଶ୍ କରିଥାଏ । ଏହା ପ୍ଲାଜୋ ସହିତ ଖୁବ୍ ସୁନ୍ଦର ଦେଖାଯାଏ ।

### ଫ୍ଲୋରାଲ ଏମ୍ବ୍ରୋଡୋରୀ

କମଳା ରଙ୍ଗର ଏହି ଚନ୍ଦେରୀ ସୁଟ୍ ସିମ୍ପଲ୍ ଓ ରାଜକୀୟ ଲୁକ୍‌କୁ ମିଶ୍ରଣ କରି ତିଆରି କରାଯାଇଛି । ଏହାର ଗୋଲାକାର ବେକ ଏବଂ ଫ୍ଲୋରାଲ୍ ଏମ୍ବ୍ରୋଡୋରୀ କାମ ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ । ଏହା ବିଭିନ୍ନ ସାଇଜର୍ ରହିଛି ।

# କାଗଜ କଣ୍ଢେଇର କଳାକାର



**ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଥିଲେ, ସବୁକିଛି ସମ୍ଭବ, ଏହାକୁ ପ୍ରମାଣ କରି ଦେଖାଇଛନ୍ତି, ତାମିଲନାଡୁ କୋଏମ୍ବାଟୁରର ରାଧିକା ଜେ.ଏ । ପାଞ୍ଚ ବର୍ଷ ବୟସରେ ସେ ଅସ୍ଥିରୋଗରେ ପୀଡ଼ିତ ହୋଇ ଚାଲିବା ଶକ୍ତି ହରାଇଥିଲେ । ଏଥିପାଇଁ ତାଙ୍କୁ ପାଠପଢ଼ା ଅଧାରେ ଛାଡ଼ିବାକୁ ପଡ଼ିଥିଲା । କିନ୍ତୁ ଏତିକିରେ ସେ ଅଟକି ନଥିଲେ, ନିଜର ରୁଚି, କଳା ଓ ସୃଜନଶୀଳତାକୁ ଉପଯୋଗ କରି ସେ କିଛି ନୂଆ କରିବାକୁ ଭାବିଥିଲେ । ଫଳରେ ଘରେ ଥିବା ପୁରୁଣା ଖବରକାଗଜକୁ ଉପଯୋଗ କରି ସେଥିରୁ ଭଳିକି ଭଳି କାଗଜ କଣ୍ଢେଇମାନ ପ୍ରସ୍ତୁତ କରିଥିଲେ । ଏହାକୁ ଅନ୍‌ଲାଇନ୍‌ରେ ବିକ୍ରି କରି ସେ ଆତ୍ମନିର୍ଭର ହୋଇଛନ୍ତି । ଏଥିସହ ଅନ୍ୟ ମହିଳାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରୁଛନ୍ତି ।**



### ରୁଚିରୁ ରୋଜଗାର

୨୬ ବର୍ଷିୟ ରାଧିକା କଣ୍ଢେଇ ବ୍ୟବସାୟ କରି ରୋଜଗାରକ୍ଷମ ହୋଇଛନ୍ତି । ପିଲାବେଳୁ ତାଙ୍କର କଳାକୃତି ପ୍ରତି ରୁଚି ରହିଥିଲା । ଫଳରେ ୨୦୧୬ ମସିହାରେ ସେ ସ୍ୱଳ୍ପ ଅର୍ଥ ବିନିଯୋଗ କରି ବ୍ୟବସାୟ ଆରମ୍ଭ କରିବାକୁ ଭାବିଥିଲେ । ପ୍ରଥମେ ସେ ଟିଭିରୁ ଏକ ଭିଡିଓ ଦେଖି ଖବରକାଗଜକୁ ଭାଙ୍ଗି ସେଥିରୁ ଭଳିକି ଭଳି, ଘରସଜା ଉପକରଣ ପ୍ରସ୍ତୁତ କରିଥିଲେ । ଏହାକୁ ଦେଖି ପଡ଼ୋଶୀ ଓ ସାଙ୍ଗସାଥୀମାନେ ତାଙ୍କୁ ବରାଦ ଦେଇଥିଲେ । ପରବର୍ତ୍ତୀ ସମୟରେ ରାଧିକା ଏକ ଆଫ୍ରିକାନ୍ କଣ୍ଢେଇ ଦେଖିଥିଲେ । ନିଜର ସୃଜନଶୀଳତାକୁ ଉପଯୋଗ କରିବା ପାଇଁ ଏହା ଏକ ଭଲ ମାଧ୍ୟମ ବୋଲି ସେ କଳ୍ପନା କରିଥିଲେ । ଏହାପରେ ସେ ପୁରୁଣା ଖବରକାଗଜରୁ କଣ୍ଢେଇ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ ।

### ଖବରକାଗଜରେ ତିଆରି ଆଫ୍ରିକାନ୍ କଣ୍ଢେଇ

ଘରେ ଥିବା ପୁରୁଣା ଖବରକାଗଜକୁ ଉପଯୋଗ କରି ସେ ପାରମ୍ପରିକ ଆଫ୍ରିକାନ୍ କଣ୍ଢେଇ ପ୍ରସ୍ତୁତ କରିଥାନ୍ତି । ଏଥିରେ ଅନ୍ୟ କଣ୍ଢେଇ ଭଳି ଆଖି, ନାକ, କାନ ନ ଥାଏ । ଏଥିସହ କୌଣସି ନିର୍ଦ୍ଦିଷ୍ଟ ମୁଦ୍ରା କିମ୍ବା ଭାବନାକୁ ନେଇ ଏହା ତିଆରି କରାଯାଏ ନାହିଁ । ଖୁବ୍ କମ୍ ସାଧନରେ ସେ ଏହି କଣ୍ଢେଇ ପ୍ରସ୍ତୁତ କରିଥିଲେ । ଏହି କଣ୍ଢେଇକୁ ଲୋକମାନେ ଖୁବ୍ ପସନ୍ଦ କରିଥିଲେ । ଦେଖୁ ଦେଖୁ ତାଙ୍କର ଅନ୍‌ଲାଇନ୍ ବ୍ୟବସାୟ ବଢ଼ିଲା । ଏହା ତାଙ୍କୁ ଏକ ନୂଆ ପରିଚୟ ଦେବାରେ ସହାୟକ ହୋଇଥିଲା ।

### ଶାରୀରିକ ଅକ୍ଷମତା ସାଜିନି ବାଧକ

ପାଞ୍ଚବର୍ଷ ବୟସରେ ତାଙ୍କର ଶାରୀରିକ ସମସ୍ୟା ଯୋଗୁ, ସ୍କୁଲ ଯିବା ବନ୍ଦ ହୋଇଯାଇଥିଲା । ଫଳରେ ସେ ଘରେ ରହିଥିଲେ । ତାଙ୍କ ଗୋଡ଼ରେ ଅନେକ ଅସ୍ତ୍ରୋପଚାର ହୋଇଥିଲେ ମଧ୍ୟ, କୌଣସି ସୁଫଳ ମିଳି ନଥିଲା । ଏଥିପାଇଁ ସେ ମାନସିକ ଚାପରେ ଥିଲେ । ପରବର୍ତ୍ତୀ ସମୟରେ ୨୦୧୬ ମସିହାରେ ହୋମ୍ ସ୍କୁଲିଂ ମାଧ୍ୟମରେ ସେ ପାଠ ପଢ଼ିଥିଲେ । ଏହା ତାଙ୍କ ପାଇଁ ସମସ୍ୟାଜନକ ହେଲେ ମଧ୍ୟ ସେ ପାଠ ପଢ଼ି ପାସ୍ ହୋଇଥିଲେ ।

### ବ୍ୟବସାୟରୁ ପରିଚୟ

ତାଙ୍କ ନିର୍ମିତ କଣ୍ଢେଇ ଦେଖିବାକୁ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ । ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଦେଶ, ବିଦେଶରୁ ଲୋକମାନେ ଏହି କଣ୍ଢେଇ ବରାଦ କରିଥାନ୍ତି । ସେ ୨୦୫୦ ରୁ ଅଧିକ କଣ୍ଢେଇ ବିକ୍ରି କରିଛନ୍ତି । ଏସବୁ କାର୍ଯ୍ୟ ସେ ଏକାକୀ କରନ୍ତିନି । ଏଥିପାଇଁ ତାଙ୍କ ପିତା, ମାତା ଭାଇ ଆଦି ସାହାଯ୍ୟ କରିଥାନ୍ତି । ତାଙ୍କୁ ଗୋଟିଏକଣ୍ଢେଇ ପ୍ରସ୍ତୁତ କରିବା ପାଇଁ ତିନିରୁ ଚାରିଘଣ୍ଟା ସମୟ ଲାଗିଥାଏ ।

# କହୁଣୀର କଳାଦାଗ ହେବ ଦୂର

**ସୁନ୍ଦର, କୋମଳ ତ୍ୱଚା ସମସ୍ତେ ଚାହାନ୍ତି । ଏଥିପାଇଁ ଯୁବତୀମାନେ ବିଭିନ୍ନ ପ୍ରସାଧନ ସାମଗ୍ରୀ ଲଗାଇଥାନ୍ତି । ହେଲେ, ମୁହଁ ଭଳି ହାତର ଯତ୍ନ ନେବା ଜରୁରୀ । ଅନେକ ସମୟରେ ମୃତକୋଷ ଜମି କହୁଣୀ କଳା ପଡ଼ିଯାଏ । ଯାହା ଆଖିକୁ ଅସୁନ୍ଦର ଦେଖାଯାଏ । ତେଣୁ ଘରେ ପ୍ରାକୃତିକ ଉପାୟରେ ମାସ୍କ ପ୍ରସ୍ତୁତ କରି ଏହାକୁ ଲଗାଇ କହୁଣୀ ଦାଗ ଦୂର କରିପାରିବେ...**

### ପ୍ରସ୍ତୁତି

ଗ୍ୟାସ୍‌ରେ ତାୱା ବସାଇ ହଳଦି ଦେଇ ଏହାକୁ ବାଦାମୀ ରଙ୍ଗ ହେବା ଯାଏ ଭାଜନ୍ତୁ । ହଳଦୀକୁ ଗୋଟିଏ ପାତ୍ରରେ କାଢ଼ି ସେଥିରେ ଏକ ଚାମଚ ବେସନ, ଏକ ଚାମଚ ମହୁ ଦିଅନ୍ତୁ । ଏଥିରେ ଅଧା ଲେମ୍ବୁ ଚିପୁଡ଼ି ଦିଅନ୍ତୁ । ଶେଷରେ ଏଥିରେ ଏକ ଦୁଇ ଚାମଚ କ୍ଷୀର ଦେଇ ଭଲରେ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ।



### ବ୍ୟବହାର

ଏହି ପେଷ୍ଟ ଶରୀରର କଳା ଅଂଶ ଅର୍ଥାତ୍ କହୁଣୀ, ଆଣ୍ଠୁ ପାଦ ଅଙ୍ଗୁଳିରେ ଲଗାଇ ୧୦ ରୁ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏହାପରେ ଏକ ମଏଶ୍ଚରାଇଜର୍ ଲଗାନ୍ତୁ । ସପ୍ତାହକୁ ଏପରି ଦୁଇଥର କରିପାରିବେ । ଏହଦ୍ୱାରା ଧୀରେ ଧୀରେ କଳାଦାଗ ଦୂର ହୋଇଥାଏ ।

### ଧ୍ୟାନ ଦିଅନ୍ତୁ

ଆବଶ୍ୟକତାଠୁ ଅଧିକ ପତଳା ତ୍ୱଚା ଥିଲେ, ଏହାକୁ ସ୍କ୍ରବ୍ ଭଳି ଘଷନ୍ତୁ ନାହିଁ । କାରଣ ଏହାଦ୍ୱାରା କହୁଣୀ ଅଧିକ କଳା ପଡ଼ିଯାଏ । ତ୍ୱଚା ମୃତକୋଷ ସଂସ୍ପର୍ଶରେ ଆସି ଅଧିକ କଳା ଦେଖାଯାଏ । ତେଣୁ ଏହାକୁ ମାସ୍କ ଭଳି ବ୍ୟବହାର କରିପାରିବେ ।

# ଓଠରେ ଏମିତି ରଖନ୍ତୁ ଲିପଷ୍ଟିକ୍

**ବର୍ଷାଦିନେ ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବା ସମସ୍ୟାଜନକ ହୋଇଥାଏ । ବିଶେଷ କରି ଲିପଷ୍ଟିକ୍ । ଏ ଦିନେ ସାମାନ୍ୟ ବର୍ଷା ହେଲେ, ମଧ୍ୟ ଲିପ୍‌ଷ୍ଟିକ୍ ଧୋଇ ହୋଇଯାଏ । ତେଣୁ ଲିପ୍‌ଷ୍ଟିକ୍‌କୁ ଓଠରେ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ଏହି ସହଜ ଉପାୟ ଆପଣାନ୍ତୁ ।**

### ଲିପ୍ ସ୍କ୍ରବ୍

ବର୍ଷାଦିନେ ଓଠ ରୁକ୍ଷ ଓ ଶୁଷ୍କ ହୋଇଯାଏ । ତେଣୁ ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ଓଠକୁ ହାଲୁକା ସ୍କ୍ରବ୍ କରନ୍ତୁ । ଏହାପରେ ଲିପବାମ୍ ଲଗାଇ ଓଠକୁ ପାଞ୍ଚମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ । ଏହାଦ୍ୱାରା ଓଠ କୋମଳ ହୋଇଥାଏ । ଲିପ୍‌ଷ୍ଟିକ୍ ଭଲରେ ସେଟ୍ ହୋଇଥାଏ ।

### ପ୍ରାଇମର୍

ଲିପ୍‌ଷ୍ଟିକ୍‌କୁ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ହାଲୁକା ପ୍ରାଇମର୍ କିମ୍ବା କନ୍‌ସିଲର୍ ଲଗାଇପାରିବେ । ଏହା ଲିପ୍‌ଷ୍ଟିକ୍‌କୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ । ଏଥିସହ ଲଗାଇଥିବା ସେଡ୍‌ଟି ଖୁବ୍ ଉଜ୍ଜ୍ୱଳ ଦିଶିଥାଏ ।

### ମ୍ୟାଟ୍ ଲିପ୍‌ଷ୍ଟିକ୍‌କୁ ପ୍ରାଥମିକତା

ବର୍ଷାଦିନେ କ୍ରିମ୍ କିମ୍ବା ଗ୍ଲସି ଲିପ୍‌ଷ୍ଟିକ୍ ଶୀଘ୍ର ଛାଡ଼ିଯାଏ । କିନ୍ତୁ ମ୍ୟାଟ୍ ଲିପଷ୍ଟିକ୍ ଦୀର୍ଘ ସମୟ ରହିଥାଏ । ୱାଟର୍‌ପ୍ରୁଫ୍ ମ୍ୟାଟ୍ ଲିପ୍‌ଷ୍ଟିକ୍ ବର୍ଷାଦିନ ପାଇଁ ଖୁବ୍ ଭଲ ହୋଇଥାଏ ।

### ଲିପ୍‌ଲାଇନ୍‌ରେ ଆଉଟ୍‌ଲାଇନ୍


ଏହା କେବଳ ଓଠକୁ ଏକ ଆକାର ଦିଏନି ଏହା ଲିପ୍‌ଷ୍ଟିକ୍‌କୁ ଧରି ରଖିବାରେ ମଧ୍ୟ ସହାୟକ ହୋଇଥାଏ । ତେଣୁ ପ୍ରଥମେ ଆଉଟ୍‌ଲାଇନ୍ କରି ଲିପ୍‌ଷ୍ଟିକ୍ ଲଗାନ୍ତୁ ।

### ଟିସ୍ୟୁ ପେପର୍

ଲିପ୍‌ଷ୍ଟିକ ଲଗାଇବା ପରେ ଓଠରେ ଏକ ଟିସ୍ୟୁ ପେପର ଓଠରେ ରଖନ୍ତୁ । ଏହା ଉପରେ ଅଳ୍ପ ପାଉଡର ଲଗାନ୍ତୁ । ଏହା ଲିପ୍‌ଷ୍ଟିକକୁ ସେଟ୍ କରି ସ୍ମଜ୍ ପ୍ରୁଫ୍ କରିଥାଏ ।

### ଡ଼ବଲ୍ କୋଟ୍

ଗୋଟେ କୋଟ୍ ଲଗାଇବା ପରେ ଏହା ଉପରେ ହାଲୁକା କରି ଟିସ୍ୟୁ ଦବାଇ ଦିଅନ୍ତୁ । ଏହାପରେ ଆଉ ଏକ କୋଟ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ । ବର୍ଷାଦିନେ ଡବଲ ଲେୟାରିଙ୍ଗ୍ ଲିପ୍‌ଷ୍ଟିକ୍ ଖୁବ୍ ଭଲ ହୋଇଥାଏ ।



# ହୁପ୍ ଇୟରିଂ

**ସମୟ ଅନୁସାରେ ବିଭିନ୍ନ କାନଫୁଲ ଡିଜାଇନ୍ ଦେଖିବାକୁ ମିଳିଥାଏ । ଯାହା ଷ୍ଟାଇଲିଶ୍ ସହ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ବର୍ତ୍ତମାନ କେତେକ ହୁପ୍ ଇଅରିଂ ଟ୍ରେଣ୍ଡରେ ରହିଛି । ଜାଣିବା ସେ ବିଷୟରେ...**



### ଗୋଲ୍‌ଡେନ୍ ଚଙ୍କି

ଚଙ୍କି ପାଟର୍ଣ୍ଣର ଏହି ଗୋଲଡେନ୍ ହୁପ୍ ଇୟରିଂ ଧଳା ପୋଷାକ କିମ୍ବା ଧଳା ଟପ୍ସକୁ ଖୁବ୍ ସୁନ୍ଦର ମାନିଥାଏ । ଏହାକୁ ବିଭିନ୍ନ ପୋଷାକ ସହ ମଧ୍ୟ ପିନ୍ଧିପାରିବେ ।

### ହାର୍ଟ

ହାର୍ଟସେପ୍‌ର ଏହି ହୁପ୍, ଦେଖିବାକୁ ସୁନ୍ଦର ଓ ଛୋଟ ହୋଇଥାଏ । ଏହାକୁ ଚାହିଁଲେ ମହିଳାମାନେ ନିୟମିତ ବ୍ୟବହାର କରିପାରିବେ । ଏହାକୁ ସାର୍ଟ, ଟପ୍ସ ବିଭିନ୍ନ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ ।

### ଡାଇମଣ୍ଡ ସ୍କୋୟାର୍

ଧଳା ଷ୍ଟୋନ୍ ଲାଗିଥିବା ଏହି ହୁପ୍ କାନଫୁଲ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏହା ଦେଖିବାକୁ ଏଲିଗାଣ୍ଟ ଲାଗିଥାଏ । ଏହାକୁ ଉଭୟ କାଜୁଆଲ୍ ଓ ଫର୍ମାଲ୍ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବ ।

### ଡୁଆଲ୍ ଷ୍ଟୋନ୍ ସିଲ୍‌ଭର୍

ଦୁଇଟି ରଙ୍ଗର ଷ୍ଟୋନ୍ ଲାଗିଥିବା ଏହି କାନଫୁଲ ଦେଖିବାକୁ ସୁନ୍ଦର ଓ ଷ୍ଟାଇଲିଶ୍ ହୋଇଥାଏ । ଏହାକୁ ଶାଢ଼ି ସୁଟ୍ ବିଭିନ୍ନ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ ।

ମୋ ହାଣ୍ଡିଶାଳରୁ...

# ସିଜୁଆନ୍ ଫ୍ରାଏଡ୍ ରାଇସ୍

### ଆବଶ୍ୟକ ସାମଗ୍ରୀ

ରନ୍ଧାଭାତ - ଦୁଇ କପ୍, ସିଜୁଆନ୍ ସସ୍ – ଦୁଇ ଚାମଚ, କଟା ରସୁଣ – ଏକ ଚାମଚ, କଟା ଅଦା – ଏକ ଚାମଚ, କଟା କଞ୍ଚାଲଙ୍କ- ଦୁଇ ଗୋଟି, କଟା ପିଆଜ – ଏକ କପ୍, ଗାଜର୍– ଅଧା କପ୍, କ୍ୟାପ୍‌ସିକମ୍ – ଅଧା କପ୍, ବନ୍ଧାକୋବି – ଅଧା କପ୍, ପିଆଜ ଶଣ୍ଢା- ଦୁଇ ଚାମଚ, ସୋୟା ସସ୍- ଏକ ଚାମଚ, ଭିନେଗାର୍ – ଏକ ଚାମଚ, କଳା ଗୋଲମରିଚ – ଏକ ଚାମଚ, ଲୁଣ – ସ୍ୱାଦାନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗେଇ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ କଟା ଅଦା, ରସୁଣ ଦେଇ ଧିମା ଆଞ୍ଚରେ ୩୦ ସେକେଣ୍ଡ ଭାଜନ୍ତୁ । ଏହାପରେ କଞ୍ଚାଲଙ୍କା ଦେଇ ପିଠାଖଡ଼ିକାରେ ଏପାଖସେପାଖ କରନ୍ତୁ । ପରେ କଟା ପିଆଜ, ଗାଜର, କ୍ୟାପସିକମ୍, ବନ୍ଧାକୋବି ଦେଇ ହାଲୁକା ଭାଜନ୍ତୁ । ଏଥିରେ ଦୁଇଚାମଚ ସିଜୁଆନ୍ ଚଟଣୀ ଦିଅନ୍ତୁ । ଏହାକୁ ପରିବାରେ ମିଶାଇ ଭଲ କି ଭାଜି ଦିଅନ୍ତୁ । ଏହାପରେ ଏକ ଚାମଚ ସୋୟା ସସ୍, ଏକ ଚାମଚ ଭିନେଗାର୍ ଦିଅନ୍ତୁ । ଏହାପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ରନ୍ଧାଭାତକୁ ଦିଅନ୍ତୁ । ଏହାକୁ ଭଲଭାବେ ପରିବା ଓ ମସଲା ସହ ମିଶାଇ ଦିଅନ୍ତୁ । ଏହାପରେ ସ୍ୱାଦ ଅନୁସାରେ ଲୁଣ, ଗୋଲମରିଚ ଗୁଣ୍ଡ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାକୁ ଧୀମା ଆଞ୍ଚରେ ଦୁଇ ତିନି ମିନିଟ୍ ବସାଇ ଏପାଖସେପାଖ କରନ୍ତୁ । ଏହାପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ସିଜୁଆନ୍ ଫ୍ରାଏଡ୍ ରାଇସ୍' ।



## ଜୟସ୍ୱାଲ୍ଙ୍କ ଶତକ; ଟଙ୍ଗ୍ଙ୍କୁ ୫ ଓ ଆଟକିନସନଙ୍କୁ ୩ ୱିକେଟ

# ଇଂଲଣ୍ଡ ଆଗରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ

ମାଞ୍ଚେଷ୍ଟର, ୨।୮ (ଏଜେନ୍ସି):



ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ (୧୧୮)ଙ୍କ ଶତକ, ନାଇଟ୍‌ୱାଚ୍‌ମ୍ୟାନ୍ ଆକାଶଦୀପ (୬୬), ଦୁଇ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା (୫୩) ଓ ୱାଶିଂଟନ ସୁନ୍ଦର(୫୩)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ୫ମ ତଥା ଶେଷ ଟେଷ୍ଟରେ ଭାରତର ଦ୍ୱିତୀୟ ଇନିଂସ ୩୯୬ ରନ୍‌ରେ ଶେଷ ହୋଇଛି। ଏହା ଫଳରେ ୨୩ ରନ୍‌ରେ ପ୍ରଥମ ଇନିଂସ ପଛୁଆ ଥିବା ଭାରତ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଆଗରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ଶେଷ ରିପୋର୍ଟ ଲେଖା ହେଲା ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩ ଓଭର ଖେଳରେ କୌଣସି ୱିକେଟ ନ ହରାଇ ୧୬ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜ୍ୟାକ୍ କ୍ରାଲୀ ୭ ଓ ବେନ୍ ଡକେଟ ୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ଇନିଂସରେ ଜୋଶ ଟଙ୍ଗ୍ ସର୍ବାଧିକ ୫ଟି, ଗସ ଆଟକିନସନ ୩ଟି ଓ ଜାମି ଓଭରଟନ୍ ୨ଟି ୱିକେଟ ପାଇଥିଲେ। ଘରୋଇ ଦଳ ପକ୍ଷରୁ ମାତ୍ର ୯ ଓଭର ସ୍ପିନ୍ ବୋଲିଂ କରାଯାଇଥିଲା। ଏମାନଙ୍କୁ କୌଣସି ସଫଳତା ମିଳି ନ ଥିଲା।

ଶନିବାର ତୃତୀୟ ଦିନ ଭାରତର ତାହାର ଅସମାପ୍ତ ଦ୍ୱିତୀୟ ଇନିଂସ ୨ ୱିକେଟରେ ୭୫ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ଦୁଇ ଅପରାଜିତ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଓ ନାଇଟ୍‌ୱାଚ୍‌ମ୍ୟାନ୍ ଆକାଶଦୀପ ଲଢୁଆ ବ୍ୟାଟିଂ କରି ତୃତୀୟ ୱିକେଟରୁ ୧୦୭ ରନ୍ ଉଠାଇ ଭାରତକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। କିନ୍ତୁ ଏହି ଯୋଡି ଭାଙ୍ଗିବା ପରେ ଅଧିନାୟକ ଶୁବମନ ଗିଲ୍ ୧୧ ଓ କରୁନ ନାୟାର ୧୭ ରନ୍‌ରେ ଆଉଟ ହୋଇଥିଲେ। ଜୟସ୍ୱାଲ ତାଙ୍କ ଟେଷ୍ଟ କ୍ୟାରିୟରର ୬ଷ୍ଠ ଶତକ ହାସଲ କରିବା ପରେ ୧୧୮ ରନ୍ କରି ଆଉଟ ହୋଇଥିଲେ। କିନ୍ତୁ ୫ମରୁ ୧୦ ୱିକେଟ ପାର୍ଟନରସିପ୍‌ରେ ଉପଯୋଗୀ ରନ୍ ମିଳିବା ଫଳରେ ଭାରତର ସ୍କୋର ୪୦୦ ପାଖାପାଖି ହୋଇଥିଲା। ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଓ ଏହି ସିରିଜ୍‌ରେ ଦ୍ୱିତୀୟ ଶତକ ହାସଲ କରିଥିବା ଜୟସ୍ୱାଲ କେବଳ ଟପ୍ ଅର୍ଡର ବ୍ୟାଟର ଭାବେ ଏଠାରେ ସଫଳ ହୋଇଥିଲେ। ତାଙ୍କ ବ୍ୟତୀତ ରବୀନ୍ଦ୍ର ଜାଡେଜା ୭୭ ବଲ୍‌ରୁ ୫୩, ଧ୍ରୁବ ଜୁରେଲ ୪୬ ବଲ୍‌ରୁ ୩୪ ଓ ୱାଶିଂଟନ ସୁନ୍ଦର ୪୬ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ଦ୍ରୁତ ୫୩ ରନ୍ କରିଥିଲେ। ଏହା ସତ୍ତ୍ୱେ ଦଳ ଏକ ବିଶାଳ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ଏହି ମ୍ୟାଚ୍‌ରେ ୨୦୧୧ ପରେ ଆକାଶଦୀପ ପ୍ରଥମ ନାଇଟ୍ ୱାଚ୍‌ମ୍ୟାନ୍ ଭାବେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହିଠାରେ ଭାରତର ଅମିତ ମିଶ୍ରା ପୂର୍ବରୁ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ଅର୍ଦ୍ଧଶତକ ହାସଲ କରିଥିଲେ।

ଇଂଲଣ୍ଡ ପକ୍ଷରୁ ମୁଖ୍ୟ ଫାଷ୍ଟ ବୋଲର କ୍ରିସ୍ ଓକ୍ସ ଆହତ ହୋଇ ଏହି ଟେଷ୍ଟ ଖେଳି ପାରି ନ ଥିଲେ ମଧ୍ୟ ଦଳରେ ଥିବା ୩ଜଣ ଫାଷ୍ଟ ବୋଲର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଭାରତକୁ କମ୍ ସ୍କୋରରେ ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଜୋସ୍ ଟଙ୍ଗ ସର୍ବାଧିକ ୩୦ ଓଭର ବୋଲିଂ କରି ସର୍ବାଧିକ ୫ଟି ୱିକେଟ ପାଇଥିଲେ। ଅନ୍ୟତମ ଫାଷ୍ଟ ବୋଲର ଗସ୍ ଆଟକିନସନ ୨୭ ଓଭରରେ ୧୨୭ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ପ୍ରଥମ ଇନିଂସରେ ତାଙ୍କୁ ୫ଟି ୱିକେଟ ମିଳିଥିଲା। ତୃତୀୟ ଫାଷ୍ଟ ବୋଲର ଜେମି ଓଭରଟନ୍ ଏତେ ପ୍ରଭାବଶାଳୀ ହୋଇ ନ ଥିଲେ ମଧ୍ୟ ୨୨ ଓଭରରେ ୯୮ ରନ୍ ଦେଇ ୨ଟି ୱିକେଟ ପାଇଥିଲେ।

### ସିରିଜ୍‌ରେ ୧୯ ଶତକ

ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ପାଞ୍ଚ ଟିକିଆ ଟେଷ୍ଟ ସିରିଜରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୧୯ଟି ଶତକୀୟ ପାଳି ଦେଖିବାକୁ ମିଳିଛି। ଶନିବାର ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ଏହି ଟେଷ୍ଟ ସିରିଜର ୧୯ତମ ଶତକ ଥିଲା। ମୋଟ୍ ୧୯ଟି ଶତକ ମଧ୍ୟରୁ ଭାରତୀୟ ଖେଳାଳିମାନେ ୧୨ଟି ଓ ଘରୋଇ ଇଂଲଣ୍ଡ ବ୍ୟାଟର୍ ୭ଟି ଶତକ ମାରିଛନ୍ତି। ଟେଷ୍ଟ କ୍ରିକେଟ୍ ଇତିହାସରେ ଗୋଟିଏ ସିରିଜରେ ହୋଇଥିବା ମୋଟ୍ ଶତକ ତାଲିକାରେ ଏହା ୩ୟ ସ୍ଥାନରେ ରହିଛି। ୧୯୯୫ରେ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିବା ସିରିଜରେ ରେକର୍ଡ ୨୧ଟି ଶତକ ହୋଇଥିଲା। ସେହିଭଳି ୨୦୦୩-୦୪ରେ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ସିରିଜରେ ୨୦ଟି ଶତକୀୟ ପାଳି ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଚଳିତ ଭାରତ ଓ ଇଂଲଣ୍ଡ ଟେଷ୍ଟ ସିରିଜରେ ବର୍ତ୍ତମାନ ସୁଦ୍ଧା ୧୮ଟି ଶତକୀୟ ପାର୍ଟନରସିପ୍ ମଧ୍ୟ ହୋଇସାରିଛି। ଏହି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ୮ଥର ଲାଗି ଏହି ସଫଳତା ପାଇଛି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ୍- ୩/୫୭)।
**ଇଂଲଣ୍ଡ ପ୍ରଥମ ଇନିଂସ:** ୨୪୭/୧୦ (କ୍ରାଲୀ- ୬୪, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨)।
**ଭାରତ ଦ୍ୱିତୀୟ ଇନିଂସ:** ୩୯୬/୧୦, ୮୮ ଓଭର (ଜୟସ୍ୱାଲ- ୧୧୮, ଆକାଶଦୀପ୍- ୬୬, ଜାଡେଜା- ୫୩, ସୁନ୍ଦର-୫୩, ଟଙ୍ଗ୍- ୫/୧୨୫, ଆଟକିନସନ- ୩/୧୨୭, ଓଭରଟନ-୨/୯୮)।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୧୬/୦, ୩ ଓଭର (ଜ୍ୟାକ୍ କ୍ରାଲୀ-୭*, ବେନ୍ ଡକେଟ-୮*, ଆକାଶଦୀପ-୦/୭, ପ୍ରସିଦ୍ଧ କ୍ରିଷ୍ଣା-୦/୯)।

## ଟେଷ୍ଟ କ୍ରିକେଟରେ ପ୍ରଥମ, କ୍ୟାରିୟରରେ ଦ୍ୱିତୀୟ ଅର୍ଦ୍ଧଶତକ




ଓଭାଲ : ଭାରତୀୟ ଯୁବ ଫାଷ୍ଟ ବୋଲର ଆକାଶ ଦୀପ ଏଠାରେ ଜବରଦସ୍ତ ବ୍ୟାଟିଂ ପ୍ରଦର୍ଶନ କରି ଇଂଲଣ୍ଡ ବିପକ୍ଷ ୫ମ ତଥା ଶେଷ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଭାରତର ଦ୍ୱିତୀୟ ଇନିଂସରେ ନଂ-୪ରେ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ବ୍ୟାଟିଂ କରିବାକୁ ଆସି ତୃତୀୟ ଦିନ ଲଞ୍ଚ ପୂର୍ବରୁ ୬୬ ରନ୍ କରି ଆଉଟ ହୋଇଛନ୍ତି। ଏହା ଫଳରେ ଟେଷ୍ଟ କ୍ରିକେଟରେ ସେ ପ୍ରଥମଥର ଲାଗି ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରରେ ଏହା ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ। ପୂର୍ବରୁ ୨୦୨୧-୨୨ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ବେଙ୍ଗଲ ପକ୍ଷରୁ ଖେଳି ସେ ଝାଡଖଣ୍ଡ ବିପକ୍ଷରେ ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏଠାରେ ସେ ୭୦ତମ ବଲ୍‌ରେ ପ୍ରତିପକ୍ଷ ବୋଲର ଗସ ଆଟକିନସନଙ୍କୁ ଚୌକା ମାରି ତାଙ୍କ ଅର୍ଦ୍ଧଶତକ ପୂରଣ କରିଥିଲେ। ଏପରିକି ଅର୍ଦ୍ଧଶତକରେ ପ୍ରବେଶ କରିବା ପୂର୍ବରୁ ସେ କ୍ରମାଗତ ୩ଟି ଚୌକା ମାରି ଏହି ମାଇଲଷ୍ଟୋନ୍‌ରେ ପହଞ୍ଚିଥିଲେ। ଜେମି ଓଭରଟନଙ୍କ ବୋଲିଂରେ ଆଟକିସନଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ସେ ମୋଟ ୯୪ବଲ୍‌ର ସାମ୍ନା କରି ୧୨ଟି ଚୌକା ମାରିଥିଲେ। ଆଉଟ ହେବା ପୂର୍ବରୁ ତୃତୀୟ ୱିକେଟ ପାର୍ଟନରସିପ୍‌ରେ ଯଶସ୍ୱୀ ଜୟସ୍ୱାଲଙ୍କ ସହ ୧୫୦ ବଲ୍‌ରୁ ୧୦୭ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ଆକାଶଦୀପ୍‌ଙ୍କର ୬୬ ଓ ତାଙ୍କଠାରୁ ଅଧା ୩୩ ରନ୍ ଜୟସ୍ୱାଲ ଯୋଡିଥିଲେ। ୧୮ତମ ଓଭରରେ ୭୦ ରନ୍‌ରେ ଭାରତ ଦ୍ୱିତୀୟ ୱିକେଟ ହରାଇବା ପରେ ଆକାଶଦୀପ ବ୍ୟାଟିଂ କରିବାକୁ ଆସି ୪୩ତମ ଓଭରରେ ୧୭୭ ରନ୍ ସ୍କୋରରେ ଆଉଟ ହୋଇଥିଲେ।

## ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ୍


ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ଅନେକ ରେକର୍ଡ ପ୍ରତିଷ୍ଠା କରିଛି। ଏହା ମଧ୍ୟରୁ ୫ମ ଟେଷ୍ଟର ପ୍ରଥମ ଇନିଂସ ପରେ ଭାରତ ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ୍ କରିବାର ରେକର୍ଡ ପ୍ରତିଷ୍ଠା କରିଛି। ପୂର୍ବରୁ ଏହି ରେକର୍ଡ ୧୯୭୮-୭୯ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୬ ମ୍ୟାଚ୍ ବିଶିଷ୍ଟ ଘରୋଇ ସିରିଜ୍‌ରେ ୩,୨୭୦ ରନ୍ ସଂଗୃହୀତ ହୋଇଥିଲା। ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତ ୪୭ ରନ୍ କରିବା ପରେ ଏହି ରେକର୍ଡ ଅତିକ୍ରମ କରିଥିଲା। ଏବେ ଦଳ ୩୪୬୮ ରନ୍ କରିଛି।

## ପୁରୁଷ ବନ୍ଧୁଙ୍କୁ ଧକ୍କା ମାରି ରିଚାର୍ଡସନ ଗିରଫ



ୱାଶିଂଟନ, ୨।୮ (ଏଜେନ୍ସି): ଆମେରିକାର ମହାନ ଧାବିକା ଶା’କାରୀ ରିଚାର୍ଡସନ ଏକ ଘରୋଇ ହିଂସା ମାମଲାରେ ଗିରଫ ହୋଇଛନ୍ତି। ତେବେ ଗିରଫ କରିବାର ଗୋଟିଏ ଦିନ ପରେ ପୁଲିସ ତାଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି। ୨୫ ବର୍ଷୀୟା ଶା’କାରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ମଧ୍ୟରେ ନିକଟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶା’କାରୀ ପୁରୁଷ ବନ୍ଧୁଙ୍କୁ ଧକ୍କା କରିଥିଲେ। ଫଳରେ ସେ ଏକ ଖୁଣ୍ଟରେ ମାଡ଼ ହୋଇ ପଡ଼ିଯାଇଥିଲେ। ଏହି ମାମଲାରେ ପୁଲିସ ତାଙ୍କୁ ଗିରଫ କରି ପରେ ଛାଡ଼ିଦେଇଥିବା ଆମେରିକୀୟ ଗଣମାଧ୍ୟମରୁ ଜଣାପଡ଼ିଛି। ବିଶ୍ୱ ସ୍ପ୍ରିଣ୍ଟରେ ଶା’କାରୀ ଜଣେ ତାରକା ଧାବିକା। ସେ ଗତ ପ୍ୟାରିସ ଅଲିମ୍ପିକ୍ସରେ ୧୦୦ ମିଟର ରେସରେ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ୨୦୨୩ ବିଶ୍ୱ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲେ।

## ସାଇନା-କାଶ୍ୟପଙ୍କ ବିଚ୍ଛେଦରେ ୟୁ ଟର୍ନ



ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଭାରତୀୟ ବ୍ୟାଡ୍‌ମିଣ୍ଟନର ଦୁଇ ତାରକା ଖେଳାଳି ସାଇନା ନେହୱାଲ ଓ ପାରୁପଲ୍ଲୀ କାଶ୍ୟପଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହେବାର ଦିନ କେଇଟା ହୋଇଛି। ଗତ ଜୁଲାଇ ୧୩ରେ ଏହି ଚର୍ଚ୍ଚିତ କ୍ରୀଡ଼ା ଦମ୍ପତଙ୍କ ମଧ୍ୟରେ ବିଚ୍ଛେଦ ହୋଇଥିଲା। କିନ୍ତୁ ଏବେ ସାଇନା-କାଶ୍ୟପଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ସାଇନା ଓ କାଶ୍ୟପ ପୁଣିଥରେ ଏକାଠି ହୋଇପାରନ୍ତି। ସାଇନା ଶନିବାର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ଏକ ଫଟୋ ଓ କିଛି ଲେଖାରୁ ଦୁଇଜଣଙ୍କ ସମ୍ପର୍କ ପୁଣିଥରେ ଯୋଡ଼ି ହେବାକୁ ଯାଉଛି ବୋଲି ଚର୍ଚ୍ଚା ଜୋର୍ ଧରିଛି। ସାଇନା ତାଙ୍କ ଇନ୍‌ଷ୍ଟାଗ୍ରାମରେ କାଶ୍ୟପଙ୍କ ସହ ଏକାଠି ଏକ ମନୋରମ ସ୍ଥାନରେ ଠିଆ ହୋଇଥିବା ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋ ତଳେ ସେ ଲେଖିଛନ୍ତି, ‘ବେଳେବେଳେ ଦୂରତା ତୁମକୁ ଉପସ୍ଥିତିର ଗୁରୁତ୍ୱ ଶିଖାଇଥାଏ। ହଁ ଆମେ ପୁଣି ଚେଷ୍ଟା କରୁଛୁ।’ ସାଇନାଙ୍କ ଏହି ପୋଷ୍ଟ ହିଁ ଏହି କ୍ରୀଡ଼ା ଦମ୍ପତି ପୁଣିଥରେ ଏକାଠି ହେବାକୁ ଯାଉଥିବା ଖୋରାକ ଯୋଗାଇଛି। ସାଇନା ଓ କାଶ୍ୟପ ୨୦୧୮ ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

### ମାକାଉ ଓପନ୍‌ରେ ଡବଲ୍ ଝଟ୍‌କା

## ଲକ୍ଷ୍ୟ, ତରୁଣ ସେମିରେ ଅଟକିଲେ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଚଳିତ ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତକୁ ଡବଲ୍ ଝଟ୍‌କା ଲାଗିଛି। ଦୁଇ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ଓ ତରୁଣ ମାନ୍ନେପାଲ୍ଲି ସେମିଫାଇନାଲରେ ପରାସ୍ତ ହୋଇ ନିରାଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଲକ୍ଷ୍ୟ ସେନ୍ ୧୬-୨୧, ୯-୨୧ ଗେମ୍‌ରେ ଇଣ୍ଡୋନେସିଆର ଆଲୱି ଫରହାନ୍‌ଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ଅନ୍ୟ ଏକ ତରୁଣ ୨୧-୧୯, ୧୬-୨୧, ୧୬-୨୧ ଗେମ୍‌ରେ ମାଲେସିଆର ଜଷ୍ଟିନ ହୋ’ଙ୍କ ଠାରୁ ହାରି ଫାଇନାଲକୁ ଉଠିବାରେ ବିଫଳ ହୋଇଥିଲେ।

## ଭାରତୀୟ ବକ୍ସିଂ ସଂଘ ନିର୍ବାଚନ ୨୧ରେ

ନୂଆଦିଲ୍ଲୀ,୨।୮ (ଏଜେନ୍ସି): ବିବାଦ ମଧ୍ୟରେ ଛନ୍ଦି ହୋଇପଡ଼ିଥିବା ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ର ନିର୍ବାଚନ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଭାରତର ଦୈନନ୍ଦିନ ବକ୍ସିଂ କାର୍ଯ୍ୟକ୍ରମ ପରିଚାଳନା କରିବା ପୂର୍ବତନ ସଭାପତି ଅଜୟ ସିଂଙ୍କ ଅଧ୍ୟକ୍ଷତାରେ ଏକ ମଧ୍ୟବର୍ତ୍ତୀକାଳୀନ ପରିଚାଳନା କମିଟି ଗଠିତ ହୋଇଥିଲା। ନିର୍ବାଚନ ସମ୍ପର୍କରେ ଏହି କମିଟି ଘୋଷଣା କରିବା ପରେ ଅଜୟ ସିଂ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ଦୁଇ ଥର ସଭାପତି ରହିଆସିଥିବା ସ୍ପାଇସ୍‌ଜେଟ୍ ଏୟାର ଲାଇନ୍ସର ମାଲିକ ଅଜୟ ସିଂ ତୃତୀୟଥର ନିର୍ବାଚନ ଲଢ଼ିବାକୁ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି। ତାଙ୍କ ଇସ୍ତଫାପତ୍ର ୱାର୍ଲ୍ଡ ବକ୍ସିଂ ଦ୍ୱାରା ଗୃହୀତ ହୋଇଛି ଓ ସିଙ୍ଗାପୁରର ବକ୍ସିଂ ସଂଘ ସଭାପତି ଫଇରୁଜ୍ ଅହମ୍ମଦ୍‌ଙ୍କୁ ନୂଆ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସେହିପରି ଅଗଷ୍ଟ ୨୧ ତାରିଖ ଦିନ ହେବାକୁ ଥିବା ନିର୍ବାଚନରେ ୱାର୍ଲ୍ଡ ବକ୍ସିଂ ସଭାପତି ବୋରିସ ଭାନ ଡର ୱର୍ଷ୍ଟ ଓ ଆକ୍ଟିଂ ସେକ୍ରେଟାରୀ ଜେନେରାଲ ମାଇକ୍ ମ୍ୟାକଅଟି ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ ସମୟରେ ଉପସ୍ଥିତ ରହିବେ। ଅଜୟ ସିଂଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ପୁଣିଥରେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହୋଇଛନ୍ତି। ଗତ ନିର୍ବାଚନରେ ଅନୁରାଗ ଜଣେ ନିର୍ବାଚିତ ପ୍ରତିନିଧି ହୋଇ ନ ଥିବାରୁ ତାଙ୍କ ଭୋଟର ତାଲିକାରୁ ବାଦ୍ ଦେବା ସହ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରିଥିଲେ। ଏହାକୁ ନେଇ ଏବେ ମଧ୍ୟ ମକଦ୍ଦମା ଚାଲିଛି। କିନ୍ତୁ ଏହି ଘଟଣା ପରେ ବିଏଫ୍‌ଆଇରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏଥିରେ ୱାର୍ଲ୍ଡ ବକ୍ସିଂ ହସ୍ତକ୍ଷେପ କରି ଅଗଷ୍ଟ ୩୧ ତାରିଖ ସୁଦ୍ଧା ନିର୍ବାଚନ ଶେଷ କରିବା ସହ ନୂଆ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଚୂଡ଼ାନ୍ତ ସମୟ ଧାର୍ଯ୍ୟ କରିଥିଲା।

### ଗ୍ରୀନ୍ ବେଜ୍ କ୍ଲାସିକ ସ୍ନୁକର

## ରାକେଶ ଚାମ୍ପିଅନ, ଆଶୁତୋଷ ରନର୍ସ




ଭୁବନେଶ୍ୱର,୨।୮ (ସମିସ): ଡାକ୍ତର ରାକେଶ ରୋଶନ ପ୍ରଧାନ ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ ଓଡ଼ିଶା ଓପନ ଟେନ୍ ରେଡ୍ ସ୍ନୁକର ଚାମ୍ପିଅନସିପ୍। ସାଲିଆସାହିସ୍ଥିତ ଭିଣ୍ଟେଜ୍ କ୍ଲବ୍ ପରିସରରେ ଆଜି ଅନୁଷ୍ଠିତ ଫାଇନାଲ ଖେଳରେ ଡାକ୍ତର ରାକେଶ ୫-୩ ଫ୍ରେମ୍‌ରେ ରାଜ୍ୟର ନମ୍ବର-୧ ଖେଳାଳି ଆଶୁତୋଷ ପାଢ଼ୀଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି। ଏହା ଫଳରେ ଚାମ୍ପିଅନ ରାକେଶଙ୍କୁ ଟ୍ରଫି ସହ ୨୫,୦୦୦ ଟଙ୍କା ଓ ରନର୍ସଅପ୍ ଆଶୁତୋଷଙ୍କୁ ଟ୍ରଫି ସହ ୧୨,୫୦୦ ଟଙ୍କା ପ୍ରଦାନ କରାଯାଇଛି। ଏହା ବ୍ୟତୀତ ସେମିଫାଇନାଲରେ ପରାଜିତ ହୋଇଥିବା ତାରକା ଖେଳାଳି ସୁବ୍ରତ ଦାସ ଓ ଉଦୀୟମାନ ଖେଳାଳି ଅବିନାଶ ମହାପାତ୍ରଙ୍କୁ ୬,୦୦୦ ଲେଖାଏଁ ଟଙ୍କା ମିଳିଛି। କ୍ୱାର୍ଟର ଫାଇନାଲରେ ପରାଜିତ ଖେଳାଳିଙ୍କୁ ୩,୦୦୦ ଲେଖାଏଁ, ସର୍ବାଧିକ ବ୍ରେକ୍ ମାରିଥିବା ଆଶୁତୋଷଙ୍କୁ ୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଖେଳ ଶେଷରେ ବିଶିଷ୍ଟ ବ୍ୟକ୍ତିବିଶେଷ ମିଶାଲ ସ୍ୱାଇଁ, ନିଶାଙ୍କ ଅଗରୱାଲ, ଦେବାଞ୍ଜନ ରାୟ, ଦିବ୍ୟଜ୍ୟୋତି ମିଶ୍ର, ଡଃ ଅତନୁ ରଞ୍ଜନ ନାୟକ, ପି. ଗୋବିନ୍ଦ ରାଓ, ସୁଦୀପ୍ତ ଦାଶ, ଅଲତାଫ ଅଲି ଓ ଶ୍ୟାମ ଅଗରୱାଲ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

### ଜାତୀୟ ସବ୍‌ଜୁନିଅର ବାଳକ ହକି

## ଦ୍ୱିତୀୟ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା




ଭୁବନେଶ୍ୱର, ୨।୮ (ସମିସ): ଚେନ୍ନାଇରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳକ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଓଡ଼ିଶା ଏହାର ଦ୍ୱିତୀୟ ପୁଲ୍ ମ୍ୟାଚରେ ୫-୧ ଗୋଲ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ମନଦୀପ୍ କେରକେଟ୍ଟା ହ୍ୟାଟ୍ରିକ ଏବଂ ଦୀପକ ଟପ୍ପୋ ଓ ସଞ୍ଜିତ ରାଜ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମୁକାବିଲାରେ ୩-୧ ଗୋଲ୍‌ରେ ଚଣ୍ଡିଗଡ଼କୁ ହରାଇଥିଲା। କ୍ରମାଗତ ୨ଟି ବିଜୟ ହାସଲ କରିଥିବା ଓଡ଼ିଶା ବାଳକ ଦଳ ଏଥିସହ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ସୋମବାର ଝାଡ଼ଖଣ୍ଡ କିମ୍ବା ପଞ୍ଜାବ ସହ ଓଡ଼ିଶା କ୍ୱାର୍ଟର ଫାଇନାଲ ଖେଳିପାରେ।

### ଆଇଏସ୍‌ଏଲ ଆୟୋଜନ ନେଇ ଅନିଶ୍ଚିତତା

# ଖେଳାଳି, କର୍ମକର୍ତ୍ତାଙ୍କ ଚୁକ୍ତି ବାତିଲ କଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୨।୮ (ସମିସ)




ଏକ ଅଭାବନୀୟ ଘଟଣାକ୍ରମରେ ଓଡ଼ିଶା ଏଫ୍‌ସି ତାହାର ସମସ୍ତ ଖେଳାଳି ଓ କର୍ମକର୍ତ୍ତା (ସପୋର୍ଟ ଷ୍ଟାଫ୍‌ଙ୍କ ଚୁକ୍ତି ବାତିଲ କରିଛି। ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ (ଆଇଏସ୍‌ଏଲ୍) ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବା ନେଇ ଅନିଶ୍ଚିତତା ସୃଷ୍ଟି ହେବାରୁ ଭୁବନେଶ୍ୱର ଭିତ୍ତିକ କ୍ଲବ୍ ଓଡ଼ିଶା ଏଫ୍‌ସି ଏହି ନିଷ୍ପତ୍ତି ନେଇଛି। ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେଙ୍କ ସହ ସାକ୍ଷାତ ଆଲୋଚନା କରିବାକୁ ନିଷ୍ପତ୍ତି ନେବାର ଗୋଟିଏ ଦିନ ପରେ ଓଡ଼ିଶା ଏଫ୍‌ସି ଏଭଳି ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ମଙ୍ଗଳବାରଠାରୁ ବା ଅଗଷ୍ଟ ୫ରୁ କାର୍ଯ୍ୟକ୍ଷମ ହେବ। ୨୦୨୩-୨୪ରେ ସୁପର କପ୍ ରନର୍ସ ଅପ୍ ହୋଇଥିବା ଓଡ଼ିଶା ଏଫ୍‌ସି ଚଳିତବର୍ଷ ଡୁରାଣ୍ଡ କପ୍ ଖେଳି ନ ଥିଲା। କମ୍ପାନୀ ନିୟମର ଫୋର୍ସ ମାଜେୟୁର ଅନୁଯାୟୀ ପ୍ରଥମ କ୍ଲବ୍ ଭାବେ ଓଡ଼ିଶା ଏଫ୍‌ସି ଏହି ନିଷ୍ପତ୍ତି ଗ୍ରହଣ କରିଛି।

ନିଜର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଓଡ଼ିଶା ଏଫ୍‌ସି ଦେଇଥିବା ଚିଠିରେ ଉଲ୍ଲେଖ କରିଛି ଯେ, ଏଆଇଏଫ୍‌ଏଫ୍‌ର ବ୍ୟବସାୟିକ ସହଯୋଗୀମାନେ ଆଇଏସ୍‌ଏଲ୍ ଆୟୋଜନ ନେଇ ନୂଆ ରାଜିନାମାରେ ସ୍ୱାକ୍ଷର କରିବାକୁ ମନା କରିବା ଫଳରେ ୨୦୨୫-୨୬ ସିଜନରେ ଆଇଏସ୍‌ଏଲ୍ ଅନିର୍ଦ୍ଦିଷ୍ଟକାଳ ଲାଗି ସ୍ଥଗିତ ରହିଛି। ଉଭୟ ପକ୍ଷଙ୍କ ମଧ୍ୟରେ ମାଷ୍ଟର୍ସ ରାଇଟସ ଏଗ୍ରିମେଣ୍ଟକୁ ସ୍ଥଗିତ ରଖାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏଆଇଏଫ୍‌ଏଫ୍ ଓ ସେମାନଙ୍କ ବ୍ୟବସାୟିକ ସହଯୋଗୀଙ୍କ ମଧ୍ୟରେ କୌଣସି ବୁଝାମଣା ସମ୍ଭବ ହୋଇପାରି ନାହିଁ। ଏପରିକି ସହଯୋଗୀମାନେ ଏ ସମ୍ପର୍କରେ ଆଲୋଚନା କରିବାକୁ ଆଦୌ ଇଚ୍ଛା ପ୍ରକାଶ କରି ନାହାନ୍ତି। ଯାହା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ଆୟୋଜନ ହେବା ସମ୍ଭବ ନୁହେଁ। ଓଡ଼ିଶା ଏଫ୍‌ସିର ମୂଳ କମ୍ପାନୀ ଦିଲ୍ଲୀ ସକ୍କର ପ୍ରାଇଭେଟ ଲିଃ ପକ୍ଷରୁ ଅଜିତ ପଣ୍ଡାଙ୍କ ସ୍ୱାକ୍ଷରରେ ଏହି ଚିଠି ସମସ୍ତଙ୍କୁ ଦିଆଯାଇଛି। ସେମାନେ ଏବେ ଅନ୍ୟ ପେସାଦାର ଟିମ୍ କିମ୍ବା ସଂଗଠନରେ ଯୋଗଦେବାକରେ ଓଡ଼ିଶା ଏଫ୍‌ସିର କୌଣସି ଆପତ୍ତି ନାହିଁ ବୋଲି ଦର୍ଶାଯାଇଛି। ଆପୋସ ବୁଝାମଣା ଭିତରେ ଆମେ ସବୁକିଛି କରିବାକୁ ପ୍ରସ୍ତୁତ ବୋଲି ପଣ୍ଡା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଯାହା ଆମ ହାତରେ ନାହିଁ ତାହା କରିବା ସମ୍ଭବପର ନୁହେଁ ବୋଲି ସେ କହିଛନ୍ତି। କ୍ଲବ୍‌ର ସଭାପତି ରୋହନ ଶର୍ମା ‘ଏକ୍ସ’ରେ କହିଛନ୍ତି ଆମେ କ୍ଲବ୍ ବନ୍ଦ କରିନାହୁଁ। କ୍ଲବ୍‌ର ଅନେକ ବରିଷ୍ଠ କର୍ମକର୍ତ୍ତାଙ୍କୁ ଆମେ ରଖିଛି ଓ ଏବେ ମଧ୍ୟ ମହିଳା ଟିମ୍ ରହିଛି। କୋଟି କୋଟି ଟଙ୍କା କ୍ଷତି ହେବା ପରେ କ୍ଲବ୍‌ରୁ ଅଂଶୀଦାର ମାନଙ୍କୁ ବୁଝାଇବା କଷ୍ଟକର ହୋଇପଡ଼ିଛି। ଆମେ ଆଶା କରୁଛୁ ଏହି ଅଚଳାବସ୍ଥା ଖୁବ୍ ଶୀଘ୍ର ଶେଷ ହେବ। କଳିଙ୍ଗ ଷ୍ଟାଡିୟମ୍‌ରେ ଆମକୁ ଆଉ ଖେଳିବାକୁ ସୁଯୋଗ ମିଳିବ କି ନାହିଁ ତାହା ଆମେ ଜାଣିନାହୁଁ। ଗତ ସରକାର ଭଳି ବର୍ତ୍ତମାନ ସରକାରଙ୍କଠାରୁ ସହଯୋଗ ମିଳୁନାହିଁ। ଏଣୁ ଆମକୁ ଆଶଙ୍କା ମଧ୍ୟରେ ରହିବାକୁ ପଡ଼ିଛି। ସେହିପରି ନିକଟରେ ୮ଟି ମୂଳ ଆଇଏସ୍‌ଏଲ କ୍ଲବ୍ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେଙ୍କ ସହ ଆଲୋଚନା କରିବାକୁ ସମୟ ମାଗିଥିଲେ। କିନ୍ତୁ ଏହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ। ଚଳିତବର୍ଷ ଆଇଏସ୍‌ଏଲ୍‌ରେ ଓଡ଼ିଶା ଏଫ୍‌ସି ୭ମ ସ୍ଥାନରେ ରହିଥିଲା। ୨୦୨୩-୨୪ରେ ଇଣ୍ଡିଆନ୍ ୱିମେନ ଲିଗ୍ ଚାମ୍ପିଅନ ହୋଇଥିବା ମହିଳା ଦଳ ଚଳିତ ସିଜନରେ ଶେଷ ସ୍ଥାନରେ ରହିଛି।